R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୦୪
ତିଥି : ତୃତୀୟା
୦୫ ଅକ୍ଟୋବର ୨୦୨୪, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

28th ANNIVERSARY

Bhubaneswar | Balasore | Angul | Berhampur | Sambalpur | Jeypore




# ୩୬ ମାଓବାଦୀ ନିହତ

ନୂଆଦିଲ୍ଲୀ, ୪।୧୦ : ଛତିଶଗଡ ସୀମା ନାରାୟଣପୁର ଦାନ୍ତେୱାଡାରେ ସୁରକ୍ଷା କର୍ମୀଙ୍କ ଗୁଳିରେ ୩୬ ମାଓବାଦୀ ନିହତ ହୋଇଛନ୍ତି । ସୁରକ୍ଷା ବଳକୁ ଗତ କିଛିଦିନ ମଧ୍ୟରେ ଏହା ଏକ ସବୁଠୁ ବଡ ସଫଳତା ବୋଲି କୁହାଯାଉଛି ।

ଡିଷ୍ଟ୍ରିକ୍ ରିଜର୍ଭ ଗାର୍ଡ ଓ ସ୍ପେଶାଲ ଟାସ୍କଫୋର୍ସ ଗତକାଲିଠାରୁ ମାଓ ବିରୋଧୀ ଅପରେସନ ଆରମ୍ଭ କରିଥିଲେ । ଆଜି ମଧ୍ୟାହ୍ନ ସାଢେ ୧୨ଟା ବେଳେ ଏହି ଏନ୍‌କାଉଣ୍ଟର ଘଟିଥିଲା । ଏନ୍‌କାଉଣ୍ଟରରେ ୩୬ ମାଓବାଦୀ ନିହତ ହୋଇଛନ୍ତି ।



ଏହାଛଡା ଅନେକ ଆସଲ୍ଟ ରାଇଫଲ ଜବତ କରାଯାଇଛି । ଯାହା ମଧ୍ୟରେ ଏକେ ସିରିଜ୍‌ର ଅସ୍ତ୍ରଶସ୍ତ୍ର ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ରହିଛି । ଗୁଇନ୍ଦା ବିଭାଗର ସୂଚନା ଅନୁଯାୟୀ ଏହି ଅଞ୍ଚଳରେ ବିପୁଳ ସଂଖ୍ୟାରେ ମାଓବାଦୀମାନେ ଉପସ୍ଥିତ ଅଛନ୍ତି । ଫଳରେ ଗତକାଲିଠାରୁ ଅପରେସନ ଆରମ୍ଭ ହୋଇଥିଲା । ଗୋଭେଲ, ନାନ୍ଦୁର ଓ ତୁରୁଥିଲି ଗାଁ ଯାହାକି ଓର୍ଚ୍ଛା ଓ ବସରପୁର ଥାନା ଅଧୀନରେ ଆସୁଛି । ଏକାଥରେ ଏହି ଗ୍ରାମଗୁଡିକରେ ମିଳିତ ଅପରେସନ ଆରମ୍ଭ ହୋଇଥିଲା । ଆଜି ମଧ୍ୟାହ୍ନରେ ନାନ୍ଦୁର-ତୁଲିଥିଲି ଠାରେ ଏନ୍‌କାଉଣ୍ଟର ଆରମ୍ଭ ହୋଇଯାଇଥିଲା । ସୁରକ୍ଷା କର୍ମୀ ଅତ୍ୟନ୍ତ ସତର୍କତାର ସହ ଆଗକୁ ବଢିଥିଲେ । ତେବେ କିଛି ମାଓବାଦୀ ଘନ ଜଙ୍ଗଲ ମଧ୍ୟରେ ପଳାଇ ଯାଇଥିବା ସୂଚନା ମିଳୁଛି । ଏଭଳି ଏନ୍‌କାଉଣ୍ଟର ଛତିଶଗଡରେ ସୁରକ୍ଷା କର୍ମୀଙ୍କ ପାଇଁ ବଡ ସଫଳତା ବୋଲି କୁହାଯାଉଛି ।

## ତିରୁପତି ଲଡୁ ବିବାଦର ତଦନ୍ତ କରିବ ଏସ୍‌ଆଇଟି

ନୂଆଦିଲ୍ଲୀ, ୪।୧୦ : ତିରୁପତି ମନ୍ଦିରର ଲଡୁ ପ୍ରସାଦକୁ ନେଇ ଉପୁଜିଥିବା ବିବାଦର ଏକ ନିରପେକ୍ଷ ତଦନ୍ତ ଲାଗି ସୁପ୍ରିମ୍‌କୋର୍ଟ ଏସ୍‌ଆଇଟି ଗଠନ କରିଛନ୍ତି । ଅଭିଯୋଗ ହୋଇଥିଲା ଯେ ତିରୁପତି ମନ୍ଦିରରେ ଯେଉଁ ଲଡୁ ପ୍ରସାଦ ବଣ୍ଟାଯାଉଛି, ସେଥିରେ ବ୍ୟବହୃତ ଘିଅ ଅପମିଶ୍ରିତ ବୋଲି ।

ଏହି ମାମଲାକୁ ଆଜି ଖାରଜ କରି ଜଷ୍ଟିସ୍ ବିଆର୍ ଗଭାଇ ଆଣ୍ଡ୍ କେଭି ବିଶ୍ୱନାଥନ କହିଥିଲେ ଯେ ଅଭିଯୋଗ ଓ ପ୍ରତିଅଭିଯୋଗକୁ ନେଇ ପ୍ରସଙ୍ଗ କରାଯାଉଛି । କୋର୍ଟ ରାଜନୈତିକ ଯୁଦ୍ଧକ୍ଷେତ୍ର ହେବା ପାଇଁ ଆମେ ଅନୁମତି ଦେବୁନାହିଁ । ତଦନ୍ତ ପାଇଁ ଗଠନ ହୋଇଥିବା ଏସ୍‌ଆଇଟି ସିବିଆଇ ତତ୍ତ୍ୱାବଧାନରେ ଚାଲିବ । ସିବିଆଇ ନିର୍ଦ୍ଦେଶକ ଏହାର ତତ୍ତ୍ୱାବଧାନ କରିବେ । ଏହି ଏସ୍‌ଆଇଟିରେ ସିବିଆଇର ଦୁଇ ଅଧିକାରୀ, ଆନ୍ଧ୍ର ପୋଲିସ, ଏଫ୍‌ଏସ୍‌ଏସ୍‌ଏଆଇର ଜଣେ ବରିଷ୍ଠ ଅଧିକାରୀ ଏହାର ସଦସ୍ୟ ରହିବେ । ତା'ଛଡା ଏହି ଟିମ୍‌ରେ ରାଜ୍ୟ ସରକାର ଜଣକୁ ବାଦ୍‌ଦେଇ ଅନ୍ୟ କାହାକୁ ନିଯୁକ୍ତି କରିପାରିବେ । ଖଣ୍ଡପୀଠ କହିଥିଲେ ଯେ ପୁରୁଣା ଏସ୍‌ଆଇଟିର ସ୍ୱାଧୀନ ଓ ସ୍ୱଚ୍ଛତା ଏହି ନୂଆ ଏସ୍‌ଆଇଟି ଦ୍ୱାରା ପ୍ରତିଫଳନ ହେବନାହିଁ । ତେବେ ପ୍ରଶ୍ନ ହେଉଛି ଯେ କୋଟି କୋଟି ଭକ୍ତଙ୍କର (୯ ପୃଷ୍ଠାରେ)

## ଖଣ୍ଡା ଚୋଟରେ କନେଷ୍ଟବଳଙ୍କ ପାପୁଲି କଟିଲା

ସମ୍ବଲପୁର, ୪।୧୦ (ସବ୍ୟୁ) : ଏକ ଘରୋଇ କଳିର ସମାଧାନ କରିବାକୁ ଯାଇ ଜଣେ ପୋଲିସ କନେଷ୍ଟବଳ ଖଣ୍ଡା ଚୋଟ ଖାଇଛନ୍ତି । ତାଙ୍କର ପାପୁଲି ଛିଣ୍ଡି ଯାଇଥିବା ଜଣାପଡିଛି । ତାଙ୍କୁ ତୁରନ୍ତ ବୁର୍ଲା ଭିମସାର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ବୁର୍ଲା ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଏହାର ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ଝରାପାଲି ଗ୍ରାମରେ ଏକ ଦମ୍ପତିଙ୍କ ମଧ୍ୟରେ କଳି ଝଗଡା ଲାଗିଥିଲା । ଏହାର ସମାଧାନ ପାଇଁ କନେଷ୍ଟବଳ ସରୋଜ ଭୋଇ ପୋଲିସ ପିସିଆର ସହ ସଂପୃକ୍ତ ଗ୍ରାମକୁ ଯାଇଥିଲେ । ସମାଧାନ ପାଇଁ ଆଲୋଚନା କରୁଥିବା ବେଳେ ଘରେ ଲୁଚି ରହିଥିବା କମଳ ଚରଣ ପ୍ରଧାନ ତାଙ୍କୁ (୯ ପୃଷ୍ଠାରେ)

## ରାଜଧାନୀରେ ଦୁଇ ପୋଲିସଙ୍କୁ ଛୁରାମାଡ

ଭୁବନେଶ୍ୱର, ୪।୧୦ (ସବ୍ୟୁ) : ଛୁରାମାଡରେ ଦୁଇ ପୋଲିସ ସମେତ ୫ଜଣ ଆହତ ହୋଇଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ଶ୍ରୀରାମନଗରରେ ଏକ ଗଣ୍ଡଗୋଳ ଘଟଣାର ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା । ଗଣ୍ଡଗୋଳକାରୀ ଯୁବକଙ୍କୁ କାବୁ କରିବାକୁ ଯିବାବେଳେ ସେ ଛୁରାମାଡ କରିବାରୁ ଦୁଇଜଣ ପୋଲିସ ଆହତ ହୋଇଥିଲେ ।

ଗୁରୁବାର ରାତିରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିହାଣୀ ଶ୍ରୀରାମନଗରରେ ଗାଡି ହର୍ଣ୍ଣ ମାରିବାକୁ ନେଇ ଗଣ୍ଡଗୋଳ ହେବାରୁ ଜଣେ ଯୁବକ ସ୍ଥାନୀୟ ତିନିଜଣ ଯୁବକଙ୍କୁ ଛୁରାମାଡ କରିବାରୁ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା । ବାଧ୍ୟ ହୋଇ ସ୍ଥାନୀୟ ଲୋକେ (୯ ପୃଷ୍ଠାରେ)




ଓଡ଼ିଶା ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ନିଯୁକ୍ତି ସମାରୋହ
ନବନିଯୁକ୍ତ ୧୬୦୦୯
କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ(Schematic)ଙ୍କ ମାର୍ଗଦର୍ଶନ କାର୍ଯ୍ୟକ୍ରମ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶିଷ୍ଟ ଅତିଥି
ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ
ଶିକ୍ଷା ମନ୍ତ୍ରୀ, ଭାରତ ସରକାର

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା
ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଶ୍ରୀ ସୂର୍ଯ୍ୟବଂଶୀ ସୁରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

୦୫ ଅକ୍ଟୋବର ୨୦୨୪ । କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

OIPR: 27068/13/0010/2425 DSPL-139



# ଷ୍ଟ୍ରେସ୍ ଡାଏଟ୍

ଆଜିକାଲି ଷ୍ଟ୍ରେସ୍ ଆମମାନଙ୍କ ଲାଇଫ୍‌ର ଏକ ଅଂଶ ଭାବେ ଉଭା ହୋଇଛି । ଯେତେ ଛୋଟ ପିଲାଟିଏ ହେଉ ପଛେ ତାର ମଧ ଷ୍ଟ୍ରେସ୍ ରହୁଛି । ପାଠ ପଢା ହେଉ କିମ୍ବା କ୍ଲାସ୍‌ରେ ଫାଷ୍ଟ ଆସିବାର ଷ୍ଟ୍ରେସ୍ ସବୁବେଳେ ତାଙ୍କ ମୁଣ୍ଡରେ ରହୁଛି । ସେହିଭଳି ବଡ ମାନଙ୍କର ବିଭିନ୍ନ ପ୍ରକାରର ଚିନ୍ତା ରହୁଛି । ସବୁବେଳେ ସମସ୍ତେ ଆମକୁ ଷ୍ଟ୍ରେସ ଫ୍ରି ହେବାର ପରାମର୍ଶ ଦେଇଥାଆନ୍ତି । ଏଭଳି କି କେତେଜଣ ଡାକ୍ତର ପାଖୁ ଯିବାପାଇଁ ମଧ ପରାମର୍ଶ ଦେଇଥାଆନ୍ତି । ହେଲେ ଏଭଳି କିଛି ଖାଦ୍ୟ ଓ ଭିଟାମିନ୍ସ ରହିଛି ଯାହାକୁ ଖାଇବା ଦ୍ୱାରା ଆମର ଷ୍ଟ୍ରେସ୍ ଦୂର ହୋଇଥାଏ । ଆସନ୍ତୁ ଜାଣିବା ସେହିଭଳି କିଛି ଖାଦ୍ୟ ବିଷୟରେ ।

- ଭିଟାମିନ ବି ଷ୍ଟ୍ରେସ୍ ରିମୁଭ୍ କରିବାର ଏକ ବଡ ଉପାୟ । ଖାଦ୍ୟରେ ଯେତେ ପରିମାଣରେ ଭିଟାମିନ୍ ବି ରହିବ ଆମ ଷ୍ଟ୍ରେସ୍ ସେତେ ଦୂର ହେବ । ତେଣୁ ମିଲ୍‌ରେ ଭିଟାମିନ୍ ବି ଥିବା ଖାଦ୍ୟ ଅଧିକ ସାମିଲ କରନ୍ତୁ ଯେପରି ପନି ପରିବା ।
- କଞ୍ଚାରେ ଖାଇହେଉଥିବା ପନିପରିବା ଷ୍ଟ୍ରେସ୍ ପାଇଁ ବେଶ ଉପଶମ ସାବ୍ୟସ୍ତ ହୋଇଥାଏ । ଆପଣ ଯେତେବେଳେ ବି ଖାଲି ସମୟ ପାଉଛନ୍ତି ତେବେ ଗାଜର, କାକୁଡି ଆଦି ଖାଇପାରିବେ ଏହା ମନର ଅବସାଦକୁ ଦୂର କରିଥାଏ ।
- ଭିଟାମିନ୍ ବି' ଭଳି ସି' ମଧ ଏଥିପାଇଁ ଉପକାରୀ । ସବୁବେଳେ ଦିନର ଖାଦ୍ୟରେ ଭିଟାମିନ୍ ସି' ଥିବା ଖାଦ୍ୟକୁ ସାମିଲ କରନ୍ତୁ ।
- ସେହିଭଳି ଷ୍ଟ୍ରେସ୍‌ରୁ ଦୂରରେ ରହିବା ପାଇଁ ନିଜର କମ୍ପର୍ଟ ଫୁଡ୍‌ର ସହାୟତା ନିଅନ୍ତୁ । ତେବେ ଧ୍ୟାନ ରଖନ୍ତୁ ଏହାର ହେଲ୍ଥି ଭର୍ସନ୍‌କୁ ଖାଇବେ ନଚେତ୍ ପେଟ ଜନିତ ସମସ୍ୟା ଦେଖିଯିବାର ଆଶଙ୍କା ରହିଥାଏ ।

# ପୂଜାମଣ୍ଡପରେ ନ୍ୟାୟ ଦାବି

ବିଗତ କିଛି ଦିନ ହେବ କୋଲକାତା ଆର୍ ଜି କର ହସ୍‌ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଛି । ତେବେ ଏ ପର୍ଯ୍ୟନ୍ତ ଏ ଘଟଣାର କୌଣସି ସମାଧାନ ହୋଇ ନାହିଁ । ଏବେ ବି କାର୍ଯ୍ୟରତ ଡାକ୍ତର ଆନ୍ଦୋଳନରେ ବସିଛନ୍ତି । ତେବେ ଏହାର ପ୍ରଭାବ କୋଲକାତା ଦୁର୍ଗା ପୂଜା ପଣ୍ଡାଲରେ ପଡିଥିବା ଦେଖିବାକୁ ମିଳିଛି । ନିଜର ଦୁର୍ଗା ପୂଜା ପାଇଁ ପରିଚିତ କୋଲକାତାରେ ଦେଖିବାକୁ ମିଳିଛି ୩୧ ବର୍ଷୀୟା ଡାକ୍ତରଙ୍କୁ ନ୍ୟାୟ ଦାବି । ବିଭିନ୍ନ ମଣ୍ଡପରେ ପୀଡିତାଙ୍କୁ ନ୍ୟାୟ ଦାବିରେ ମୂର୍ତ୍ତି ସହ ପେଣ୍ଡାଲକୁ ସଜାଯାଇଛି । ଏହି ସାଜସଜ୍ଜା ଓ ମାଆଙ୍କର ମୂର୍ତ୍ତୀରେ ସେମାନେ ଡାକ୍ତରଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି । ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସୋସିଆଲ ମିଡିଆରେ ମଧ ଏହି ଥିମକୁ ଲୋକ ସମର୍ଥନ କରୁଥିବା ଦେଖିବାକୁ ମିଳୁଛି । ଦୁର୍ଗା ପୂଜା ମାଧମରେ ସେମାନେ ନିଜର ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି ବୋଲି ପୂଜା କମିଟିମାନେ ମତ ରଖୁଛନ୍ତି ।



## ସୋସିଆଲ କୋଟ୍ସ



ମୋ ସହିତ ଯେଉଁମାନେ ବି କାମ କରିଛନ୍ତି ସମସ୍ତଙ୍କୁ ଧନ୍ୟବାଦ । ସମସ୍ତଙ୍କ ପାଖରୁ ଅନେକ କିଛି ଶିଖିଛି । ଶେଷ ପର୍ଯ୍ୟନ୍ତ ନିଜର ବେଷ୍ଟ ଦେଇଛି ।

ପଲକ ସିଧ୍ୱାନୀ,
ଅଭିନେତ୍ରୀ



ମୋତେ ସବୁବେଳେ କୁହାଯାଏ କି ମୁଁ ମେନ୍ ଷ୍ଟ୍ରିମ୍ ଅଭିନେତ୍ରୀ ହୋଇ ପାରିବି ନାହିଁ । ଲୋକମାନେ ଭାବନ୍ତି ଯଦି ୨୦ ବର୍ଷରେ ବ୍ରେକ୍ ନମିଳିଲା ତେବେ ଆଉ ମିଳିବ ନାହିଁ ।

ତିଲୋତ୍ତମା ଶୋମ୍,
ଅଭିନେତ୍ରୀ



ମୁଁ କାହିଁକି, ଅମିର ଖାନ୍‌ଙ୍କୁ ବି ଲାଲ୍ ସିଂ ଚଢାରେ ଅଭିନୟ କରିବାର ଆବଶ୍ୟକତା ନ ଥିଲା ।

ଶାହରୁଖ ଖାନ୍,
ଅଭିନେତା

## ଇତିହାସ

୧୭୯୬– ଇଂଲଣ୍ଡ ବିରୋଧରେ ସ୍ପେନ୍‌ର ଯୁଦ୍ଧ ଘୋଷଣା ।
୧୮୦୫– ଭାରତରେ ବ୍ରିଟିଶ ସାମ୍ରାଜ୍ୟର ଦ୍ୱିତୀୟ ଗଭର୍ଣ୍ଣର ଜେନେରାଲ୍ ତଥା କମାଣ୍ଡର ଇନ୍ ଚିଫ୍ ଲର୍ଡ କାର୍ଣ୍ଣବାଲିସ୍‌ଙ୍କ ଗାଜିପୁରରେ ଦେହାନ୍ତ ।
୧୮୬୪– କୋଲକାତା ବାତ୍ୟାରେ ପ୍ରାୟ ୫୦ ହଜାର ଲୋକଙ୍କ ମୃତ୍ୟୁ ।
୧୯୮୮– ବ୍ରାଜିଲ୍‌ର ସାମ୍ବିଧାନିକ ସଭା ପକ୍ଷରୁ ସମ୍ବିଧାନକୁ ମଞ୍ଜୁରୀ ।
୧୯୮୯– ନ୍ୟାୟାଧିଶ ମୀରା ସାହିବ ଫାତିମା ବିବି ସୁପ୍ରିମକୋର୍ଟର ପ୍ରଥମ ମହିଳା ଜଜ୍ ହେଲେ ।
୧୯୯୭– ଭାରତୀୟ ଟେନିସ ଖେଳାଳି ଲିଏଣ୍ଡର୍ ପେସ୍ ତଥା ମହେଶ ଭୂପତି ଚାଇନା ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟ ଟାଇଟଲ୍ ଜିତିଲେ ।
୨୦୧୧– ଆପଲ୍‌ର ପୂର୍ବତନ ସିଇଓ ତଥା ସହସଂସ୍ଥାପକ ଷ୍ଟିଭ୍ ଜବ୍ସଙ୍କ ଦେହାନ୍ତ ।
୨୦୧୧– ଭାରତରେ ବିଶ୍ୱର ସବୁଠୁ ଶସ୍ତା ୨୨୫୦ ଟଙ୍କିଆ ଟାବଲେଟ୍ ପିସି ଆକାଶକୁ ଲଞ୍ଚ୍ କରାଗଲା ।

# ଦିନକୁ ଖାଇଥାଏ ୧୬ ଟନ୍



ପୃଥିବୀର ସବୁଠାରୁ ବଡ ପ୍ରାଣୀ ଭାବେ ବଲେନ୍ ହ୍ୱେଲ୍ ବା ତିମି ମାଛ ପରିଚିତ । ତେବେ ଏକ ନୂଆ ରିପୋର୍ଟରେ ଏହାର ଖାଦ୍ୟକୁ ନେଇ ଆସିଛି ଅଜବ ତଥ୍ୟ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏକ ବଡ ବଲେନ୍ ହ୍ୱେଲ୍ ଦିନକୁ ପ୍ରାୟ ୧୬ଟନ୍ ଖାଦ୍ୟ ଖାଇପାରିବ ବୋଲି ଏକ ଗବେଷଣାରୁ ଜଣାପଡିଛି । ଏହି ଗବେଷଣାଟି ଦକ୍ଷିଣ ମହାସାଗରେ ଥିବା ବଲେନ୍ ହ୍ୱେଲ୍ ମାଛର ସାତଟି ପ୍ରଜାତି ଉପରେ କରାଯାଇଥିଲା । ଏହି ପ୍ରଜାତିର ନାଁ ବଲେନ୍ ହ୍ୱେଲ ଏଥିପାଇଁ ରଖାଯାଇଛି, କାରଣ ସେମାନଙ୍କ ପାଟିରେ ଏକ କଣ୍ଟା ଜାତୀୟ ଅଙ୍ଗ ରହିଛି ଯାହା ସାହାଯ୍ୟରେ ସେମାନେ ନିଜ ପାଟିରେ ଖାଦ୍ୟକୁ ଅଟକାଇ ରଖନ୍ତି । ତେବେ ଏହି ଗବେଷଣା କରିବା ପାଇଁ ମାଛମାନଙ୍କ ଶରୀରରେ ଏକ ସେନ୍ସର ଟ୍ୟାଗ୍ କରାଯାଇଥିଲା, ଯାହା ସାହାଯ୍ୟରେ ସେମାନଙ୍କୁ ଟ୍ରାକ କରାଯାଉଥିଲା । ତେବେ ଏଭଳି ଗବେଷଣା ପ୍ରଥମ ଥର ପାଇଁ କରାଯାଇଛି, ଯେଉଁଥିରେ ଏକ ବଞ୍ଚିଥିବା ହ୍ୱେଲ୍ ମାଛର ଖାଦ୍ୟକୁ ଟ୍ରାକ କରାଯାଇଛି । ଏହି ଟ୍ରାକିଂ ଦ୍ୱାରା ଜଣାପଡିଛି କି ଗୋଟେ ହ୍ୱେଲ୍ ମାଛ ଦିନକୁ ୧୬ଟନ୍‌ର ଖାଦ୍ୟ ଖାଇଥାଏ, ଯାହା ତା ଶରୀର ଓଜନର ୩୦ ପ୍ରତିଶତ ଅଟେ । ତେବେ ଗବେଷଣା କରାଯାଇଥିବା ବିଭିନ୍ନ ପ୍ରଜାତିଙ୍କର ଖାଦ୍ୟ ଖାଇବାର ପ୍ରକ୍ରିୟା ଭିନ୍ନଭିନ୍ନ । ସେହିଭଳି ଏହି ଗବେଷଣାରୁ ହ୍ୱେଲ୍‌କୁ ନେଇ ଅନ୍ୟ ଅକ ତଥ୍ୟ ସାମନାକୁ ଆସିଛି । ଗୋଟିଏ ହ୍ୱେଲ୍ ମାଛ ସମୁଦ୍ରରେ ବାୟୋମାସ ରୂପରେ ଥିବା ଲୁହାକୁ ରିସାଇକେଲ୍ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଗୋଟିଏ ହ୍ୱେଲ୍ ମାଛ ବର୍ଷକୁ ପ୍ରାୟ ୭ହଜାରରୁ ୧୫ ହଜାର ଟନ୍ ଲୁହା ରିସାଇକେଲ୍ କରିପାରିବ । ହ୍ୱେଲ୍ ମାଛ କାରଣରୁ ପାଣିରେ ଲୌହ ମିଶ୍ରଣ ହୋଇଥାଏ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି ।

# ଟଏଲେଟ୍ ସିଟ୍ ପାଇଁ କର

ସାଧାରଣତଃ କାହା ଘରେ କେତୋଟି ଶୌଚାଳୟ ରହିଛି ଏହା ଜାଣିବା କଷ୍ଟକର ହୋଇଥାଏ । ହେଲେ ବର୍ତ୍ତମାନ କାହା ଘରେ କେତୋଟି ଟଏଲିଟ୍ ସିଟ୍ ରହିଛି ତାହାର ହିସାବ ହିମାଚଳ ପ୍ରଦେଶ ସରକାର ରଖିବ । କେବଳ ଏତିକି ନୁହେଁ ପ୍ରତି ଟଏଲେଟ୍ ସିଟ୍ ପାଇଁ ଘରଲୋକଙ୍କୁ ୨୫ ଟଙ୍କାର କର ଦେବାକୁ ପଡିବ । ଏହି କର ସ୍ୱେରେଜ୍ ବିଲ୍ ଅଧିନରେ ଲୋକମାନେ ପ୍ରଦାନ କରିବେ । ଜାରି ହୋଇଥିବା ସଦ୍ୟତମ ନୋଟିସ ଅନୁସାରେ ପ୍ରତି ମାସରେ କର ବାବଦକୁ ୨୫ ଟଙ୍କା ପୈଠ କରିବାକୁ ହେବ । ତେବେ ଏହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । କିଛି ଲୋକ ଏଭଳି ନିଷ୍ପତ୍ତିକୁ ନାପସନ୍ଦ କରୁଥିବାର ମଧ ଦେଖିବାକୁ ମିଳିଛି । ସ୍ୱଚ୍ଛ ଭାରତ ଅଧିନରେ ଲୋକଙ୍କୁ ମାଗଣା ଶୌଚାଳୟ ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରାଯାଉଥିବାବେଳେ ହିମାଚଳ ସରକାରଙ୍କର ଏଭଳି ନିଷ୍ପତ୍ତିକୁ ଲୋକମାନେ ଗ୍ରହଣ କରିପାରୁନାହାନ୍ତି ।





# ଧୋନିଙ୍କ ପାଇଁ ସାଇକେଲ ଯାତ୍ରା

କ୍ୟାପ୍ଟେନ୍ କୁଲ୍ ଭାବେ ପରିଚିତ ଧୋନିଙ୍କର ଅନେକ ଫ୍ୟାନ ରହିଛନ୍ତି । ସମସ୍ତେ ତାଙ୍କ ଗେମ୍ ଓ ଷ୍ଟାଇଲ୍‌ର ପ୍ରଶଂସକ । ଧୋନିଙ୍କର ସେହିଭଳି ଜଣେ ପ୍ରଶଂସକ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛନ୍ତି । ଏହି ବ୍ୟକ୍ତି ଜଣଙ୍କ ଦିଲ୍ଲୀରୁ ସାଇକେଲ ଚଳାଇ ରାଞ୍ଚିରେ ପହଞ୍ଚିଛନ୍ତି କେବଳ ଧୋନିଙ୍କୁ ଦେଖା ହେବାକୁ । ସେ ୧୨,୦୦ କିମିର ଏହି ଯାତ୍ରାକୁ ଏକ ହଳଦିଆ ସାଇକେଲରେ ସମ୍ପୂର୍ଣ୍ଣ କରିଛନ୍ତି । ଏହି ସମୟରେ ବ୍ୟକ୍ତି ଜଣଙ୍କ ଧୋନିଙ୍କ ଆଇପିଏଲ୍ ଟିମ୍ ସିଏସ୍‌କେର ଜର୍ସି ପିନ୍ଧିଥିବା ନଜର ଆସିଛନ୍ତି । ସେହିଭଳି ତାଙ୍କ ସାଇକେଲ୍‌ରେ ମଧ କ୍ୟାପ୍ଟେନ୍ କୁଲ୍‌ଙ୍କର କିଛି ଫଟୋ ଲଗାଯାଇଥିବାର ଦେଖିବାକୁ ମିଳୁଛି । ଯୁବକଙ୍କ ନା ଗୌରବ ଥିବାବେଳେ ତାଙ୍କୁ ଧୋନି ଦେଖା ମଧ ହୋଇଛନ୍ତି । କେବଳ ଧୋନିଙ୍କୁ ଦେଖା ହୋଇଛନ୍ତି ତାହା ନୁହେଁ ଧୋନିଙ୍କ ଭାଇ ତାଙ୍କୁ ଧୋନିଙ୍କର ଫାର୍ମ ହାଉସ୍ ମଧ ବୁଲି ଦେଖାଇଛନ୍ତି । ଯୁବକ ଜଣଙ୍କ ଧୋନିଙ୍କ ବ୍ୟବହାରରେ ଖୁବ ଖୁସି ଥିବା ଜଣା ପଡିଛି । ଦେଖାହେବା ସହିତ ସେ ଧୋନିଙ୍କ ଠାରୁ ଅଟୋଗ୍ରାଫ ମଧ ଆଣିଥିବା ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି ।







# କିକ୍–୨କୁ ଗ୍ରୀନ ସିଗ୍‌ନାଲ

କିକ୍–୨ ବର୍ତ୍ତମାନ ବଲିଉଡର ସବୁଠାରୁ ୱାଣ୍ଟେଡ୍ ଫିଲ୍ମ ତାଲିକାରେ ଆଗରେ ରହିଛି । ଭାଇଜାନଙ୍କର ଆକସନ୍ ଦେଖିବାକୁ ତାଙ୍କ ଫ୍ୟାନମାନେ ଖୁବ ଉତ୍ସାହର ସହିତ ଚାହିଁ ବସିଛନ୍ତି । ତେବେ ଫ୍ୟାନଙ୍କ ଉତ୍ସୁକତା ବଢାଇଛି ସାଜିଦ୍ ନାଦିୱାଡାବାଲାଙ୍କର ପ୍ରଡକସନ୍ ହାଉସ୍ । ତାଙ୍କ ପ୍ରଡକସନ୍ ହାଉସ ପକ୍ଷରୁ ସୋସିଆଲ ମିଡିଆରେ ଏକ ଫଟୋ ପୋଷ୍ଟ କରାଯାଇଛି, ଯେଉଁଥିରେ କିକ୍ ୨ ର ସୁଟିଂ ଆରମ୍ଭ ହେଉଥିବାନେଇ ସୂଚନା ରହିଛି । ଫଟୋଟି ଫ୍ୟାନଙ୍କ ମଧ୍ୟରେ ଉତ୍ସାହକୁ ଦ୍ୱିଗୁଣିତ କରିଛି । ସଲମାନଙ୍କ ଫିଲ୍ମକୁ ନେଇ ସବୁବେଳେ ଫ୍ୟାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥାଏ । ନିକଟରେ ସଲମାନ ଓ ସାଜିଦ୍‌ଙ୍କର ଫିଲ୍ମ ସିକନ୍ଦର ଆସିବାକୁ ଯାଉଛି । ଏହାରି ମଧରେ ଆଉ ଏକ ଫିଲ୍ମର ସୂଚନା ସଲମାନଙ୍କ ଫ୍ୟାନଙ୍କୁ ବେଶ୍ ଉତ୍ସୁକତା ଯୋଗାଇଛି । ଫ୍ୟାନ୍‌ମାନେ ସୋସିଆଲ ମିଡିଆରେ ଏନେଇ ନିଜର ଖୁସି ଜାହିର କରିବାରେ ଲାଗିଛନ୍ତି । ସେହିଭଳି ଆଗକୁ ସଲମାନଙ୍କୁ ବିଗ୍ ବସ୍‌ର ହୋଷ୍ଟ ହିସାବରେ ଦର୍ଶକ ଦେଖିବାକୁ ପାଇବେ । ସେଥିପାଇଁ ମଧ ଫ୍ୟାନ ବେଶ୍ ଖୁସିରେ ଅଛନ୍ତି, ନିଜ ପ୍ରିୟ ଅଭିନେତାଙ୍କୁ ବିଗ୍‌ବସ୍‌ରେ ଦେଖିବାକୁ ପାଇଁ ସେମାନେ ଏକ୍ସସାଇଟେଡ ଅଛନ୍ତି । ଅପଲୋଡ ହୋଇଥିବା ଏହି ଫଟୋଟିକୁ ସମସ୍ତେ କିକ୍ ୨ ପାଇଁ ଗ୍ରୀନ ସିଗ୍‌ନାଲ ବୋଲି ଆଲୋଚନା କରୁଛନ୍ତି ।

# ନୂତନ କେନ୍ଦ୍ରାଞ୍ଚଳ ଡିଆଇଜିଙ୍କ ଶ୍ରୀମନ୍ଦିରର ଦର୍ଶନ



ପୁରୀ (ସବ୍ୟୁ): ନୂତନ ଭାବେ ଓଡ଼ିଶା କେନ୍ଦ୍ରାଞ୍ଚଳ ପୋଲିସ ଡିଆଇଜି ଭାବେ ଦାୟିତ୍ୱ ଗ୍ରହଣ କରି ଥିବା ଚରଣ ସିଂ ମିନା ଗୁରୁବାର ମଧ୍ୟାହ୍ନରେ ପୁରୀ ଆସି ଶ୍ରୀମନ୍ଦିରେରେ ଶ୍ରୀଜୀଉଙ୍କ ଦର୍ଶନ ଲାଭ କରିଛନ୍ତି । ଜିଲ୍ଲା ପୋଲିସ ପକ୍ଷରୁ ଏସପି ବିନୀତ କୁମାର ଅଗ୍ରୱାଲ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଭବ୍ୟ ସ୍ୱାଗତ ସମ୍ବର୍ଧନା ଜ୍ଞାପନ କରି ଶ୍ରୀମନ୍ଦିର ଭିତରକୁ ଦର୍ଶନ ପାଇଁ ପାଛୋଟି ନେଇ ଥିଲେ। ପ୍ରାୟ ୩୦ ମିନିଟ ଧରି ଶ୍ରୀ ସିଂ ମନ୍ଦିର ଭିତରେ ମହାପ୍ରଭୁ ଜଗନ୍ନାଥଙ୍କ ସହ ଅନ୍ୟ ଦେବା ଦେବୀଙ୍କୁ ଦର୍ଶନ କରି ଥିଲେ । ଏହି ଅବସରରେ ସିଂହଦ୍ୱାର ସମ୍ମୁଖରେ ଶ୍ରୀ ସିଂ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ପୁରୀ ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧିଷ୍ଠାନ କ୍ଷେତ୍ର । ଦୈନନ୍ଦିନ ପୁରୀ ଶ୍ରୀମନ୍ଦିର ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ଲକ୍ଷାଧିକ ଭକ୍ତ ଆସି ଥାଆନ୍ତି । ବାହରୁ ଆସୁଥିବା ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିବେ ସେ ନେଇ ପୋଲିସ ଧ୍ୟାନ ଦେବ । ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁ ଦୃଢ଼ କରାଯିବ । ଶ୍ରୀମନ୍ଦିର ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ବାଟାଲିୟନ ପୋଲିସ ନିଯୁକ୍ତ ହେବେ । ଜିଲ୍ଲାରେ ଅପରାଧକୁ ଦୃଢ଼ ହସ୍ତରେ ଦମନ କରାଯିବ । ହାର୍ଡ କୋର୍ ଅପରାଧିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅପରାଧ ଦମନ କ୍ଷେତ୍ରରେ ପୋଲିସ ଶୂନ୍ୟ ଶହନଶିଳତା ଅବଲମ୍ବନ କରିବ । ଥାନାକୁ ଅଭିଯୋଗ ନେଇ ଆସୁଥିବା ଅଭିଯୋଗକାରୀଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବଛ ଥାନାରେ ତଦନ୍ତ ପାଇଁ ପଡ଼ି ରହି ଥିବା ମାମଲା ଗୁଡ଼ିକ ଯଥା ଶୀଘ୍ର ତଦନ୍ତ ଶେଷ କରାଯିବ । ତଦନ୍ତକୁ ଅଧିକ କ୍ରିୟାଶୀଳ, ନିଷ୍ପକ୍ଷ ଓ ତ୍ୱରିତ କରାଯିବଛ ତଦନ୍ତ ପ୍ରକ୍ରିୟାକୁ ଅଧିକ କ୍ୱାଲିଟେଟିଭ କରାଯିବ । ବିଶେଷ କରି ମହିଳା ଓ ଶିଶୁ ନିର୍ଯ୍ୟାତନା ଅଭିଯୋଗ ଗୁଡ଼ିକ ଉପରେ ପୋଲିସ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ । ପରେ ଶ୍ରୀ ମିନା ଜିଲ୍ଲା ପୋଲିସ କାର୍ଯ୍ୟାଳୟକୁ ଯାଇ ଥିଲେ । ସେଠାରେ ଜିଲ୍ଲାର ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ ଓ ବିଭିନ୍ନ ଥାନା ଅଧିକାରୀଙ୍କୁ ନେଇ ଜିଲ୍ଲାରେ ଆଇନ ଶୃଂଖଳା ଓ ଅପରାଧ ନିୟନ୍ତ୍ରଣ ଉପରେ ବୈଠକ ଅନୁଷ୍ଠିତ ହୋଇ ଥିଲା ।

## ଫେସବୁକ୍ ରୁ ପ୍ରେମ କରି ବନ୍ଧା ହେଲେ ଯୁବକ

ବାରଙ୍ଗ ,(ସବ୍ୟୁ) :ଫେସବୁକ୍ ରୁ ପ୍ରେମକରି ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ବ୍ଲାକମେଲ କରି ସାରାରିକ୍ ସମ୍ପର୍କ ରଖିବାକୁ ବାଧ କରିବା ଅଭିଯୋଗରେ ଜଣେ ଯୁବକକୁ ବାରଙ୍ଗ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।ଗିରଫ ଯୁବକ ନିମାପଡ଼ା ଅଂଚଳର ଗୌରବ ପ୍ରଧାନ (୨୭) ବୋଲି ସୂଚନା ମିଳିଛି । ପ୍ରକାଶ ଯେ, ଗୌରବ ଫେସବୁକ ମାଧ୍ୟମରେ ବାରଙ୍ଗ ଥାନା ଅନ୍ତର୍ଗତ ସୀତାରାମ ବଜାର ଅଂଚଳର ଜଣେ ବିବାହିତା ମହିଳାଙ୍କ ସହିତ ପ୍ରେମ ସଂମ୍ପର୍କ ଗଢି ଉଠିଥିଲା।ପରେ ଉଭୟଙ୍କ ମଧ୍ୟରେ ସାରରିକ ସମ୍ପର୍କ ଗଢ଼ି ଉଠିଥିଲା। ଅନ୍ତରଙ୍ଗ ମୁହୁର୍ତ୍ତ ବେଳର କିଛି ଦୃଶ୍ୟକୁ ସୁବିଧା ଦେଖି ଗୌରବ ନିଜ ମୋବାଇଲରେ ରେକର୍ଡ କରିଥିଲେ।ଅନ୍ତରଙ୍ଗ ମୁହୁର୍ତ୍ତ ବେଳର ଦୃଶ୍ୟକୁ ନେଇ ଗୌରବ ମହିଳାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲେ।ସାରରିକ୍ ସମ୍ପର୍କ ରଖିବା ପାଇଁ ବାରମ୍ବାର ବାଧ କରିବାରୁ ମହିଳା ଜଣଙ୍କ ବାରଙ୍ଗ ଥାନାରେ ବୁଧବାରଦିନ ଅଭିଯୋଗ କରିଥିଲେ ।ପୋଲିସ କେଶ ନଂ ୩୭୦/୨୪ ଏକ ମାମଲା ରୁଜୁ କରି ନିମାପଡ଼ା ଅଂଚଳର ଗୌରବଙ୍କୁ ଶୁକ୍ରବାର ଦିନ ଗିରଫ କରି କୋର୍ଟ ଚାଲାଣ କରିଛି।

### ଏଫ୍‌ଆଇଭିବି ସଭାପତି ଆରି ଗ୍ରାସାଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ

## ମାନବିକ ଓ ସାମାଜିକ ମୂଲ୍ୟବୋଧର ପ୍ରତିବିମ୍ବ ହେଉଛି ଏହି ସମ୍ମାନ: ରାଜ୍ୟପାଳ

ଭୁବନେଶ୍ୱର, (ସବ୍ୟୁ): ଆନ୍ତର୍ଜାତିକ ଭଲିବଲ୍ ଫେଡେରେସନ୍ (ଏଫ୍‌ଆଇଭିବି)ର ସଭାପତି ଡ. ଆରି ଗ୍ରାସାଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୦ ପ୍ରଦାନ କରାଯାଇଛି । ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ଡ. ଗ୍ରାସାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେଛ ସମଗ୍ର ବିଶ୍ୱରେ ଭଲିବଲ୍ର ବିକାଶ ନେଇ ଡ. ଗ୍ରାସାଙ୍କ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ ପ୍ରଦାନ କରାଯାଇଥିଲାଛ ୨୦୨୦ରେ ତାଙ୍କୁ ଏହି ସମ୍ମାନ ଦିଆଯିବା ପାଇଁ ନିଷ୍ପତି ହୋଇଥିଲେ ମଧ୍ୟ କୋଭିଡ୍ ମହାମାରୀ ଯୋଗୁଁ ଏହି ସମ୍ମାନ ପ୍ରଦାନ କରାଯାଇପାରି ନ ଥିଲା । ଏହି କାର୍ଯ୍ୟକ୍ରମରେ ଡ. ଗ୍ରାସାଙ୍କ ସମ୍ପର୍କରେ ସୂଚନା ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ବ୍ରାଜିଲ୍ ବାସିନ୍ଦା ୮୧ ବର୍ଷ ବୟସ୍କ ଗ୍ରାସା ଦୀର୍ଘ ୧୨ ବର୍ଷ ହେଲା ଆନ୍ତର୍ଜାତିକ ଭଲିବଲ୍ ଫେଡେରେସନ୍‌ର ସଭାପତି ଅଛନ୍ତି । ଏଫ୍‌ଆଇଭିବି ହେଉଛି ବିଶ୍ୱର ସର୍ବ ବୃହତ କ୍ରୀଡ଼ା ସଂଘଛ ଏଥିରେ ୨୨୨ଟି ରାଷ୍ଟ୍ର ସଦସ୍ୟ ରହିଛନ୍ତି । ଡ. ଗ୍ରାସା ଏହି ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ ଗ୍ରହଣ କରିଥିବାରୁ ଏହା କିସ୍ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଥିଲେଛ ଶ୍ରୀ ସାମନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଥିବା ବେଳେ ଶ୍ରୀ ସାମନ୍ତ ଆନ୍ତର୍ଜାତିକ ଭଲିବଲ୍ ସଂଘ ଜରିଆରେ ଭାରତରେ ଭଲିବଲ୍ର ବିକାଶ ନେଇ ବହୁ ଉଦ୍ୟମ କରିଥିଲେଛ ଡ. ଗ୍ରାସା ଶ୍ରୀ ସାମନ୍ତଙ୍କ କାର୍ଯ୍ୟ ସକାଶେ ତାଙ୍କୁ ଅନେକ ଭଲ ପାଉଥିଲେ । କେବଳ କିଟ୍ ଓ କିସ୍ ପରଦର୍ଶନ କରିବା ପାଇଁ ଡ. ଗ୍ରାସା ଭାରତ ତଥା ଓଡ଼ିଶା ଆସିଥିବା ପ୍ରକାଶ କରିଥିଲେଛ ଗ୍ରାସାଙ୍କୁ ସମ୍ମାନୀତ କରିବା ଦ୍ୱାରା ବିଶ୍ୱର ୨୨୨ ଦେଶରେ ଓଡ଼ିଶାର ପରିଚିତି ସୃଷ୍ଟି ହୋଇପାରିଲା । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଲେ, କିସ୍ ହ୍ୟୁମାନିଟାରିଆନ୍ ପୁରସ୍କାର ଭଳି ଏକ ବିଶ୍ୱସ୍ତରୀୟ ସମ୍ମାନ ପ୍ରତିଷ୍ଠା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ । ଏଥିପାଇଁ ମୁଁ ସମଗ୍ର ଓଡ଼ିଶାବାସୀଙ୍କ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଜଣାଉଛି ।ଛ ବିଶ୍ୱସ୍ତରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ପ୍ରଦାନ କରି ଶ୍ରୀ ସାମନ୍ତ ସମଗ୍ର ବିଶ୍ୱରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଶ୍ରୀ ସିଂହଦେଓ କହିଥିଲେ ।



# କଟକ ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ସମୀକ୍ଷା ବୈଠକ

କଟକ, (ସବ୍ୟୁ) ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ପରିଷଦ ଦ୍ୱିତୀୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପଶୁ ସମ୍ପଦ, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିଭାଗର ସମୀକ୍ଷା ଓ କାର୍ଯ୍ୟ ଅଗ୍ରଗତି ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ନିର୍ବାଚନ ଆଚରଣବିଧି ଓ ଅନ୍ୟାନ୍ୟ କାରଣ ଯୋଗୁଁ ପଛେଇ ଯାଇଥିବା ଚଳିତ ଆର୍ଥିକ ବର୍ଷର ବିଭିନ୍ନ ବିଭାଗର ଜନ କଲ୍ୟାଣ ମୂଳକ କାର୍ଯ୍ୟକୁ ତ୍ୱରିତ ପଦକ୍ଷେପ ନେଇ ସରକାରୀ ଯୋଜନାର ସଫଳତା ପାଇଁ ଅଧିକାରୀମାନେ କାମ କରିବାକୁ ଅଧ୍ୟକ୍ଷ ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ସୁଭାଷ ଚନ୍ଦ୍ର ରାୟ ଉକ୍ତ ସମୀକ୍ଷା ବୈଠକରେ ଉପସ୍ଥିତ ରହି ଉପରୋକ୍ତ ବିଭାଗ ଗୁଡ଼ିକର ସମୀକ୍ଷା କରିବା ସହ ଯୋଜନାର କାର୍ଯ୍ୟକାରିତା ଉପରେ ଦୃଷ୍ଟିପାତ କରିଥିଲେଛଯୋଜନା ଗୁଡିକ କାର୍ଯ୍ୟକାରୀ କଲାବେଳେ ଲୋକଙ୍କ ମୌଳିକ ସମସ୍ୟାକୁ ସମାଧାନ କରିବା ଦିଗରେ ଅଧିକ ଗୁରୁ ଦେବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେଛ ଜିଲ୍ଲା ପରିଷଦ ଉପ ସଭାପତି ଶୁଭଦ୍ରା ଦାସ, ସଦସ୍ୟ ପୀୟୁଷ ରଂଜନ ମିଶ୍ର, ସୁସ୍ମିତା ଦାସ, ରଞ୍ଜିତା ସେଠୀ, ସୌଦାମିନୀ ମହାପାତ୍ର, ସହଯୋଗୀ ସଦସ୍ୟ ଅଜିତ ଜେନା,ସୁମିନା ପ୍ରଧାନ,ନମିତା ସେଠୀ ପ୍ରମୁଖ ସମୀକ୍ଷା ଓ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଶୋକ ରାଉତ, ଜିଲ୍ଲା ପଞ୍ଚାୟତ ଭାରପ୍ରାପ୍ତ ଅଧିକାରୀ ଗୀତା ଆଚାର୍ଯ୍ୟ, ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡ଼ାକ୍ତର ବିଭୂରଞ୍ଜନ ଦାସ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବବିତା ମହାନ୍ତ, ଓମଫେଡ ଅରିଲୋ ପ୍ଲାଣ୍ଟ ମ୍ୟାନେଜର ମୃତ୍ୟୁଞ୍ଜୟ କୁମାର, କେନ୍ଦ୍ରୀୟ କୁକ୍କୁଟ ଉନ୍ନୟନ ସଂସ୍ଥାର ନିଶିଥ ରଂଜନ ବାରିକ ଉଦ୍ୟାନ କୃଷି ଭାରପ୍ରାପ୍ତ ଉପନର୍ଦ୍ଦେଶକ ସୂଚନା ସ୍ୱସ୍ତିକା, ନେରେଗା ସଂଯୋଜକ ମାନସୀ ମାଡୱାଲ ପ୍ରମୁଖ ଯୋଗଦେଇଥିଲେ ।

## ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ : ଜଣେ ଗିରଫ

ବାରଙ୍ଗ,,(ସବ୍ୟୁ) :ବାରଙ୍ଗ ଥାନା ଅନ୍ତର୍ଗତ ମଧୁବନ ଗ୍ରାମ ନିକଟରେ ଗୋଟିଏ ବଗିଚା ଭିତରେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ପ୍ରକାଶ ଯେ ମଧୁବନ ଗ୍ରାମ ନିକଟସ୍ଥ ଏକ ଘରୋଇ ବିଦ୍ୟାଳୟ ଲାଗି ଚିନୁମିତ୍ର ବଗିଚା ଭିତରେ ୪୨ ମୌଜା ଅଂଚଳର ଜ୍ୟୋତି ପ୍ରସାଦ ଦେବତା (୬୦) ଦୀର୍ଘ ଦିନ ହେବ ଦେଖାଶୁଣା କରିବା ସହିତ ସେହିଠାରେ ରୁହନ୍ତି। ଗୁରୁବାର ଭୋର ୪ଟା ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଝାରସୁଗୁଡ଼ା ବିରମିତ୍ରପୁର ଅଂଚଳର ପ୍ରଦିପ ଦାସ(୪୯) ଏକ ପରିବା କଟା ଛୁରୀ ମାଧ୍ୟମରେ ଜ୍ୟୋତି ପ୍ରସାଦଙ୍କ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଜ୍ୟୋତି ପ୍ରସାଦ ଗୁରୁତର ଆହତ ହୋଇଥିଲେ। ଜ୍ୟୋତି ପ୍ରସାଦଙ୍କ ଚିତ୍କାର କରିବା ରୁ ନିକଟରେ ଥିବା ସ୍ଥାନୀୟ ଅଂଚଳର ଲୋକମାନେ ଘଟଣାସ୍ଥଳରେ ପହଂଚି ଗୁରୁତର ଆହତ ଜ୍ୟୋତି ପ୍ରସାଦଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା।ଆକ୍ରମଣକାରୀ ପ୍ରଦିପ ଗୁରୁବାର ଦିନ ପୂର୍ବାହ୍ନ ରେ ବାରଙ୍ଗ ଥାନାରେ ଆତ୍ମସମର୍ପଣ କରିଥିଲେ।

# ହବିଷ୍ୟାଳୀ ବ୍ରତ ପାଇଁ ଅକ୍ଟୋବର ୬ ରୁ ଅନଲାଇନ ପଞ୍ଜିକରଣ: ଜିଲ୍ଲାପାଳ

ପୁରୀ (ସବ୍ୟୁ): ଚଳିତ ବର୍ଷ ହବିଷ୍ୟାଳୀ ବ୍ରତ ବା ରାଇଦାମୋଦର ବ୍ରତ ପାଇଁ ଚଳିତ ମାସ ୬ ତାରିଖରୁ ଅନଲାଇନ edistrict.odisha.gov.in ମାଧ୍ୟମରେ ପଞ୍ଜିକରଣ ଆରମ୍ଭ ହେବଛ ଏହା ଅକ୍ଟୋବର ୧୧ତାରିଖ ଅଥବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଚଳିତ ବର୍ଷ ର ହବିଷ୍ୟାଳୀ ବ୍ରତ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଅକ୍ଟୋବର ୧୮ ରୁ ହବିଷ୍ୟାଳୀ ବ୍ରତ ଆରମ୍ଭ ହେଉଥିବାରୁ ସମସ୍ତ ପ୍ରସ୍ତୁତି କୁ ଚୁଡାନ୍ତ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ରାଜ୍ୟ ସରକାର ଚଳିତ ବର୍ଷ ର ହବିଷ୍ୟାଳୀ ବ୍ରତ ପାଇଁ ଅନୁମତି ଦେବା ସହ ଆନୁସଙ୍ଗିକ ଅର୍ଥ ମଧ୍ୟ ମଞ୍ଜୁର କରିଛନ୍ତି । ଚଳିତ ବର୍ଷ ବୃନ୍ଦାବତୀ ନିବାସ, ବାଗେଲା,ଅକ୍ଷୟ ପାତ୍ର ଓ ମୋଚି ସାହି କଲ୍ୟାଣ ମଣ୍ଡପ ରେ ହବିଷ୍ୟାଳୀ ମା ମାନ ଙ୍କୁ ରଖାଯିବ । ସେମାନଙ୍କ ରହଣି ସହ ପ୍ରାତଃ ରୁ ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ ,ଭଜନ କୀର୍ତ୍ତନ ଇତ୍ୟାଦି ର ବ୍ୟବସ୍ଥା କରାଯାଇଛ । ଆବେଦନକାରୀ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ହୋଇ ଥିବେ । ବିଧବା ବ୍ରତ ଧାରିଣୀଙ୍କୁ ଓ ନୂତନ ଆବେଦନକାରୀ ଙ୍କୁ ପ୍ରାଧାନ୍ୟ ଦିଆଯିବଛଅନଲାଇନ ରେ ପଞ୍ଜିକରଣ କରି ହିତାଧିକାରୀ ଭାବେ ଚୟନ ହୋଇଥିବା ମା ମାନଙ୍କୁ ସେମାନଙ୍କ ରହଣି ସ୍ଥାନ ଓ କେତେ ତାରିଖରେ ପହଞ୍ଚିବେ ସେମାନଙ୍କୁ ସୂଚନା ଦିଆଯିବ । ବିନା ପଞ୍ଜିକରଣ ରେ ଅପ୍ରତ୍ୟାଶିତ ଭାବେ ହବିଷ୍ୟାଳୀ ଶିବିରକୁ ଆସୁଥିବା ବ୍ୟକ୍ତିଙ୍କ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ । ଶିବିରରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅସୁସ୍ଥ ଥିଲେ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ରାକେଶ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ସହରାଞ୍ଚଳରେ ରାସ୍ତାଘାଟ ଓ ଜଳଯୋଗାଣ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

# ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ଆଜି ଲୋକସେବା ଭବନସ୍ଥିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ ସିଂ, ଗୃହନିର୍ମାଣ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ସମେତ ବିଭିନ୍ନ ଜିଲ୍ଲା ତଥା ବିଭାଗୀୟ ପଦାଧିକାରୀବୃନ୍ଦ ଯୋଗଦେଇଥିଲେ । ବୈଠକରେ ବିଭିନ୍ନ ଜିଲ୍ଲା ତଥା ମୁନିସିପାଲିଟିରୁ ଆସିଥିବା ବ୍ୟକ୍ତିବିଶେଷ ନିଜ ନିଜ ଅଞ୍ଚଳର ସମସ୍ୟା ଯଥା-ରାସ୍ତାଘାଟ, ଜଳଯୋଗାଣ ସମସ୍ୟା ବିଷୟରେ ମନ୍ତ୍ରୀମାନଙ୍କୁ ଜଣାଇଥିଲେ । ଏହିସବୁ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ବୈଠକରେ ନିଷ୍କର୍ଷ ବାହାର କରାଯାଇଥିଲା । ସଂପୃକ୍ତ ବିଭାଗୀୟ ଅଧିକାରୀ ଏ ବାବଦରେ କାର୍ଯ୍ୟର ଅଗ୍ରଗତି ନେଇ ତଥ୍ୟ ପ୍ରଦାନ କରିଥିଲେ । ଏହି ତଥ୍ୟକୁ ଆଧାର କରି ସଂପୃକ୍ତ ବିଭାଗକୁ କାର୍ଯ୍ୟ ଶେଷ କରିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଥିଲା । ଠିକ୍ ସମୟରେ କାର୍ଯ୍ୟ ସମାପ୍ତି ନ ଘଟିଲେ ଦୃ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଝାରସୁଗୁଡ଼ା ଓ ବ୍ରଜରାଜନଗର ସହରାଞ୍ଚଳର ସାମୂହିକ ବିକାଶ ସଂପର୍କରେ ଆଲୋଚନା କରାଯାଇ ଉଭୟ ସହରାଞ୍ଚଳରେ ଜିଲ୍ଲା ଖଣିଜ ପାଣ୍ଠିରୁ ଚାଲୁରହିଥିବା ପାନୀୟ ଜଳଯୋଗାଣ ପ୍ରକଳ୍ପ ବ୍ୟତୀତ ୨୪ ଘଣ୍ଟିଆ ଜଳଯୋଗାଣ ସୁନିଶ୍ଚିତ କରିବା ପାଇଁ ଡିଏମ୍ଏଫ୍ (ଜିଲ୍ଲା ଖଣିଜ ପାଣ୍ଠି) ବ୍ୟତୀତ ସରକାରଙ୍କଠାରୁ ଆବଶ୍ୟକ ଅର୍ଥ ମଞ୍ଜୁର କରିବା ନେଇ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟ ଆଗାମୀ ନଭେମ୍ବର ୩୦ ତାରିଖ ସୁଦ୍ଧା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିସହ ଉଭୟ ସହରରେ ବସ୍ତିବାସିନ୍ଦାମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀମାନଙ୍କୁ ଜାଗା ଯୋଗାଇଦେବା ପାଇଁ ରହିଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା । ସେହିପରି ସୁବର୍ଣ୍ଣପୁର ଜିଲ୍ଲାର ପ୍ରକଳ୍ପିତ ନୂତନ ବସ୍‌ଷ୍ଟାଣ୍ଡର ସଂପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ଓବିସିସିଏଲ୍ ହାତକୁ ନେଇଥିବାବେଳେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ବସ୍ ରହଣି ସୁବ୍ୟବସ୍ଥିତ କରିବା ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ଦିଗରେ ମଧ୍ୟ ଆଲୋଚନା ହୋଇଥିଲା । ବିଭାଗ ପକ୍ଷରୁ ଏ ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବୈଠକରେ କୁହାଯାଇଛି ।




### ଖୋର୍ଦ୍ଧାରେ ଯୋଗ ଦେଲେ ନୂଆ ଏସ.ପି ସାଗରିକା ନାଥ

# ହଟିବ ପାଉବେପାର ସୁଧୁରିବ ଟ୍ରାଫିକ୍ ସମସ୍ୟା

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧରେ ନୂତନ ଏସପି ଭାବେ ଶୁକ୍ରବାର ସାଗରିକ ନାଥ ଯୋଗ ଦେଇଛନ୍ତି। ଅପରାହ୍ନରେ ଅତିରିକ୍ତ ଏସ.ପି ସୁରେନ୍ଦ୍ର ନାଥ ମୁର୍ମୁଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ ନୂଆ ଏସ.ପି. ସାଗରିକା ନାଥ। ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀ, ଡ଼ି.ଏସ.ପି, ଅତିରିକ୍ତ ଏସ.ପି. ଏବଂ ବିଭିନ୍ନ ଅଧିକାରୀମାନେ ନୂଆ ଏସ.ପିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଖୋର୍ଦ୍ଧାର ବିଭିନ୍ନ ସମସ୍ୟା ବିଷୟରେ ଅଧିକାରୀଙ୍କ ସହ କିଛି ସମୟ ଆଲୋଚନା କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ବିଭିନ୍ନ ପ୍ରଶ୍ନର ଉତରରେ ଖୋର୍ଦ୍ଧାରେ ମୁଖ୍ୟ ସମସ୍ୟା ଥିବା ପାଉ ବେପାର ଏବଂ ଟ୍ରାଫିକ୍ ସମସ୍ୟା, ବେଆଇନ ଖଣି ଖାଦନ ରୋକିବା ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ତାଙ୍କର ପ୍ରଥମ ଲକ୍ଷ ରହିବ ବୋଲି ଏସ.ପି କହିଥିଲେ। ଏହି ଅବସରରେ ଖୋର୍ଦ୍ଧା ପୋଲିସ ଲୋକଙ୍କ ସହିତ ବନ୍ଧୁ ଭାବେ କାର୍ଯ୍ୟ କରିବା ଏବଂ ଲୋକଙ୍କ ସହିତ ମିଶି ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପ୍ରୟାସ କରାଯିବ ବୋଲି ଏସ୍.ପି. ସାଗରିକା ନାଥ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ। ସୂଚନା ଯୋଗ୍ୟ ବାଲେଶ୍ୱର ଏସ.ପି. ଭାବେ କାର୍ଯ୍ୟରତ ସମୟରେ ବହୁ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଲିଭାଇ ସାଧାରଣଙ୍କ ଜନତାଙ୍କ ହୃଦୟରେ ଲେଡ଼ି ସିଙ୍ଗମ୍ ଭାବେ ପରିଚୟ ସୃଷ୍ଟି କରିବା ସହ ପ୍ରିୟ ଭାଜନ ହୋଇପାରିଛନ୍ତି। ଆଗାମି ଦିନରେ ଖୋର୍ଦ୍ଧାର ବିଭିନ୍ନ ସମସ୍ୟାକୁ ଦୂର କରିବେ ବୋଲି ଜନ ସାଧାରଣ ବିଶ୍ୱାସ ରଖିଛନ୍ତି।



## ତାର ଚୋରି ଘଟଣାରେ ୩ ଗିରଫ୍

ଚୌଦ୍ୱାର, (ସ.ବ୍ୟୁ.) : ମଙ୍ଗୁଳି ଛକରେ ଥିବା ଏକ କାର୍ ୱାୟରିଙ୍ଗ୍ ଗ୍ୟାରେଜ୍ରୁ ଲକ୍ଷାଧିକ ଟଙ୍କାର ତାର ଚୋରି ହେବା ନେଇ ଦୋକାନର ମାଲିକ ଭଜମୋନ ଜେନା ଟାଙ୍ଗୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଛ ଅଭିଯୋଗ ମୁତାବକ ତାଙ୍କ ଗ୍ୟାରେଜ୍ରୁ ଦିନ ପ୍ରାୟ ୩ଟା ସମୟରେ ସେ କୌଣସି କାମରେ ପାଖ ଗ୍ୟାରେଜ୍କୁ ଯାଇଥିବା ବେଳେ ତାଙ୍କ ଗ୍ୟାରେଜ୍ରେ ଥିବା ପ୍ରାୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ତାରକୁ କେହି ଦୁର୍ବୃ ଚୋରି କରି ନେଇଯାଇଛି ବୋଲି ପ୍ରକାଶ କରିଥିଲେ । ଏହି ଘଟଣାରେ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ସୌମେନ୍ଦ୍ର ପାଇକରାୟ ଗ୍ୟାରେଜ୍ ପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ଭୁବନେଶ୍ୱର ଖାରବେଳନଗରର ନଜିମା ବିବି (୩୦), ସୋଫିଆ ବିବି (୨୯) ଓ ମୁସ୍ତାକ୍ ଅହମ୍ମଦ (୩୧)ଙ୍କୁ ଗିରଫ୍ କରି ସେମାନଙ୍କ ନିକଟରୁ ତାର ଜବତ କରିବା ସହ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ଶ୍ରୀ ପାଇକରାୟ ସୂଚନା ପ୍ରଦାନ କରିଛନ୍ତି ।



## ଓରମାସ୍ ତରଫରୁ ରପ୍ତାନୀ ଏବଂ ଇ-କମର୍ସ ସମ୍ପର୍କିତ କର୍ମଶାଳା

# ବିଭିନ୍ନ ସଂସ୍ଥା ସହିତ ୪ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ): ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓର୍‌ମାସ ଦ୍ୱାରା ଆୟୋଜିତ ଦୁଇଦିନିଆ ରପ୍ତାନୀ ଓ ଇ-କମର୍ସ କର୍ମଶାଳା ଏବଂ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ସ୍ଥାନୀୟ କୃଷି ଭବନ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହନୀ, ଓର୍‌ମାସ୍‌ର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ନାବାର୍ଡର ସିଜିଏମ୍ ଓ ଡିଜି-ଇଡିଆଇଆଇଙ୍କ ଉପସ୍ଥିତିରେ ଓର୍‌ମାସ୍ ପକ୍ଷରୁ ଚାରିଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଗ୍ରାମୀଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଗୁଣବତ୍ତା ଏବଂ ମାନ



ଆଦି ବଜାରରେ ମିଳୁଥିବା ଅନ୍ୟ ସାମଗ୍ରୀମାନଙ୍କୁଠାରୁ ଢେର ଉନ୍ନତ । ଏହାର ବିପଣନ ଦିଗରେ ଓର୍‌ମାସ୍‌ର ଭୂମିକା ମଧ୍ୟ ଅତୁଳନୀୟ । ତେଣୁ ଆଗାମୀ ଦିନରେ ଏହିସବୁ ସାମଗ୍ରୀର ରପ୍ତାନୀ ଏବଂ ଅନ୍-ଲାଇନ ମାର୍କେଟିଂ ଉପରେ ଆମ୍ଭମାନଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ।

ଏହି ଅବସରରେ ଓରମାସ ଦ୍ୱାରା ୪ଟି ସଂସ୍ଥା ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା । ମନ୍ତ୍ରୀ ଶ୍ରୀ ନାଏକଙ୍କ ଉପସ୍ଥିତିରେ ଓରମାସ ତରଫରୁ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ଓର୍‌ମାସ୍ ଦ୍ୱାରା ପରିଚାଳିତ କୃଷକ ଉତ୍ପାଦକ ସଂଗଠନ, ଉତ୍ପାଦକ ଗୋଷ୍ଠୀ ଓ ଉତ୍ପାଦକ ଉଦ୍ୟୋଗ ଆଦି ଦ୍ୱାରା ବିଭିନ୍ନ ଜିଲ୍ଲାରେ ପ୍ରସ୍ତୁତ ହେଉଥିବା ସାମଗ୍ରୀଗୁଡ଼ିକର ଏକ କ୍ଷୁଦ୍ର ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । ଏହି ଦୁଇଦିନିଆ କର୍ମଶାଳାର ବିଭିନ୍ନ ପର୍ଯ୍ୟାୟରେ ଗ୍ରାମୀଣ ଉତ୍ପାଦର ରପ୍ତାନୀ ଏବଂ ଇ-କମର୍ସ କାରବାକୁ ନେଇ ବୈଷୟିକ ଆଲୋଚନାଚକ୍ର ଆୟୋଜନ ହୋଇଥିଲା । ଏଥିରେ ନାବାର୍ଡ, ଓ.ଏନ.ଡି.ସି, ଜେମ୍, ସ୍ପାଇସେସ୍ ବୋର୍ଡ, ଆପେଡ଼ା, ଇ.ପି.ସି.ଏଚ୍ ଏବଂ ଏଚ.ଏଚ.ଇ.ଡବ୍ଲୁ.ଏ ଆଦି ଦେଶର ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାର ବିଶେଷଜ୍ଞ, ବରିଷ୍ଠ ଅଧିକାରୀ, ପ୍ରତିନିଧି ଏବଂ ରିସୋର୍ସ ପର୍ସନମାନେ ଯୋଗଦେଇ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।

## ହାଇକୋର୍ଟ ପରିଦର୍ଶନରେ ରାଜ୍ୟ ସଭାପତି ମନମୋହନ ସାମଲ

# ବାର୍ ଆସୋସିଏସନ୍ ସଭାପତିଙ୍କ ସମେତ ଅନ୍ୟାନ୍ୟ ବାର୍ ସଦସ୍ୟଙ୍କୁ ଭେଟି ଆଲୋଚନା କଲେ



କଟକ,(ସବ୍ୟୁ): ବିଜେପିର ସଫଳତା ପଛରେ ଅଧିବକ୍ତାଙ୍କ ଅନେକ ବଡ ଭୂମିକା ରହିଛି । ରାଜ୍ୟ ସଭାପତି ମନମୋହନ ସାମଲ କଟକ ଆସି ହାଇକୋର୍ଟ ଅଧିବକ୍ତାଙ୍କୁ ପାର୍ଟିର ସଦସ୍ୟ କରାଇଛନ୍ତି । ଗସ୍ତ ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ ହାଇକୋର୍ଟ ପରିସରରେ ଥିବା ବାରିଷ୍ଟର ରଣଜିତ୍ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଶ୍ରୀ ସାମଲଙ୍କୁ ଆଧିବକ୍ତା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ଓ କର୍ମକର୍ତ୍ତାଙ୍କ ସମେତ ଡେପୁଟି ସଲିସିଟର ଜେନେରାଲ, କ୍ୟାଟ ବାର୍ ର ସଦସ୍ୟଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ସମାଜର ସବୁଠାରୁ ତଳ ପାହାଚରେ ଥିବା ଲୋକଙ୍କ ସେବା କରିବା ଏବଂ ସେମାନଙ୍କୁ ଦଳର ବିଚାରଧାରା ସହ ଯୋଡ଼ିବା ସହିତ ସମାଜର ସବୁ ବର୍ଗ ଓ ସବୁସ୍ତରର ଲୋକଙ୍କୁ ସାଙ୍ଗରେ ନେଇ ଦଳକୁ ଆହୁରି ଶକ୍ତିଶାଳୀ କରାଯିବ ବୋଲି ଶ୍ରୀ ସାମଲ କହିଥିଲେ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ ରଖୁଥିବା ଏହି ଦଳର ଆତ୍ମା ହେଉଛନ୍ତି 'ସଦସ୍ୟ' । ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ଅଧିବକ୍ତାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ଏହି ଗସ୍ତରେ ରାଜ୍ୟ ସଭାପତିଙ୍କ ସହ ପୂର୍ବତନ ମନ୍ତ୍ରୀ ସମୀର ଦେ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ମୁଖପାତ୍ର ଦିଲୀପ ମଲ୍ଲିକ,ବରିଷ୍ଠ ଅଧିବକ୍ତା ମିଳନ ବଡୁ,ଶିବା ମହାନ୍ତି,ବିବେକାନନ୍ଦ ନାୟକ, ମାନସ ମହାନ୍ତି,ବିଭୁ ନାୟକ, କୃଷ୍ଣ ଚନ୍ଦ୍ର ମହାପାତ୍ର, ନିକୁଞ୍ଜ ଦେଓ,ତପନ ଚାନ୍ଦ୍ , ଓମ୍ ପ୍ରକାଶ ରାୟ,ସ୍ମୃତି ପଟ୍ଟନାୟକ ପ୍ରମୁଖ ଯାଇଥିଲେ ।

# ୨ କୋଟି ୮୬ ଲକ୍ଷ ଟଙ୍କାର ରେ ନିଲାମ ହେଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅର୍ପଣ ଚାଉଳ

ପୁରୀ (ସବ୍ୟୁ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଲାମ ହେଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅର୍ପଣ ଚାଉଳ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବେଳେ ସାରା ରାଜ୍ୟରୁ ରଥ ମାଧ୍ୟମରେ ସଂଗୃହିତ ହେଇ ଥିଲା ଏହି ଅର୍ପଣ ଚାଉଳ ଓ ଗୁଆ । ନିଲାମ ପାଇଁ ଆଜି ଦିନ ଧାର୍ଯ୍ୟ ହୋଇ ଥିଲାଛ ଚାଉଳ କ୍ୟୁଣ୍ଟଲ ପିଛା ୨୭୮୦ ଟଙ୍କାରେ ଏହି ନିଲାମ କରା ଯାଇଛି । ମୋଟ ୨ କୋଟି ୮୬ ଲକ୍ଷ ଟଙ୍କାରେ ଏହି ଚାଉଳ ନିଲାମ କରା ଯାଇଛି । ୧୦ ହଜାର ୩୨୨ କ୍ୟୁଣ୍ଟଲ ଚାଉଳ ନିଲାମ ହୋଇଛି ବୋଲି ଏହି ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ । ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟନ ବେଳେ ପରିକ୍ରମା ପ୍ରକଳ୍ପ ରଥ ମାଧ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଚାଉଳ ସଂଗ୍ରହ ହୋଇ ଥିଲାଛ ସେଗୁଡିକ ରନ୍ଧା ନ ଯାଇ ରଖା ଯାଇ ଥିଲା । ଯାହାକୁ ନେଇ ଅଭିଯୋଗ ହୋଇ ଥିଲା । ଏଥିରୁ କିଛି ଚାଉଳ ଫୋପାଡ଼ା ହୋଇ ଥିବା ନେଇ ଅଭିଯୋଗ ହୋଇ ଥିଲା । ଯାହାକୁ ଜିଲ୍ଲାପାଳ ଖଣ୍ଡନ କରି ଥିଲେ । ଜିଲ୍ଲାପାଳ କହିଥିଲେ ଯେତିକି ପରିମାଣ ଚାଉଳ ମହାପ୍ରସାଦରେ ବ୍ୟବହାର ହେବା କଥା ତାହା ହୋଇଛି । ଚାଉଳର ମାନ ପରୀକ୍ଷା କରା ଯାଇ ଥିଲା । ଯାହା ବଳକା ରହିଛି ତାହା ମହାପ୍ରସାଦ ରନ୍ଧା ଯୋଗ୍ୟ ନୁହେଁ । ତେଣୁ ବଳକା ଚାଉଳକୁ ନିଲାମ କରା ଯିବ । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲାଛ ବଳକା ଚାଉଳକୁ ନିଲାମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇ ଥିଲା । ଉକ୍ତ ନିଷ୍ପତି ଅନୁଯାୟୀ ଆଜି ସେହି ବଳକା ଚାଉଳକୁ ଟେଣ୍ଡର ମାଧ୍ୟମରେ ନିଲାମ କରା ଯାଇଛି । ଜଣେ ଚାଉଳ ବ୍ୟବସାୟୀ ଏହି ନିଲାମ ଧରିଛନ୍ତି ।

## ବାସେଳୀ ସାହି ଥାନା ପୋଲିସ ଓ ଚୋରା ବାଲି ମାଫିଆଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା

# ଗୋଖା ସାହି ଛକ ପ୍ରେମ କୁଞ୍ଜ ଆଶ୍ରମ ନିକଟରେ ଗଦା ହୋଇଛି ଶହ ଶହ ଟ୍ରିପ ଚୋରା ବାଲି

ପୁରୀ (ସବ୍ୟୁ): ବାସେଳୀ ସାହି ଥାନା ପାଲଟିଛି ବାଲି ମାଫିଙ୍କ ଅଭୟ କେନ୍ଦ୍ର । ଥାନାର ଜଣେ ବରିଷ୍ଠ ଅଧିକାରୀ, ଯୁବ ସବଇନସ୍ପେକ୍ଟର ଓ ବାଲି ମାଫିଆ ଓ ବିଲ୍ଡରଙ୍କ ମଧ୍ୟରେ ସୃଷ୍ଟି ହୋଇଛି ମଧୁ ଚନ୍ଦ୍ରିକା । ପୋଲିସ ବେଆଇନ ବାଲି ଚୋରା ଚାଲାଣ ରୋକିବା ପରିବର୍ତ୍ତେ ବାଲି ମାଫିଆ ମାନେ ଯେପରି ନିର୍ବିଘ୍ନରେ ବ୍ୟବସାୟ କରି ପାରିବେ ସେଥି ପାଇଁ ଦେଉଛି ସୁରକ୍ଷା । ଯାହା ଫଳରେ ପୁରୀ ମଙ୍ଗଳାଘାଟ ବ୍ରିଜ ଛକ ଦେଇ ଦିନ ରାତି ସହର ମଧ୍ୟକୁ ପ୍ରବେଶ କରୁଛି ଶହ ଶହ ଚୋରା ବାଲି ବୋଝେଇ ଟ୍ରକ୍ । ସରକାରଙ୍କ ବିନା କେ ପର୍ମରେ କୌଣସି ଟ୍ରକ୍ ବାଲି ନେବା ଆଣିବା କରି ପାରିବେ ନାହିଁ ବୋଲି ସ୍ପଷ୍ଟ ନିୟମ ଥିବା ବେଳେ ପୁରୀ ବାସେଲି ସାହି ଥାନା ଅଧୀନରେ ଥିବା କେତେକ ସିମେଣ୍ଟ ଗୋଡି ବ୍ୟବସାୟୀ ଓ ନିର୍ମାଣ ଧିନ ଆପାର୍ଟମେଣ୍ଟ ଖୁଲମ ଖୋଲା ଭାବେ ଚଳାଇଛନ୍ତି ବେପାର । ଯାହାର ନମୁନା ଦେଖିବାକୁ ମିଳିଛି ଏହି ଥାନା ଅନ୍ତର୍ଗତ ପୁରୀ ବ୍ରହ୍ମଗିରି ରୋଡ ଗୋଖା ସାହି ଛକ ନିକଟରେ ଥିବା ପ୍ରେମ କୁଞ୍ଜ ଆଶ୍ରମ ପାର୍ଶ୍ୱବର୍ତ୍ତୀ ରାସ୍ତାଛ ରାସ୍ତା ପାଲଟିଛି ଚୋରା ବାଲି ବ୍ୟବସାୟ କେନ୍ଦ୍ର । ରାସ୍ତାରେ ପଡ଼ି ରହିଛି ଶହ ଶହ ଟ୍ରିପ ଚୋରା ବାଲି । ଟ୍ରାକ୍ଟର ଯୋଗେ ସହର ମଧ୍ୟକୁ ବିକ୍ରି ହେଉଛି ବାଲି ।



ଯାହାର ମୁଖ୍ୟ କାର୍ପଟଦାର ହେଉଛି ବାସେଳୀ ସାହିର କାଳିଆ ନାମକ ଜଣେ ଯୁବକ । ସେହିପରି ମଙ୍ଗଳା ଘାଟ ରୋଡ ପଞ୍ଚମୁଖୀ ଜାଗା ସମ୍ମୁଖରେ ଚାଲିଛି ନିର୍ମାଣ ଧିନ ଏକ ବିରାଟ ଆପାର୍ଟମେଣ୍ଟ । ଉକ୍ତ ଆପାର୍ଟମେଣ୍ଟକୁ ବାଲି ଯୋଗାଉଛି ଏହି ଥାନା ଅନ୍ତର୍ଗତ ଜଗନ୍ନାଥ ବସ୍ତିର ବିଦେଶୀ ନାମକ ଜଣେ ପେଶାଦାର ଅପରାଧୀ । ଯାହାର ନାମରେ ଥାନାରେ ଅନେକ ସଙ୍ଗୀନ ଅପରାଧିକ ମାମଲା । ବିଦେଶୀର ରହିଛି ବଡ ହାଇୱା ଟ୍ରକ୍‌ଛ ମଙ୍ଗଳାଘାଟ ରାସ୍ତା ପରି ଏକ ସଂକୀର୍ଣ୍ଣ ଓ ଜନ ଗହଳି ପୂର୍ଣ୍ଣ ରାସ୍ତା ଦେଇ ଦୈନନ୍ଦିନ ଦିନ ରାତି ଚାଲିଛି ବାଲି ବୋଝେଇ ହାଇୱା ଟ୍ରକ୍‌ଛ ଏ ସମ୍ପର୍କରେ ବାସେଲି ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସେ ପାଲଟିଛନ୍ତି ବାଲି ମାଫିଆଙ୍କ ଅଭୟ ଦାତା । ଜିଲ୍ଲା ପୋଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ବାଦେଳି ସାହି ଥାନା ର ବରିଷ୍ଠ ଅଧିକାରୀ ଓ ଯୁବସବିଂସ୍ପେକ୍ଟରଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରିବା ପାଇଁ ସାଧାରଣରେ ଦାବି ହେଉ ଥିବା ଜଣା ପଡ଼ିଛି ।

# ମାତିଛି ଗୋଠ ଛଡ଼ା ମାଈ ହାତୀ ,ଲୋକେ ଆତଙ୍କିତ

ବାରଙ୍ଗ ,(ସବ୍ୟୁ) : ସାବଧାନ , ମାତିଛି ଗୋଠ ଛଡ଼ା ମାଈ ହାତୀ। ସନ୍ଧ୍ୟା ହେଲେ ରାଜରାସ୍ତାରେ ବୁଲୁଥିବା ବେଳେ ନିକଟ ଗାଁ ରେ ପଶୁଛି । ଫସଲ ନଷ୍ଟ କରିବା ସହ ପାଚେରୀ ଭାଙ୍ଗି ଦେଉଛନ୍ତି । ଏବେ ଚିନ୍ତାରେ ପଡିଯାଇଛନ୍ତି ଲୋକେ। ଏ ହେଉଛି ବାରଙ୍ଗ ବ୍ଲକ ନରାଜ ଗ୍ରାମରେ ଦେଖିବାକୁ ମିଳିଛି । ଏହି ହାତୀ ର ଦୌରାତ୍ମ୍ୟ ଯୋଗୁ ଚାଷୀମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକ ନାହିଁ ନଥିବା ହଇରାଣ ହେଉଛନ୍ତି ।ତେବେ ଏହି ଗ୍ରାମରେ ଗୋଟିକିଆ ଗୋଠ ଛଡା ମାଈ ହାତୀ ଗୁରୁବାର ଦିନ ଉତ୍ପାତ କରିଛି ।ବିଳମ୍ବିତରାତିରେ ହାତୀଟି ଗାଁରେ ପଶି ବସନ୍ତ ସାହୁ ନାମକ ବ୍ୟକ୍ତି ଙ୍କ ବାଡିର ପାଚେରୀ ଭାଙ୍ଗିବା ସହ ଅନ୍ୟ ଜଣଙ୍କ ବାଡ଼ିରେ ପଶି କଦଳୀ ଗଛ ଭାଙ୍ଗିଥିଲା।ଏହା ଜଣାପଡିବା ପରେ ଗ୍ରାମରେ ଆତଙ୍କ ଖେଳି ଯାଇଥିଲା।ଏହି ଖବର ଜଣାପଡିବା ପରେ ଗ୍ରାମର ଯୁବକ ମାନେ ବିଭିନ୍ନ ଛାତ ଉପରେ ରହି ହୋହାଲ୍ଲା କରିବାରୁ ହାତୀଟି ଧୀରେ ଧୀରେ ଗାଁ ର ବିଭିନ୍ନ ସାହି ବାଟ ଦେଇ ନିକଟସ୍ଥ ସିଧେସ୍ୱର ପାହାଡ଼କୁ ଚାଲିଯାଇଥିବା ଜଣାପଡିଛି । ପୂର୍ବରୁ ଗତ କିଛି ଦିନ ହେବ ବାଙ୍କୀ ଭଗିପୁର ଅଞ୍ଚଳରେ ଆତଙ୍କ ଖେଳାଇଥିଲେ ହାତୀ ପଲ୍ଲ । ଏବେ ଗାଁ ମୁହାଁ ହୋଇଛନ୍ତି ।ଏହି ଖବର ପାଇଁ ଘଟଣାସ୍ଥଳରେ ବନ ବିଭାଗ ପହଁଚି ହାତୀର ଗତି ବିଧି ଉପରେ ନଜର ରଖିଛନ୍ତି ।

# ପ୍ରଶାସନ ଜଳକା : ସର୍ବସାଧାରଣଙ୍କ ରାସ୍ତାରେ କବାଡ଼ିଖାନା

ଭୁବନେଶ୍ୱର,(ପ୍ରଦୀପ୍ତ କୁମାର ଦାସ) : ରାଜଧାନୀ ଭୁବନେଶ୍ୱର ସ୍ମାର୍ଟ ସିଟିର କେନ୍ଦ୍ରସ୍ଥଳ ଭାବେ ଜଣାଶୁଣା ଖାରବେଳନଗର ଅଂଚଳରେ ଥିବା ଏକାଧିକ ସର୍ବସାଧାରଣଙ୍କ ରାସ୍ତାକୁ କବାଡିଆମାନେ ବେଆଇନଭାବେ କବଜା କରି ବେଧଡ଼କ କାରନାମା ଚଳାଇଆସୁଛନ୍ତି । ଏହିକ୍ରମରେ ଏହାର ଏକ ନଜିର ମଧ୍ୟ ଦେଖିବାକୁ ମିଳିଛି ଏଠାରେ । ଭୁବନେଶ୍ୱର ମହାନଗର ନିଗମର ୩୪ ନଂ ୱାର୍ଡ ଅନ୍ତର୍ଗତ ଖାରବେଳନଗର ସ୍ଥିତ ପୂର୍ତ୍ତବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ(ଯାନ୍ତ୍ରିକ)ଙ୍କ କାର୍ଯ୍ୟାଳୟ ଓ ଉତ୍କଳ ବ୍ଲାଇଣ୍ଡ ଆସୋସିଏସନ ମଧ୍ୟରେ ସ୍ଥାନୀୟ ପ୍ରେସକଲୋନୀ ଆଡକୁ ଯାଇଥିବା ରାସ୍ତାରେ ଦୀର୍ଘଦିନ ହେଲା ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି । ସେହି ରାସ୍ତାର ଦୁଇ ପାର୍ଶ୍ୱରେ ଦୀର୍ଘଦିନହେଲା ବେଆଇନ ଭାବେ କବାଡ଼ିଆଙ୍କ ଦ୍ୱାରା ଜବରଦଖଲ ହୋଇଥିବା ମାଳମାଳ କବାଡିଖାନା ଦେଖିବାକୁ ମିଳୁଛି ।



ସେମାନେ ଉକ୍ତ ରାସ୍ତାକୁ ବେଆଇନଭାବେ ଭାବେ ଅବରୋଧ କରି ନିୟମିତ ଅବାଧରେ ଏପରି ଅବୈଧ କାରବାର ଚଳାଇଆସୁଛନ୍ତି । ଏହା ଫଳରେ ଦିନକୁ ଦିନ ସମ୍ପୃକ୍ତ ରାସ୍ତା ସଂକୁଚିତ ହେବାରେ ଲାଗିଛି ଏବଂ ଦୈନନ୍ଦିନ ଲୋକଙ୍କ ଯାତାୟାତ କ୍ଷେତ୍ରରେ ମଧ୍ୟ ଘୋର ବାଧା ସୃଷ୍ଟି ହେଉଛି । ଏହାବ୍ୟତୀତ ଏଥିଯୋଗୁଁ ସ୍ଥାନୀୟ ଅଂଚଳରେ ଗୁରୁତର ପରିମଳ ସମସ୍ୟା ଉପୁଜିବା ସହିତ ପରିବେଶ ଉପରେ ମଧ୍ୟ ଏହାର ବେଶ କୁପ୍ରଭାବ ପଡୁଛି । ଏହା ସ୍ୱତ୍ତ୍ୱେ ସ୍ଥାନୀୟ ପ୍ରଶାସନ ଏସବୁ ଦେଖି ମଧ୍ୟ ଜାଣି ଅଜଣା ଭଳି ନିରବଦ୍ରଷ୍ଟା ସାଜିଛି । ତେବେ ଏହି ସମସ୍ୟାର ପ୍ରତିକାର ଦିଗରେ ଜିଲ୍ଲାପ୍ରଶାସନ, ବିଏମସି, କମିଶନରେଟ ପୋଲିସ, ବିଡିଏ,ସହର ସ୍ୱାସ୍ଥ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ସ୍ମାର୍ଟସିଟି ଲିଃ,ଜିଏ ଓ ରାଜ୍ୟ ପ୍ରଦୂଷଣ ବୋର୍ଡ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ହେଁ ସଂପୃକ୍ତ ବିଭାଗ ଗୁଡିକ ଏକ୍ଷେତ୍ରରେ ସ୍ଥାଣୁ ପାଲଟିଛନ୍ତି ବୋଲି ସାଧାରଣରେ ଅଭିଯୋଗ ହୋଇଛି ।

# ଚେନ୍ନାଇରୁ ଆସି ଗାଁରେ ପହଞ୍ଚିଲା ମୃତ ଶରୀର

ଠାକୁରମୁଣ୍ଡା, (ସବ୍ୟୁ) :ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ନିପାଣିଆ ଗ୍ରାମର ଜନୈକ ମହିଳା କାମ କରିବାକୁ ଚେନ୍ନାଇ ଯାଇ ଅସୁସ୍ଥ ହେବା ପରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା । ମାତ୍ର ଅର୍ଥ ଅଭାବରୁ ଶବ ଆସି ପାରିନଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ସଂଗଠନର ଆର୍ଥିକ ସହାୟତା କାରଣରୁ ଶବ ଆସି ୪ ତାରିଖ ଶୁକ୍ରବାର ସନ୍ଧ୍ୟାରେ ଠାକୁରମୁଣ୍ଡା ରୁ ୪ କିମି ଦୂର ନିପାଣିଆ ଗ୍ରାମରେ ପହଞ୍ଚିଛି । ନିପାଣିଆ ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି ।ଘଟଣାରୁ ପ୍ରକାଶ, ଗତ ସେପ୍ଟେମ୍ବର ୨୬ ତାରିଖରେ ନିପାଣିଆ ଗ୍ରାମର ସମ୍ବାରୀ ବାନ୍ଦିଆ (୩୮) ଚେନ୍ନାଇ ଅଭିମୁଖେ ଟ୍ରେନ ଯୋଗେ ଯାଇଥିଲେ । କାମ କରିବା ସ୍ଥାନ ଥିରୁଭେଲୁରରେ ୨୯ ତାରିଖ ପହଞ୍ଚିଥିଲେ। ସେଠାରେ ପହଞ୍ଚିବା ପରେ ସମ୍ବାରୀ ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ସହଯୋଗୀ ଏଷ୍ଟର ସିଂ ଓ ଛବିରାଣି ବାନ୍ଦିଆ ରାଜୀବ ଗାନ୍ଧୀ ସରକାରୀ ଜନରାଲ ହସ୍ପିଟାଲ ରେ ଆଡ଼ମିସନ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅକ୍ଟୋବର ୧ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ୨ ତାରିଖ ସ୍ଥାନୀୟ ନେତୃବୃନ୍ଦ ଠାକୁରମୁଣ୍ଡା ପୋଲିସ ଏବଂ ପ୍ରଶାସନ ଙ୍କ ସହିତ ଯୋଗାଯୋଗ କରିଥିଲେ । ଶ୍ରମିକ କାର୍ଡ ଥିଲେ ସରକାର ସାହାଯ୍ୟ କରିପାରିବେ ବୋଲି ଉତ୍ତର ମିଳିଥିଲା । ମାତ୍ର ଶ୍ରମିକ କାର୍ଡ ନଥିବାରୁ ଅଧିକ ଯୋଗାଯୋଗ କରିପାରିନଥିଲେ । ହୋ ପୋଲିସ, ହୋ ଶିକ୍ଷକ ସଂଘ ଏବଂ ଅନ୍ୟାନ୍ୟ ସଂଘରୁ ଆର୍ଥିକ ସହାୟତା ମିଳିବାରୁ ୩ ତାରିଖରେ ଆମ୍ବୁଲାନ୍ସ ଯୋଗେ ଶବ ଅଣାଯାଇଥିଲା ।ଏଥିରେ ୬୧ ହଜାର ଟଙ୍କା ଭଡା ବାବଦକୁ ଖର୍ଚ୍ଚ ହୋଇଥିବା ହୋ ସଙ୍ଗଠନ ସୂଚନା ଦେଇଛି ।ଦିଲ୍ଲୀପ ସିଂ ବାନ୍ଦିଆ ଓ ପତ୍ନୀ ସମ୍ବାରୀ

## ରାଷ୍ଟ୍ରୀୟ ପତ୍ରକାର ମହାସଂଘର ନୂଆ ଜାତୀୟ କମିଟି

# ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ରାଷ୍ଟ୍ରୀୟ ସଭାପତି

ଭୁବନେଶ୍ୱର (ସବ୍ୟୁ): ହଜଖସସ୍ଥିତ ଜଗନ୍ନାଥ ମନ୍ଦିର ସଭାଗୃହରେ ରାଷ୍ଟ୍ରୀୟ ପତ୍ରକାର ମହାସଂଘର କୋର କମିଟିର ଜରୁରୀକାଳୀନ ବୈଠକ ଅନୁଷ୍ଠିତ ସୁଶାନ୍ତ କୁମାର ସୋନି, ଜାତୀୟ ପରିଷଦ ସଦସ୍ୟ ସୁଶୀଲ କୁମାର ଶର୍ମା ଓ ୱାଇ.କେ ନାରାୟଣପୁରକର ମନୋନୀତ ହୋଇଥିଲେ । ଉକ୍ତ ସଭାରେ ସଙ୍ଗଠନର ଶକ୍ତି ବୃଦ୍ଧି ଏବଂ ରାଷ୍ଟ୍ରୀୟ ପଦାଧିକାରୀଙ୍କୁ ଅନ୍ତରତାର ସହ ଧନ୍ୟବାଦ ପ୍ରଦାନ କରିବା ସହ ଆଗାମୀ ଦିନରେ ସଙ୍ଗଠନକୁ ରାଷ୍ଟ୍ରୀୟ ସ୍ତରରେ ମଜବୁତ୍ କରିବା ଏବଂ ଦେଶରେ କାର୍ଯ୍ୟରତ ସମସ୍ତ



ହୋଇ ପୁରୁଣା କମିଟି ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା । ଯେଉଁଥିରେ ସର୍ବସମ୍ମତିକ୍ରମେ ସଙ୍ଗଠନର ଅଧ୍ୟକ୍ଷା ପୁଷ୍ପା ପାଣ୍ଡିଆ, ରାଷ୍ଟ୍ରୀୟ ସଭାପତି ଡକ୍ଟର ପବିତ୍ରମୋହନ ସାମନ୍ତରାୟ, ଉପସଭାପତି ଶିବୁ ଖାନ, କୋଷାଧ୍ୟକ୍ଷ ଧୀରଜ କୁମାର, ସଚିବ ପଙ୍କଜ କୁମାର ମିସ୍ତ୍ରୀ, ଉପସଚିବ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ବିଶଦ୍ ଭାବରେ ଆଲୋଚନା କରାଯାଇଥିଲା । ପରଦିନ ନୂଆଦିଲ୍ଲୀର ଜନପଥସ୍ଥିତ ୱେଷ୍ଟନକୋଟ ଠାରେ ଏକ ସ୍ୱତନ୍ତ୍ର ବୈଠକ ଆରମ୍ଭ ହୋଇଥିଲା । ଏହି ବୈଠକରେ ନବନିଯୁକ୍ତ ରାଷ୍ଟ୍ରୀୟ ସଭାପତି ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ଉପସ୍ଥିତ ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କ ସମସ୍ୟା ସମାଧାନ ଦିଗରେ ଆନ୍ତରିକତା ସହ କାର୍ଯ୍ୟକରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ୧୬ ନଭେମ୍ବର୨୦୨୪ ଜାତୀୟ ପ୍ରେସ୍ ଦିବସରେ ଦିଲ୍ଲୀରେ ରାଷ୍ଟ୍ରୀୟ ପତ୍ରକାର ମହାସଂଘ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ନବ ନିଯୁକ୍ତ ନୂତନ ରାଷ୍ଟ୍ରୀୟ ପଦାଧିକାରୀମାନେ ଦାୟିତ୍ୱ ଗ୍ରହଣ କରିବେ ।

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍‌ର ବୈଠକ



ଭୁବନେଶ୍ୱର (ସବ୍ୟୁ): ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍ ଓଡ଼ିଶା ୟୁନିଟ୍ ଦ୍ୱାରା ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର୍ସ ଫେଡେରେସନର ୬୦ ବର୍ଷ ପୂର୍ତ୍ତି ଅବସରରେ ସମ୍ବଲପୁର ଅପସରା ହୋଟେଲରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍ ଓଡ଼ିଶା ୟୁନିଟ୍‌ର ସଭାପତି ଅଶ୍ୱିନୀ କୁମାର ନାୟକ, ସାଧାରଣ ସମ୍ପାଦକ ସୌମେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ସୁବ୍ରତ ସାମଲ, ଡେପୁଟୀ ସାଧାରଣ ସମ୍ପାଦକ ସୁରେଶ ଟୋପୋ, ପୂର୍ବତନ କୋଷାଧ୍ୟକ୍ଷ ପ୍ରଣବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ପ୍ରାରମ୍ଭ ହୋଇଥିଲା। ଏଥିରେ ଅବସର ପ୍ରାପ୍ତ ଆସୋସିଏସନ୍ କର୍ମୀ ପ୍ରେମ ପାଣିଗ୍ରାହୀ ଓ ଅନ୍ୟାନ୍ୟ କର୍ମୀ ଯୋଗଦାନ କରିଥିଲେ। ଅଲ୍ ଇଣ୍ଡିଆ ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର୍ସ ଫେଡେରେସନର ପ୍ରତିଷ୍ଠା ୧୯୬୪ ମସିହାରେ ଅଫିସର୍ ନାର୍ଯ୍ୟଦାବି ପାଇଁ ପ୍ରତିଷ୍ଠା କରାଯାଇଥିଲା। ଅଲ୍ ଇଣ୍ଡିଆ ସେ୍ରାଲ ବ୍ୟାଙ୍କ ଅଫିସର୍ସ ଫେଡେରେସନ ଅଫିସର୍ସମାନଙ୍କ ପାଇଁ ୬୦ ବର୍ଷ ନିରବଚ୍ଛିନ୍ନ ଲଢ଼େଇ ଜାରିରଖିଛି। ସମସ୍ତ ମଞ୍ଚାସିନ ଅଧିକାରୀମାନେ ସର୍ବୋପରି ବ୍ୟାଙ୍କ୍ ବାଲାନ୍ସ ସିଟ୍‌ର ଗୁଣାତ୍ମକ ବ୍ୟବସାୟିକ ଅଭିବୃଦ୍ଧି ଆଣିବାରେ ନିଜର ଯୋଗାଦନ କରିବାକୁ ଅଧିକାରୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ସଂଗଠନର ଆବଶ୍ୟକତା ଉପରେ ବିସ୍ତୃତ ଭାବେ ଅବଲୋକନ କରିଥିଲେ। ଅନ୍ତିମରେ ଆଞ୍ଚଳିକ ସମ୍ପାଦକ ସମ୍ବଲପୁରର ଅଭିଳାଷ ପଣ୍ଡା ଓ ଭୁବନେଶ୍ୱରର ରାଜେଶ ପଟ୍ଟନାୟକ ସମସ୍ତଙ୍କୁ ସେ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ୍ ଓଡ଼ିଶା ୟୁନିଟ୍ ତରଫରୁ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

# ସେବା ଓ ସ୍ୱାଭିମାନୀ ହେଉଛି ଆମ ମନ୍ତ୍ର, ବିକାଶ ଆମ ପରିଚୟ

ଭୁବନେଶ୍ୱର (ସବ୍ୟୁ): ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ବ୍ରହ୍ମଗିରି ବ୍ଲକ ରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଅଛି । ବ୍ରହ୍ମଗିରି ବ୍ଲକ ଉତ୍ତରସ୍ୱର ମନ୍ଦିର ପ୍ରାଙ୍ଗଣ ଠାରୁ ପ୍ରାୟ ତିନି କିଲୋମିଟର ପଦଯାତ୍ରା ଆରମ୍ଭ ହୋଇ ଅଲାରନାଥ ଲାଇବ୍ରେରୀ ଠାରେ ପହଞ୍ଚି ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି । ସଭା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ପରମ ପୂଜ୍ୟ ଜାତୀର ପିତା ମାହାତ୍ମ୍ୟା ଗାନ୍ଧି ଏବଂ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଛି । ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏହା ପରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଶ୍ରୀ ଦାସବର୍ମା କହିଛନ୍ତି ବିଜେପିର ସଂସ୍କୃତି ଓ ପରିଚୟ ହେଉଛି ମିଛ । ସେମାନେ ମିଛ ପ୍ରତିଶୃତି, ମିଛ କାହାଣୀ କହି ଓଡ଼ିଶାରେ ଶାସନକୁ ଆସିଛନ୍ତି । ସେମାନେ ମିଛ କହି ନିର୍ବାଚନ ଜିତି ପାରନ୍ତି ଲୋକଙ୍କ ହୃଦୟ ନୁହେଁ । ୩୦୦ ୟୁନିଟ ବିଜୁଳି, ୩ ହଜାର ଟଙ୍କା ଭତ୍ତା, ସୁଭଦ୍ରା ଯୋଜନାରେ ମା ମାନଙ୍କୁ ୫୦ ହଜାର ଟଙ୍କା ଆଦି ପ୍ରସଙ୍ଗରେ ବିଜେପି ମିଛ କହିଛି । ରାଜ୍ୟରେ ବିଜେପି ସରକାର ଉପରେ ଲୋକ ଭରସା କରିପାରୁ ନାହାନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ଦାରିଦ୍ର୍ୟ ହ୍ରାସ ଘଟିବା, ବିଦେଶୀ ପୁଞ୍ଜିନିବେଶ ବୃଦ୍ଧି, ମହିଳାଙ୍କୁ ସଶକ୍ତ



କରିବା, ନିରାମୟ ଯୋଜନା, ଆହାର ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଘରେ ଘରେ ୨୪ ଘଣ୍ଟିଆ ପିଇବା ପାଣି ଓ ଜାଗା ମିଶନ ଏବଂ ମୁକ୍ତା ଯୋଜନାରେ ମା ମାନଙ୍କୁ କାମ ଯୋଗାଇ ଦେବାରେ ସଫଳ ଥିଲେ । ବ୍ରହ୍ମଗିରି ବ୍ଲକ ଉପାଧ୍ୟକ୍ଷ ମାଳିନୀ ଦଳାଇ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସ୍ୱପ୍ନାରାଣି ସ୍ୱାଇଁ, ପୁରୀ ସଦର ବ୍ଲକ ଅଧ୍ୟକ୍ଷ ତଥା ପୁରୀ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଦିବାକର ପାତ୍ର, ପୁରୀ ଜିଲ୍ଲା ବିଜୁ ଜନତା ଦଳ ଉପସଭାପତି ସୁର ପ୍ରସାଦ ମହାନ୍ତି, ବ୍ରହ୍ମଗିରି ବିଜୁ ଜନତା ସଭାପତି ବିଦ୍ୟାଧର ସ୍ୱାଇଁ, ବରିଷ୍ଠ ନେତା ପ୍ରଫୁଲ୍ଲ ଜେନାଙ୍କ ସମେତ ବ୍ରହ୍ମଗିରି ବ୍ଲକର ବିଜୁ ଜନତା ଦଳର ଦଳୀୟ କର୍ମୀ, ବରିଷ୍ଠ ନେତୃବୃନ୍ଦ, ବିଜୁ ଯୁବ, ଛାତ୍ର, ମହିଳା ଜନତା ଦଳର ନେତୃବୃନ୍ଦ ଓ ନବନିର୍ବାଚିତ ଜନପ୍ରତିନିଧି ଏବଂ ଜନସାଧାରଣ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

## ଆବାସ ପ୍ରଦାନରେ ଚଞ୍ଚକତା
# ପାଲ ତଳେ ବିତୁଛି ଅସହାୟ ଦମ୍ପତିଙ୍କ ଜୀବନ



ପାରଳାଖେମୁଣ୍ଡି, (ସବ୍ୟୁ): ରାଜ୍ୟ ଓ କେନ୍ଦ୍ର ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଆବାସ ଯୋଜନା କରିଛନ୍ତି। ପଞ୍ଚାୟତର ଅସାଧୁ ନୀତି ଯୋଗୁଁ ଆବାସଘର ଥିଲାବାଲା ହାତଉଥିବା ବେଳେ ଗରିବ ଲୋକେ ଆବେଦନ କରି କରି ନିରାଶ ହେଉଛନ୍ତ। ସୂଚନାଯୋଗ୍ୟ ଯେ, ଗଜପତି ଜିଗୁମ୍ମାଲ୍ଲା ଗୁମ୍ମା ବ୍ଲକ ଗୁମ୍ମା ପଞ୍ଚାୟତରେ ଆବାସ ଯୋଜନାରୁ ବଞ୍ଚିତ ହୋଇ ଭଙ୍ଗା ଦଦରା ଘରେ ପାଲ ତଳେ ଜୀବନ ବିତାଉଛନ୍ତି ଦମ୍ପତି । ଗୁମ୍ମା ପଞ୍ଚାୟତ ସଦର ମହକୁମା ଖ୍ରୀଷ୍ଟିୟାନ ସାହିର ପ୍ରେମିକା ପାଣି, ସ୍ୱାମୀ କର୍ଣ୍ଣନିଏଲ ପାଣି ଜଣେ ଅତି ଗରିବ ଶ୍ରେଣୀର। ପରିବାର କହିଲେ ଭାଇ ବିକଳାଙ୍ଗ ଏବଂ ସ୍ୱାମୀ ମୁଣ୍ଡ ଗୁଞ୍ଜୁଛନ୍ତି ଭଙ୍ଗା ପାଲ ଘରେ। ସେ ଘର ଖଣ୍ଡେ ପାଇବା ପାଇଁ ବାରମ୍ବାର ଆବେଦନ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଘର ଖଣ୍ଡେ ପାଇନାହାନ୍ତି। ବର୍ଷା ଋତୁରେ ଏମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଥିବା ବେଳେ କେତେବେଳେ ଯେ ମାଟି କାନ୍ଥ ଭାଙ୍ଗିଯିବ ଭୟରେ ବର୍ଷା ହେଲେ ପଡ଼ିଶା ଘରେ ଦିନ ବିତୁଛି। ପରିବାର କହିଲେ ବିକଳାଙ୍ଗ ଭାଇ ଘର ଘର ବୁଲି କାମ କରୁଥିବା ବେଳେ ସ୍ୱାମୀ ଆଇରନ କରି ପରିବାର ଗୁଜୁରାଣ ମେଣ୍ଟାଉ ଥିବା ବେଳେ ଘର ଖଣ୍ଡେ କରିବାକୁ ସହାୟତ ମିଳିନି। ପ୍ରୋସସନର ଦୁର୍ନୀତିଖୋର ମନୋଭାବ ଯୋଗୁଁ ଏଭଳି ଗରିବ ଲୋକେ ଆବାସ ଯୋଜନା ତାଲିକାରୁ ଦୀର୍ଘ ବର୍ଷ ଧରି ବାଦ ପଡୁଛନ୍ତି। ଚଳିତ ବର୍ଷ ଅନେକ ଲୋକଙ୍କୁ ଘର ମିଳିଛି। କିନ୍ତୁ ପ୍ରେମିକା ପାଣିଙ୍କୁ ଘର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ଗ୍ରାମବାସୀ। ପ୍ରେମିକା ପାଣିଙ୍କ ବିଷୟରେ ବିଡ଼ିଓ ଆକାଶ କୁମାର ପଣ୍ଡାଙ୍କୁ ଦୃଷ୍ଟି ଆକର୍ଷଣ କରାଯିବା ପରେ ଯଥାଶୀଘ୍ର ତାଙ୍କୁ ଘର ଯୋଗାଇ ଦେବା ପାଇଁ ଚେଷ୍ଟା କରାଯିବ ବୋଲି କହିଛନ୍ତି ।

## ୩ ଆନ୍ତଃରାଜ୍ୟ ଚୋର ଗିରଫ
# ୧୦ କେଜି ରୂପା, ଟଙ୍କା ଜବତ

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ପୋଲିସକୁ ମିଳିଛି ସଫଳତା। ଅଳଙ୍କାର ଦୋକାନରୁ ଚୋରି କରିଥିବା ଅଭିଯୋଗରେ ତିନି ଜଣଙ୍କୁ ଗିରଫ କରିବା ସହ ଚୋରି ହୋଥିବା ଅଳଙ୍କାର ଜବତ କରିଛି ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ୱାହାଜୁଦିନ୍, ହିମାଂଶୁ ବର୍ମା ଓ ଉତ୍ତରାଖଣ୍ଡର ସଞ୍ଜୟ ଘିଲଦୟାଲ। ସେମାନଙ୍କଠାରୁ ନଗଦ ଏକ ଲକ୍ଷ ୫୭ ହଜାର ଟଙ୍କା, ପାଞ୍ଚ କିଲୋଗ୍ରାମର ମେଲ୍ଟ ରୂପା, ପାଞ୍ଚ କିଲୋଗ୍ରାର ରୂମା ଅଳଙ୍କାର, ଗ୍ୟାସ କଟର, ସିଲିଣ୍ଡର, ପାଞ୍ଚଟି ମୋବାଇଲ ଫୋନ ଓ ଚୋରିରେ ବ୍ୟବହୃତ ସ୍କୁଟିକୁ ଜବତ କରିଛି ପୋଲିସ । ଗତ ମାସ ୪ ତାରିଖରେ ବ୍ରହ୍ମପୁର ସହରର ଟାଟା ବେଞ୍ଜ୍ ଛକ ନିକଟରୁ ଏକ ଅଳଙ୍କାର ଦୋକାନ କାନ୍ଥ ଭାଙ୍ଗି ବହୁ ସୁନା ଓ ରୂପା ଅଳଙ୍କାର ଚୋରି ହୋଇଥିଲା। ଏନେଇ ଅଳଙ୍କାର ଦୋକାନ ମାଲିକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଏକ ଚୋର ଗ୍ୟାଙ୍ଗ୍ ଧରିବାରେ ସଫଳ ହୋଇଥିଲା ପୋଲିସ । ଏହି ଚୋରୀ ଘଟଣାରେ ସଂପୃକ୍ତି ଥିବା ଅଭିଯୋଗରେ ପୂର୍ବରୁ ଛଅ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୋଲିସ। ଗିରଫ ମାନେ ହେଲେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ସିକିରି ଗାଁର ମାୟାଧର ବେହେରା, ଦିଲ୍ଲୀର ମନପ୍ରିତ, ଉତ୍ତର ପ୍ରଦେଶ ଅଲିଗଡ଼ର ସୁରଜ, ପଞ୍ଜାବର ଗୁରୁପ୍ରିତ, ଉତ୍ତରାଖଣ୍ଡର ବିକାଶ କୁମାର, ଉତ୍ତପ୍ରଦେଶର ବିପିନ କୁମାରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଥିବା ବେଳେ ବର୍ତ୍ତମାନ ଆଉ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ।

# ଶିମିଳିପାଳ ଜଙ୍ଗଲରେ ବୁଲୁଥିବା କଳାବାଘର ଭିଡିଓ ଭାଇରାଲ୍



ବାରିପଦା, (ସବ୍ୟୁ) : ଶିମିଳିପାଳର ଘଞ୍ଚ ଜଙ୍ଗଲରେ ବିଚରଣ କରୁଛି କଳାବାଘ। ଏହାର ଝଲକ ପୁଣି ଥରେ କ୍ୟାମେରାରେ କଏଦ ହୋଇଛି। ଯାହାର ଭିଡିଓକୁ ସୋସିଆଲ ମିଡିଆରେ ପୋଷ୍ଟ କରି ସୂଚନା ଦେଇଛନ୍ତି ନିଜେ ପିସିସିଏଫ ୱାଇଲ୍ଡ ଲାଇଫ୍ ସୁଶାନ୍ତ ନନ୍ଦ। ଶିମିଳିପାଳ ଅଭୟାରଣ୍ୟ ନିକଟରେ ପ୍ରସ୍ତାବିତ ଦେଶର ପ୍ରଥମ କଳାବାଘ ସଫାରୀ ପ୍ରକଳ୍ପ କାମ ଆଗେଇ ଚାଲିଛି। ଏପରି ସମୟରେ ଏହି ଚିତ୍ର ସାମ୍ନାକୁ ଆସିଛି। ଫଳରେ ବନ୍ୟଜନ୍ତୁ ପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। କଳାବାଘ ସଫାରୀକୁ ପୂର୍ବରୁ ଏନଟିସିଏ ଅନୁମୋଦନ କରିଥିବାବେଳେ ଏହାର ଡିଜାଇନକୁ ନିକଟରେ ମଞ୍ଜୁରୀ ଦେଇଛି ସେଣ୍ଟ୍ରାଲ ଜୁ ଅଥରିଟି। ବାରିପଦାରୁ ୧୦କିଲୋମିଟର ଦୂରରେ ମଞ୍ଚାବନ୍ଧା ଠାରେ ଶହେ ଏକର ଜମିରେ ତିଆରି ହେବାକୁ ଥିବା ଏହି କଳାବାଘ ସଫାରୀରେ ନନ୍ଦନକାନନରୁ କଳାବାଘ ଓ କଳା ଜିନ୍ ଥିବା ବାଘକୁ ଆଣି ଛଡ଼ାଯିବ। ଏଠାରେ ବାଘଙ୍କ ପାଇଁ ରହିବ ସ୍ୱତନ୍ତ୍ର ହସ୍ପିଟାଲ। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଏହି ସଫାରୀ ପର୍ଯ୍ୟଟକଙ୍କ ପାଇଁ ଖୋଲା ହେବ। ଫଳରେ ଶିମିଳିପାଳ ବୁଲିବାକୁ ଆସୁଥିବା ପର୍ଯ୍ୟଟକ କଳାବାଘ ଦେଖିବାର ସୁଯୋଗ ପାଇପାରିବେ। ଏହା ପୂର୍ବରୁ ସୋସିଆଲ ମିଡିଆରେ ଏହି କଳାବାଘ ବିଚରଣ କରୁଥିବାର ଦୃଶ୍ୟ ବେଶ୍ ଭାଇରାଲ ହେଉଛି। ଗତ ମେ ମାସରେ ଶିମିଳିପାଳରେ ମହାବଳ ଓ କଳାବାଘ ସାଙ୍ଗ ହୋଇ ବୁଲୁଥିବା ଦେଖିବାକୁ ମିଳିଥିଲା। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏନେଇ ସୂଚନା ଦେଇଛନ୍ତି ପିସିଏଫ୍ ସୁଶାନ୍ତ ନନ୍ଦ।

# ପାର୍ବଣରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ସୁରକ୍ଷା ମାର୍ଗଦର୍ଶିକା ଜାରି

ବ୍ରହ୍ମପୁର, (ସବ୍ୟୁ): ପାର୍ବଣ ଋତୁ ଆରମ୍ଭ ହେବା ସହ ବିଭିନ୍ନ ପୂଜାସ୍ଥଳରେ ଓ ବଜାରରେ ଲୋକଙ୍କ ଭିଡ଼ ଜମୁଛି। ଏହି ସମୟରେ ବିଦ୍ୟୁତ ସୁରକ୍ଷାକୁ ଧ୍ୟାନରେ ରଖି ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ପାଇଁ ପ୍ରସ୍ତୁତ ରହିଛି ଟିପିଏସ୍‌ଓଡିଏଲ୍। ବିଶେଷ କରି ପୂଜା ମଣ୍ଡପ ଭଳି ଅସ୍ଥାୟୀ ବିଦ୍ୟୁତ ସଂଯୋଗ ଥିବା ସ୍ଥାନରେ ଲୋକଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ସୁରକ୍ଷା ନିୟମାବଳୀ ମାର୍ଗଦର୍ଶିକା ଜାରି କରାଯାଇଛି। ଯାହାଦ୍ୱାରା ବିନା କୌଣସି ବାଧକରେ ଉତ୍ସବ ପାଳନ ହୋଇପାରିବ ପୂଜା ଆୟୋଜକଙ୍କୁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅସ୍ଥାୟୀ ବିଜୁଳି ସଂଯୋଗ ଦିଆଯାଉଛି। ଅସ୍ଥାୟୀ ସଂଯୋଗ ପାଇଁ ଆବେଦନକାରୀ ଟିପିଏସ୍‌ଓଡିଏଲର ସେକ୍ସନ, ସବ ଡିଭିଜନ ଏବଂ ଡିଭିଜନ ଅଫିସ ଯାଇ ଆବେଦନ କରିପାରିବେ, କିମ୍ବା ଟିପିଏସ୍‌ଓଡିଏଲର ୱେବସାଇଟ ପୋର୍ଟାଲରେ ମଧ୍ୟ ଅନଲାଇନ ଆବେଦନ କରିପାରିବେ। ଦକ୍ଷ ଓ ଅଭିଜ୍ଞ ଇଲେକ୍ଟ୍ରିସିଆନଙ୍କ ମାଧ୍ୟମରେ ଆଲୋକ ସାଜସଜ୍ଜା ଏବଂ ଡେକୋରେସନ୍ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଲୋକଙ୍କୁ ଅନୁରୋଧ କରାଯାଇଛି ନିମ୍ନଲିଖିତ ସୁରକ୍ଷା ନିୟମାବଳୀ ଉପରେ ଗରୁତ୍ୱ ଦିଆଯାଇଛି। ଢିଲା ସଂଯୋଗର ମରାମତି କରନ୍ତୁ ଏବଂ ନଷ୍ଟ ହୋଇଯାଇଥିବା ତାର ବଦଳରେ ନୂଆ ତାର ଲଗାନ୍ତୁ। ଓଭରଲୋଡ଼ିଂ ବୈଦ୍ୟୁତିକ ସକେଟଠାରୁ ଦୂରେଇ ରୁହନ୍ତୁ। ଓଭରହେଡ୍ ବିଦ୍ୟୁତ ତାର ପ୍ରତି ସତର୍କ ରୁହନ୍ତୁ ଏବଂ ଏହା ନିକଟରେ ଆଲୋକ ସାଜସଜ୍ଜା କରନ୍ତୁ ନାହିଁ। ବିଦ୍ୟୁତ ପ୍ୟାନେଲ ଏବଂ ଡେଲିଭରି ବକ୍ସ ନିବୁଜ ତଥା ସୁରକ୍ଷିତ ରହିବା ସୁନିଶ୍ଚିତ କରନ୍ତୁ। ସମସ୍ତ ବିଦ୍ୟୁତ ସଂଯୋଗରେ ଆର୍ଥିଂ ବ୍ୟବସ୍ଥା ଅଛି କି ନାହିଁ, ତାହା ଯାଞ୍ଚ କରନ୍ତୁ। ଭସାଣି ଉତ୍ସବ ବେଳେ ବିଦ୍ୟୁତ ଖୁଣ୍ଟ, ତାର ଏବଂ ଟ୍ରାନ୍ସଫର୍ମରଠାରୁ ସୁରକ୍ଷିତ ବ୍ୟବଧାନ ଅବଲମ୍ବନ କରନ୍ତୁ। କୌଣସି ବୈଦ୍ୟୁତିକ ତ୍ରୁଟି କିମ୍ବା ସମ୍ଭାବ୍ୟ ବିପଦ ନଜରକୁ ଆସିଲେ, ନିକଟସ୍ଥ ଟିପିଏସ୍‌ଓଡିଏଲ୍ ଫ୍ୟୁଜ କଲ୍ ସେଣ୍ଟର ସହ ତୁରନ୍ତ ଯୋଗାଯୋଗ କରନ୍ତୁ କିମ୍ବା ଟିପିଏସ୍‌ଓଡିଏଲ୍ ଗ୍ରାହକ ସେବା ଟୋଲ୍ ଫ୍ରି ନମ୍ବର: ୧୯୧୨ କିମ୍ବା ୧୮୦୦-୩୪୫୬-୭୯୭ ରେ କଲ୍ କରନ୍ତୁ ।

## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ପ୍ରଶିକ୍ଷଣ ସେଣ୍ଟରର ଶୁଭାରମ୍ଭ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହରର ତୁଳସୀଚୌରା ୱାର୍ଡ ନଂ-୨୩ ଠାରେ ବିଭିନ୍ନ ବ୍ୟକ୍ତିଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଆଇସିର ମୁଖ୍ୟ ଅଜୟ କୁମାର ମହାନ୍ତ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଡିପିଏମ୍‌ୟୁର ସପନ୍ କୁମାର କାଳନ୍ଦୀ, ୱାର୍ଡ ନଂ-୨୩ ର ୱାର୍ଡ କାଉନ୍‌ସିଲର ଅନନ୍ତ କୁମାର ଦାସ ଓ ୱାର୍ଡ ନଂ-୩ ର ୱାର୍ଡ କାଉନ୍‌ସିଲର ରାଜ୍ ଗୁପ୍ତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଯୋଗଦେଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶାନ୍ତନୁ ସିଂହ, ବିହିତ ଘାଣ୍ଟା, ଅଜୟ କୁମାର ଦାସ ଆୟୋଜକ ହୋଇଥିବାବେଳେ ଶିକ୍ଷକ ସଞ୍ଜୟ ଚୌଧୁରୀ, ସଂଗ୍ରାମ୍ ମଲ୍ଲିକ ଏବଂ ସୁପରଭାଇଜର ମୋହନ ମୁର୍ମୁ, ସେଣ୍ଟର ପରିଚାଳକ ଆନନ୍ଦ ସୋରେନ୍‌ଙ୍କ ସହିତ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ଆବେଦନ କରିଥିବା ସମସ୍ତ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଯୋଜନାରେ ରାଜମିସ୍ତ୍ରୀ ଓ ବଢେଇ ମାନଙ୍କୁ ତାଲିମ ଏବଂ ତାର ସମସ୍ତ ସୁବିଧା ସୁଯୋଗ ଦିଆଯିବ ବୋଲି ସୂଚନା ଦିଆଯାଇଛି । ଏହି ସଭାରେ ଡିଆଇସିର ମୁଖ୍ୟ ଅଜୟ ମହାନ୍ତ ଓ ଡିପିଏମ୍‌ୟୁର ସପନ କାଳନ୍ଦୀ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସମ୍ବନ୍ଧରେ ଅତିପ୍ରାଞ୍ଜଳ ଭାବରେ ବୁଝାଇ ଦେବା ସଙ୍ଗେ ସଙ୍ଗେ ଏହି ଯୋଜନାର ସମସ୍ତ ସୁବିଧାକୁ ଉପଲବ୍ଧ କରିବାକୁ ଉପସ୍ଥିତ ଜନତାଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ସେଣ୍ଟର ନିର୍ଦ୍ଦେଶକ ଶାନ୍ତନୁ ସିଂହ ଧନ୍ୟବାଦ ଅର୍ପଣ କରି ସଭାକୁ ପରିସମାପ୍ତ କରିଥିଲେ ।

## ଗଞ୍ଜେଇ ଜବତ ମାଫିଆ ଫେରାର

ଫିରିଙ୍ଗିଆ, (ସବ୍ୟୁ) : ଶୁକ୍ରବାର ଫିରିଙ୍ଗିଆ ପୋଲିସ ୨୧୫ କିଲୋ ଗଞ୍ଜେଇ ଜବତ କରିଥିବା ବେଳେ ବେପାରୀ ଫେରାର ହୋଇଥିବା ସୂଚନା ମିଳିଛି। ଜବତ ଗଞ୍ଜେଇ ଯାଜେସପଙ୍ଗା ଗାଁ ଜଙ୍ଗଲରେ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ କୌଣସି ସୂତ୍ରରୁ ଫିରିଙ୍ଗିଆ ପୋଲିସ ଖବରପାଇ ଗଞ୍ଜେଇ ଜବତ କରିବାରେ ସକ୍ଷମ ହେଇଥିବା ବେଳେ ଗଞ୍ଜେଇ ମାଫିଆଙ୍କୁ ଧରିବାରେ ପୋଲିସ ବିଫଳ ହୋଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ବାବଦରେ ଫିରିଙ୍ଗିଆ ଥାନା ନଂ ୨୦୦/୨୪ ରେ ମାମଲା ରୁଜୁ କରାଯାଇଥିବା ଅତିରିକ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି ।

## ବ୍ୟାପକ ହେଉଛି ପଲିଥିନ ବ୍ୟବହାର, କାମ କରୁନି କଟକଣା

ବୁଗୁଡ଼ା, (ସବ୍ୟୁ) : ରାଜ୍ୟ ସରକାର ପଲିଥିନର ବ୍ୟବହାର ଉପରେ କଟକଣା ଲାଗୁ କରିଥିଲେ ହେଁ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ତୃଣମୂଳ ସ୍ତରରେ ଏହି କଟକଣାର କିଛି ମାନେ ନଥିବା ପରି ମନେ ହେଉଛି । ବୁଗୁଡା ସହର ସମେତ ଆଖପାଖ ଅଞ୍ଚଳରେ ବେଳକୁ ବେଳ ପଲିଥିନର ବହୁଳ ବ୍ୟବହାର ଯୋଗୁଁ ପରିବେଶ ଦୂଷିତ ହେବାରେ ଲାଗିଛି । ଯେଉଁ ଆଡ଼େ ଦେଖିବ ସେହି ଆଡ଼େ କୁଢ କୁଢ ପଲିଥିନ ଅଳିଆ ଗଦାରେ ପଡି ରହିଥିବାର ଦେଖିବାକୁ ମିଳୁଛି । ହୋଟେଲ , ଜଳଖିଆ ଦୋକାନ ଓ ପନିପରିବା ଦୋକାନ ସମେତ ସବୁଠି ପଲିଥିନର ମାତ୍ରାଧିକ ବ୍ୟବହାର ଯୋଗୁଁ ପରିବେଶବିତ୍ ମହଲରେ ଉଦବେଗ ପ୍ରକାଶ ପାଇଛି । ପଲିଥିନର ବହୁଳ ବ୍ୟବହାର ଯୋଗୁଁ ଏକଦା କାଗଜ ଠୁଙ୍ଗା ପ୍ରସ୍ତୁତ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ବ୍ୟକ୍ତି ଏବେ ଜୀବିକା ହରାଇ ବସିଛନ୍ତି । ପଲିଥିନର ବ୍ୟବହାର ପରିବେଶ ଉପରେ କୁପ୍ରଭାବ ପାଉଥିବାରୁ ରାଜ୍ୟ ସରକାର ୨୦୧୮ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ପଲିଥିନ ବ୍ୟବହାର ଉପରେ ନିଷେଧାଦେଶ ଜାରି କରିଥିଲେ । ମାତ୍ର ସରକାର ଲାଗୁ କରିଥିବା କଟକଣାକୁ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ମାନୁନଥିବା ବେଳେ ପ୍ରଶାସନିକ ଉଦାସୀନତା ପରୋକ୍ଷରେ ପଲିଥିନର ବହୁଳ ବ୍ୟବହାର ପାଇଁ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ପ୍ରୋତ୍ସାହିତ କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ଏଣୁ ପ୍ରଶାସନିକ ଅଧିକାରୀମାନେ ପଲିଥିନ ବ୍ୟବହାର ପ୍ରତି ଲଗାମ ଲଗାଇବା ଦିଗରେ ଗୁରୁତ୍ୱ ଦେବାକୁ ବୁଗୁଡା ଅଞ୍ଚଳର ସଚେତନ ନାଗରୀକମାନେ ଦାବି କରିଛନ୍ତି । ଏଥିସହ ପଲିଥିନ ବ୍ୟବହାର କରୁଥିବା ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ବିରୁଦ୍ଧରେ ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଶ୍ୟାମାକାଳୀ ପୂଜା ଉପଲକ୍ଷେ ଶୁଭ ଖୁଣ୍ଟି ସ୍ଥାପନ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମରେ ପବିତ୍ର ଦୀପାବଳି ଉତ୍ସବ ଅବସରରେ ମା ଶ୍ୟାମାକାଳୀଙ୍କ ପୂଜା ଉପଲକ୍ଷେ ତେଲୁଗୁ ସାହି ଅସ୍ଥାୟୀ ପୂଜା ମଣ୍ଡପଠାରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲଙ୍ଗଳେଶ୍ୱର ପାଠାଗାର ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଶଶାଙ୍କ ଭୂଷଣ ହୋତା ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ ପାଠାଗାର ସଭାପତି ଶିବ ଶଙ୍କର ମହାପାତ୍ର କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।



# କୋଶଳ କଳାମଣ୍ଡଳର ସମୀକ୍ଷା କରିବେ ବିଧାୟକ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର କଳା ସଂସ୍କୃତିର ଐତିହ୍ୟ ପୀଠ କୋଶଳ କଳା ମଣ୍ଡଳ ସୁରକ୍ଷା ପାଇଁ ଦେବାଳୟ ସୁରକ୍ଷା କମିଟି ବିଧାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । କୋଶଳ କଳା ମଣ୍ଡଳର ଉନ୍ନତି ପାଇଁ ୩ କୋଟି ୯୦ ଲକ୍ଷ ଟଙ୍କା ଅନୁଦାନ ଆସିଛି । ୬ ମାସ ବିତି ଯାଇଥିଲେ ମଧ୍ଯ ଅଧାପନ୍ତରିଆ କାମ ପଡିରହିଛି ଏବଂ କମିଟି ୪ଟି ପ୍ରସ୍ତାବ ପ୍ରଦାନ କରାଯାଇଥିଲା । କୋଶଳ କଳା ମଣ୍ଡଳର ୭ଏକର ୨୦୦ ଡିସିମିଲ ଜମି ରେକର୍ଡ ଅନୁସାରେ ସୂଚନା ରହିଛି । ଏହାର ସୌନ୍ଦର୍ଯ୍ୟକରଣ ଓ ସୁରକ୍ଷା କରିବା ପାଇଁ ଦାବି, କୋଶଳ କଳାମଣ୍ଡଳର ପ୍ରତିଷ୍ଠାତା ମହାରାଜ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପ୍ରତିମୁର୍ତ୍ତି ସ୍ଥାପନ କରିବା ପାଇଁ ଦାବି ପ୍ରଦାନ କରାଯାଇଛି । ବିଧାୟକ ଶ୍ରୀ ସିଂହଦେଓ ଏ ବାବଦରେ ଏକ କମିଟି ଗଠନ କରି ସମୀକ୍ଷା ଏବଂ ପରିଦର୍ଶନ କରିବେ ଏବଂ ମହାରାଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ପ୍ରତିଶୃତି ଦେଇଥିବା କମିଟି କହିଛି । ପ୍ରତିନିଧି ମଣ୍ଡଳିରେ ନାଗରିକ କମିଟିର ସଂପାଦକ ମଧୁ ସୁଦନ ନାୟକ, ସୁରେନ୍ଦ୍ର ନେଗୀ, ରିଣ୍ଟୁ ସାହୁ, ସଚ୍ଚିଦାନନ୍ଦ ନାଏକ, ସଂପାଦକ ନରେନ୍ଦ୍ର କବାଟ ଓ ଦେବବ୍ରତ ବେହେରା(ବୁଲୁ) ଉପସ୍ଥିତ ଥିଲେ ।

# ଜିଲ୍ଲାଭିତ୍ତିକ ସ୍ଥାୟୀ ନିଯୁକ୍ତି ଦାବିରେ ୧୨ଘଣ୍ଟିଆ କୋରାପୁଟ ବନ୍ଦ



ବୋରିଗୁମ୍ମା/କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ଜିଲ୍ଲାଭିତ୍ତିକ ସ୍ଥାୟୀ ନିଯୁକ୍ତି ଦାବିରେ ଶୁକ୍ରବାର ୧୨ ଘଣ୍ଟିଆ କୋରାପୁଟ ବନ୍ଦ ପାଳନ କରାଯାଉଥିଲା । ସକାଳ ୬ଟାରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିଲା । କୋରାପୁଟରେ ଦୋକାନବଜାର ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ଶିକ୍ଷକ ନିଯୁକ୍ତି ଜିଲ୍ଲାଭିତ୍ତିକ କରାଯାଉ। ଅନ୍ତତଃ ଏହି ଡି ଗ୍ରେଡ ପଦବୀକୁ ଜିଲ୍ଲାଭିତ୍ତିକ କରାଯାଉ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। ଏନେଇ ୪ ତାରିଖରେ ୧୨ ଘଣ୍ଟିଆ ଅଖଚକ , ଦୋକାନବଜାର, ସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ କଲେଜ ବନ୍ଦ କରାଯାଇ ଧାରଣା ଦିଆଯିବ ବୋଲି ସ୍ଥାନୀୟ ନିଶାଣୀମୁଣ୍ଡା ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀରେ କମିଟିର ଆବାହକ ତଥା ଜିଲ୍ଲା ଆଦିବାସୀ ମହାସଂଘର ସଭାପତି ଶିବ ମୁଦୁଲି, ପରାମର୍ଶଦାତା ରୂପକ ତୁରୁକ, ପଦ୍ମନାଭ ଜାନୀ, ଜଗନ୍ନାଥ ହନ୍ତାଲ, ସମାଜସେବୀ ମନସ୍ୱିନୀ ଟାକ୍ରୀ, ବୈକୁଣ୍ଠ ମଣ୍ଡଳ ଆଦି କହିଥିଲେ। ରାଜ୍ୟ ସରକାର ଯଦି ଦାବି ପୂରଣ ନ କରନ୍ତି ତେବେ ଆଇନକୁ ହାତକୁ ନେବାକୁ ବାଧ ହେବୁ ବୋଲି କହିଥିଲେ ଶ୍ରୀ ତୁରୁକ। ଏଠାକାର ଶିକ୍ଷିତ ବେକାର ଯୁବକ ଓ ଯୁବତୀମାନେ ସ୍ଥାନୀୟ ନିଯୁକ୍ତି ନ ମିଳିବା ଫଳରେ ବାଧ ହୋଇ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟସରକାର ନିଜ ଇସ୍ତାହାରରେ ସ୍ଥାନୀୟ ନିଯୁକ୍ତି କଥା ଦର୍ଶାଇଥିବା ବେଳେ ଏବେ କିଭଳି ଭୁଲି ଯାଉଛନ୍ତି ବୋଲି ଶ୍ରୀ ତୁରୁକ ପ୍ରଶ୍ନ କରିଥିଲେ।

ସେହିପରି ବନ୍ଦ ଡାକରାରେ ବୋରିଗୁମ୍ମାରେ ବି ପ୍ରଭାବ ଦେଖିବାକୁ ମିଳିଥିଲା । ସକାଳୁ ସକାଳୁ ବୋରିଗୁମ୍ମାରେ ଦଳଗତ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ସ୍ଥାନୀୟ ମୁଖ୍ୟ ଟ୍ରାଫିକ ଛକ ନିକଟରେ ସମସ୍ତ ଗାଡ଼ିକୁ ଅଟୋକାଇ ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ । ରାସ୍ତା କଡରେ ଶହ ଶହ ଗାଡି ମୋଟର ଅଟକି ରହିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ଏସଡ଼ିପିଓ ତପସ୍ୱିନୀ କହଁରଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା । ଗତ ଦିନରେ ଶିକ୍ଷକ ନିଯୁକ୍ତି ସମୟରେ ମୋଟ ୯୨୨ ମଧ୍ୟରୁ କୋରାପୁଟ ଜିଲ୍ଲାରେ ମାତ୍ର ୧୦୪ ଜଣ ନିଯୁକ୍ତି ପାଇଥିଲେ । ଜିଲ୍ଲାର ଯୁବକ ଯୁବତୀ ନିଜ ଜିଲ୍ଲାରେ ସରକାରୀ ଚାକିରୀରେ ନିଯୁକ୍ତି ପାଇବେ । ଯଦି ସରକାର ଦାବି ନ ମାନନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆଦିବାସୀ ସଂଘ ସଭାପତି ସତ୍ୟନାରାୟଣ ନାୟକ କହିଛନ୍ତି। ବନ୍ଦ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଛି ବୋଲି ମିଳିତ କ୍ରିୟାନୁଷ୍ଠାନ ଦାବି କରିଛି । ବନ୍ଦ ଡାକରାରେ ବ୍ଲକ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତ, ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା, ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକ, କଂଗ୍ରେସ ନେତା ବିଜୟ ନାରାୟଣ ସାହୁ, ଆଦିବାସୀ ନେତା କମୁଲୁ ଯାନୀ, ସ୍ଥାନୀୟ ସରପଞ୍ଚ ତୁଷାରକାନ୍ତ କୁମ୍ଭିକା, ଦାଶରଥି ମାଝୀ, ଗୋପୀ ଗାଦବା, ବିଟୁ ପଣ୍ଡାଙ୍କ ସହ ମିଳିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମାନେ ସାମିଲ ଥିଲେ।

# ପୂର୍ବତନ ଜେଲ ଅଧିକ୍ଷକ ଗୋଲକ ମହାନ୍ତିଙ୍କ ପରଲୋକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜେଲର ପୂର୍ବତନ ଜେଲର ଗୋଲକ ବିହାରୀ ମାହାନ୍ତିଙ୍କ(୭୩) ପରଲୋକ ହୋଇଛି । ସେ ବାର୍ଦ୍ଧକ୍ୟଜନୀତ ରୋଗ ଦେଇ ଗତି କରୁଥିବା ବେଳେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଶେଷ ସମୟରେ ସ୍ତ୍ରୀ, ପୁଅ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ସ୍ୱର୍ଗତ ମହାନ୍ତି ଚାକିରି କାଳରେ ତାଙ୍କର ନିଷ୍ଠା ଓ ସାଧୁତା ପାଇଁ ଥରେ ରାଷ୍ଟ୍ରପତି ପୁରସ୍କାର ପାଇଥିଲେ । ସେ ବାରିପଦା ସାର୍କିଲ ଜେଲରେ ଅଧିକ୍ଷକ ଥିବା ସହ ସେଠାରେ ଡ଼ିଆଇଜି ର୍‍ୟାଙ୍କରେ ଚାକିରୀରୁ ଅବସର ନେଇଥିଲେ । ଶ୍ରୀ ମହାନ୍ତି ଜଣେ ଜଗନ୍ନାଥ ସଂସ୍କୃତିର ପ୍ରଚାରକ ଥିଲେ । ଅବସର ପରେ ପୈତୃକ ଘର ଦଶପଲ୍ଲା ଫେରି ସେଠାରେ ସମାଜର ଉନ୍ନତି ମୂଳକ କାର୍ଯ୍ୟରେ ଲିପ୍ତ ଥିଲେ । ବଡ ପୁଅ ପ୍ରଗନିତ ମହାନ୍ତି ମୁଖାଗ୍ନି ଦେଇଥିଲେ ।

# ଓସାକା ହାଇଦ୍ରାବାଦ୍ ପକ୍ଷରୁ ପାରମ୍ପରିକ ନୂଆଁଖାଇ ଭେଟ୍‌ଘାଟ୍



ବଲାଙ୍ଗିର/ସମ୍ବଲପୁର,(ସବ୍ୟୁ): ହାଇଦ୍ରାବାଦ ସ୍ଥିତ ପ୍ରବାସୀ ପଶ୍ଚିମ ଓଡିଶା ବାସୀଙ୍କ ଅଗ୍ରଣୀ ସଂଗଠନ ପଶ୍ଚିମ ଓଡିଶା ସାମାଜିକ ଆରୁ ସାଂସ୍କୃତିକ ଅନୁଷ୍ଠାନ ଓସାକା ତରଫରୁ ୨୯ ସେପ୍ଟେମ୍ବରରେ ବଂଜାରା ହିଲ୍ ସ ସ୍ଥିତ ଆଦିବାସୀ ଭବନରେ ନୂଆଁଖାଇ ଭେଟ୍ ଘାଟ୍ ପାଳିତ ହୋଇଯାଇଛି ।

ପ୍ରଥମେ ଛତର୍ ସହ ଶୋଭାଯାତ୍ରା ପରେ ଧରତୀ ମାତା ଏବଂ ଇଷ୍ଟଦେବୀ ମାଁ ସମଲେଇ, ପାଟଣେଶ୍ୱରୀ, ମାଣିକେଶ୍ୱରୀ ଏବଂ ସୁରେଶ୍ୱରୀଙ୍କ ପୂଜାର୍ଚ୍ଚନା ହୋଇଥିଲା । ତଳେ ବସି ସମସ୍ତେ ଏକାଠି ନୂଆଁଖାଇ ଚୁରାକୁଁଡା ପ୍ରସାଦ ସେବନ ପରେ ଜୁହାରି ଭେଟ ହୋଇଥିଲେ।

ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଯୋଗଦେଇଥିଲେ । ବିଧାୟକ ଶ୍ରୀ ଦାସଙ୍କୁ ଓସାକା ତରଫରୁ ଯୁବ ଆଇକନ୍ ଏବଂ ପଶ୍ଚିମ ଓଡ଼ିଶାର ଶ୍ରେଷ୍ଠ ଯୁବ ନେତା -୨୦୨୪ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଅବଦାନ ପାଇଁ ବିରମହାରାଜପୁର ସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟର ଡ: ଦେବେନ୍ଦ୍ର କୁମାର ସାହୁ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅବଦାନ ପାଇଁ ବୁର୍ଲା ଇଞ୍ଜିନିୟରିଙ୍ଗ୍ କଲେଜର ପୂର୍ବତନ ଛାତ୍ର ଇଂ ମହେଶ ଅଗ୍ରୱାଲ ଏବଂ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଏନ.ଜି.ଆର୍.ଆଇ., ହାଇଦ୍ରାବାଦରେ କାର୍ଯ୍ୟରତ ମୁଖ୍ୟ ବୈଜ୍ଞାନିକ ଡ: ବି.ପ୍ରଶାନ୍ତ ପାତ୍ରଙ୍କୁ ଓସାକା ପକ୍ଷରୁ ସମ୍ମାନିତ କରାଯାଇଥିଲା।ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ହାସ୍ୟ ତଡ଼୍ କା ଶିଶିର ପୁରୋହିତଙ୍କର ବ୍ୟଙ୍ଗ କବିତା ଦର୍ଶକ ବେଶ୍ ଉପଭୋଗ କରିଥିଲେ ।କତନ ବରିଷ୍ଠ କବି ଭିକାରୀ ମିଶ୍ରଙ୍କ ଲିଖିତ ସମ୍ବଲପୁରୀ କୋସଲୀ ବହି ଜନ୍ ଖମନ୍ ଏବଂ ଘନ୍ ଖମନ୍ ଉନ୍ମୋଚିତ ହୋଇଥିଲା । ପଶ୍ଚିମ ଓଡିଶାର ହସ୍ତତନ୍ତ, ଚାରୁକଳା, ଖାଦ୍ୟ ପରମ୍ପରା ଆଦିକୁ ପ୍ରୋସାହନ ପାଇଁ ଓସାକା ତରଫ୍ ରୁ ହାଟ୍ ର ଆୟୋଜନ କରାଯାଇଥିଲା । ସମ୍ବଲପୁରୀ ବସ୍ତ୍ର ର ପ୍ରଚାର ପ୍ରସାର ପାଇଂ ମଧ୍ୟ ରେମୁଣ୍ଡାର ଶୀଳ୍ପୀଶାଡୀର ବୁଣାକାରଙ୍କୁ ନିମନ୍ତ୍ରିତ କରାଯାଇଥିଲା। ଓସାକାର ସଭାପତି ସୁନିଲ କୁମାର ଗଡତ୍ୟା ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ ନିଜ ଅଞ୍ଚଳର ବିକାଶ ପାଇଁ ମିଳିତ ଉଦ୍ୟମ ପାଇଁ ଅନୁରୋଧ କରିଥିଲେ । ଓସାକାର ସାଧାରଣ ସମ୍ପାଦକ ସନ୍ଦୀପ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିପୁଣ ଓଡିଶା ଲୋଗୋ ଉନ୍ମୋଚିତ

ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମଗ୍ର ଶିକ୍ଷା ପକ୍ଷରୁ ସ୍ଥାନୀୟ ପଂଚାୟତ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ନିପୁଣ ଓଡିଶା ଲୋଗୋ ଉନ୍ମୋଚନ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମ ନାରାୟଣ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ପଂଚାୟତ ସମିତି ଉପାଧକ୍ଷା ଜାନକୀ ବାଣୁଆ ମୁଖ୍ୟ ଅତିଥି, ବିଡ଼ିଓ ଧର୍ମରାଜ ମାଝୀ ସ୍ୱତନ୍ତ୍ର ଅତିଥି, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ମୋହନ ଯୋଶୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ଖମାରି ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ,ସାମ୍ବାଦିକ ଶେଷଦେବ ବେହେରା , ଅସ୍ରଫ ଅଲ୍ଲୀ ଓ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଲଳିତ କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇ ନିପୁଣ ଓଡିଶା ଲୋଗୋ ଉନ୍ମୋଚନ କରିବା ସହ ଏହାର ଲକ୍ଷ୍ୟ ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ଗୁଡ଼ିକରୁ ପ୍ରଧାନ ଶିକ୍ଷକ ଓ ଏଫଏଲଏନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗଦାନ କରିଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନନ୍ତ ନାରାୟଣ ପଣ୍ଡା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ଼ କାରାଗାରରେ ଅଚାନକ ଚଢ଼ାଉ

ବରଗଡ଼,(ସବ୍ୟୁ): ବରଗଡ଼ ଉପ କାରାଗାରରେ ଅଚାନକ ଚଢ଼ାଉ କରାଯାଉଛି। ଭୋର ପ୍ରାୟ ୪ଟାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଛି। ବରଗଡ଼ରେ ଏସପିଙ୍କ ଉପସ୍ଥିତରେ ପୁଲିସ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା । କାରାଗାର ଅଧୀକ୍ଷକଙ୍କୁ ମଧ୍ୟ ପଚରାଉଚରା କରାଯାଉଛି।

# ଭିମସାର ହେବ ସୁପର ସ୍ପେଶିଆଲିଟି ଚିକିତ୍ସା ସଂସ୍ଥାନ : ସ୍ୱାସ୍ଥ୍ୟମନ୍ତ୍ରୀ



ସମ୍ବଲପୁର,(ସବ୍ୟୁ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଭିମସାର ମେଡିକାଲ ଗସ୍ତରେ ଆସି ସମୀକ୍ଷା କରିଛନ୍ତି। ବୈଠକରେ ଭିମସାରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଭିମସାରର ସମସ୍ୟା ଗୋଟିଏ ଦିନର ନୁହେଁ । ଗୋଟିଏ ଦିନରେ ମଧ୍ଯ ସମସ୍ୟା ଗୁଡ଼ିକର ସମାଧାନ କରାଯାଇପାରିବ ନାହିଁ। ଏହା ଗୋଟିଏ ଚଳଚଞ୍ଚଳ ପ୍ରତିଷ୍ଠାନ। ଭାରତ ସରକାର ୯ଟି ସୁପର ସ୍ପୋସାଲିଟି ଡାକ୍ତରଖାନା କରିବା ପାଇଁ ଅନୁଦାନର ବ୍ୟବସ୍ଥା କରିଛନ୍ତି। ସେଥି ମଧ୍ୟରେ ଭିମସାର ରହିଛି। ତାକୁ କେମିତି ଶୀଘ୍ର କାର୍ଯ୍ୟକାରୀ କରାଯିବ ସେ ନେଇ ସମୀକ୍ଷା ବେଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି କହିଥିଲେ। ଚଳିତ ମାସର ଶେଷ ସୁଦ୍ଧା ଏହାର ଖସଡ଼ା ପ୍ରସ୍ତୁତ କରିବାକୁ ଭିମସାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆମ ଡାକ୍ତର ଆମ ପାଖରେ ରହିବା ରାଜ୍ୟ ସରକାରଙ୍କ ପ୍ରାଥମିକତା ରହିଛି। ରାଜ୍ୟର ୧୧ଟି ସରକାରୀ ମେଡିକାଲ କଲେଜରେ କେମିତି ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ ତାର ବ୍ୟବସ୍ଥା କରାଯାଉଛି। ରାଜ୍ୟରେ ଦେଖା ଦେଇଥିବା ଡାକ୍ତର ଅଭାବ ସମସ୍ୟାର ସମାଧାନ ହେବ। ଗତ ସରକାରଙ୍କ ୨୪ ବର୍ଷର ସ୍ୱାସ୍ଥ୍ୟ ବିଭାଗର ସମସ୍ୟାକୁ ଆମେ ଉତ୍ତରାଧିକାରୀ ସୂତ୍ରରେ ପାଇଛୁ। ସେ ସବୁର ତତକ୍ଷଣାତ ସମାଧାନ କରିବା ସମ୍ଭବ ନୁହେଁ। ଭିମସାର ପରୀକ୍ଷା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉପରେ ନିର୍ଭର କରୁଛି। ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସ୍ତରରେ କଥାବାର୍ତ୍ତା ଚାଲିଛି। ଏଥିରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ କମିଶନର ବେଦ ଭୂଷଣ, ଆଇଜି ହିମାଂଶୁ ଲାଲ, ଏସପି ମୁକେଶ ଭାମୁ, ଭିମସାର ନିର୍ଦ୍ଦେଶକ ଭାବଗ୍ରାହୀ ରଥ, ମେଡ଼ିକାଲ କଲେଜ ଅଧକ୍ଷ ପ୍ର. ପ୍ରଦୀପ କୁମାର ମହାନ୍ତି, ହସ୍ପିଟାଲ୍ ଅଧକ୍ଷକ ପ୍ର. ଲାଲମୋହନ ନାୟକ ଓ ଅନ୍ୟ ବିଭାଗୀୟ ମୁଖ୍ୟ ମାନେ ଉପସ୍ଥିତ ଥିଲେ ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ଯୋଗାଣ ନେଇ ଚିହ୍ନଟ ଶିବିର




ବେଲପଡ଼ା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକର ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ଉପକରଣ ଯୋଗାଣ ନିମନ୍ତେ ବେଲପଡ଼ା କୀର୍ତ୍ତନ ମେହେର ୟୁ,ପି ସ୍କୁଲ ଠାରେ ବ୍ଲକସ୍ତରୀୟ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଚତୁର୍ଭୁଜ ମିର୍ଦ୍ଧା (ଏବିଇଓ,ବି ଆର୍ ସି ସି ) ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ଏବିଇଓ ଜଗବନ୍ଧୁ ମାଝି,ଏବିଇଓ ମହରା ସଭା ଆରମ୍ଭ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବଲାଙ୍ଗିରରୁ ଆସିଥିବା ବିଭିନ୍ନ ବିଭାଗର ଡାକ୍ତର ଅମିତ ମିଶ୍ର, ଡାକ୍ତର ଶୁଭସ୍ମିତା ସାହୁ, ଡଃ ଜିତେନ୍ଦ୍ର ବାରିକ ଓ ଶୁଭମ୍ ଯାଦବ ଚିହ୍ନଟ କରଣ ପ୍ରକ୍ରିୟା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ତାଙ୍କର ଅଭିବାବକ ମାନଙ୍କୁ ପ୍ରେରଣା ଦେଇଛନ୍ତି । ବେଲପଡ଼ା ବ୍ଲକର ଆଇ ଇ ଡିର କର୍ମଚାରୀ ରାଜପ୍ରସାଦ ମହାଲିଙ୍ଗ ,ନେତ୍ରା ମେହେର, ଆଶୁତୋଷ ଠାକୁର, ପାଣ୍ଡବ ତାଣ୍ଡି, ହାରାବତୀ ପ୍ରଧାନ, ଟିକେଶ୍ୱରୀ ମିର୍ଦ୍ଧା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କିର୍ତ୍ତନ ୟୁପି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅନିତା ମେହେର, ପ୍ରଦୀପ ସିଂ ବାବୁ ,ଲଥାକେନ୍ଦ ସି ଆର ସି ସି ଭୋଲେଶ୍ୱର ତାଣ୍ଡି ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ରାମପ୍ରସାଦ ମହାଲିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆରଡ଼ିସିଙ୍କ ବୌଦ୍ଧ ଗସ୍ତ, ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ବୌଦ୍ଧ,(ସବ୍ୟୁ): ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ରା ଯାଦବଙ୍କ ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ରାଜସ୍ୱ କମିଶନର ଶ୍ରୀ ଯାଦବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଡାକି ସଂପୃକ୍ତ ବିଭାଗର କାର୍ଯ୍ୟ ସଂପର୍କରେ ପଚାରି ବୁଝିଥିଲେ । ଉକ୍ତ ବିଭାଗ ଗୁଡିକର ଅଫିସ ରେଜିଷ୍ଟର ଗୁଡ଼ିକୁ ଦେଖିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ । ପରେ ତିନିଶହ ଶଯ୍ୟାବିଶିଷ୍ଟ ନିର୍ମାଣାଧିନ ଚିକିତ୍ସାଳୟ ସଂପର୍କରେ ସମୀକ୍ଷା କରିବା ସହିତ ନିର୍ମାଣ କାର୍ଯ୍ୟ ତୁରନ୍ତ ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଜିଲ୍ଲାରେ ରାଜସ୍ୱ ଓ ପୁଲିସ ପ୍ରଶାସନ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଆରଡ଼ିସି ଶ୍ରୀ ଯାଦବ ପରାମର୍ଶ ଦେବା ସହିତ ଜିଲ୍ଲା ମଙ୍ଗଳ, ଜଳସଂପଦ, ପ୍ରାଣୀଧନ ଚିକିତ୍ସା, ଉଠାଜଳସେଚନ, ଶିକ୍ଷା ,ଜାତୀୟ ରାଜପଥ ,ଅବକାରୀ, ବିଦ୍ୟୁତ, ମେଗା ଉଠାଜଳସେଚନ, କୃଷି, କ୍ଷୁଦ୍ର ଜଳସେଚନ, ବୟନ ଶିଳ୍ପ, ମୃତ୍ତିକା ସଂରକ୍ଷ.ପୂର୍ତ୍ତ ଓ ସ୍ୱାସ୍ଥ୍ୟ ବିଭାଗ ସଂପର୍କରେ ସମୀକ୍ଷା କରିଥିଲେ । ଏହାବ୍ୟତୀତ ଜିଲ୍ଲା ପରିଷଦ ପକ୍ଷରୁ ରାସ୍ତା, ସେତୁ ଓ କୋଠାବାଡି ନିର୍ମାଣରେ ଖର୍ଚ୍ଚ ହୋଇଥିବା ଅନୁଦାନ ଓ ପ୍ରକଳ୍ପ ସଂପର୍କରେ ପଚାରି ବୁଝିଥିଲେ । ପୂର୍ତ୍ତ ବିଭାଗ ରାସ୍ତା ଓ ସେତୁ ନିର୍ମାଣ ଉପରେ ବାରମ୍ବାର ସମୀକ୍ଷା କରିବାକୁ ଜିଲ୍ଲାପାଳଙ୍କୁ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସପି ନାଗରାଜ ଦେବରକୋଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଥାନା ଅଧିକାରୀଙ୍କ ମଧ୍ୟରେ ଅଦଳବଦଳ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ୫ଟି ଥାନା ଅଧିକାରୀଙ୍କୁ ଅଦଳବଦଳ କରାଯାଇଛି । ସେଥିରେ ରେଙ୍ଗାଲି ଥାନା ଅଧିକାରୀ ସୁଦର୍ଶନ ପଣ୍ଡାଙ୍କୁ ବରେଇପାଲି, ହୀରାକୁଦ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁଙ୍କୁ ବୁର୍ଲା, ବରେଇପାଲି ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କୁ ଅଇଁଠାପାଲି, ଅଇଁଠାପାଲି ଥାନା ଅଧିକାରୀ ସନୟ କୁମାର ନାଏକଙ୍କୁ ହୀରାକୁଦ ଓ ବୁର୍ଲା ଥାନା ଅଧିକାରୀଙ୍କୁ ରେଙ୍ଗାଲି ଥାନାକୁ ବଦଳି କରାଯାଇଛି । ସହରରେ ଥିବା ସବୁ ଥାନା ଅଧିକାରୀଙ୍କ ଅଦଳବଦଳ କରାଯାଇଥିବା ବେଳେ କ୍ଷେତରାଜପୁର ଥାନା ଅଧିକାରୀ ପ୍ରିୟଙ୍କା ରାଉତରାୟଙ୍କୁ ବଦଳି କରାଯାଉନଥିବା ବେଳେ ଏହାକୁ ନେଇ ପୋଲିସ ମହଲରେ ଆଲୋଚନା ହେଉଛି ।

# ସମାଜସେବୀ ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ପତ୍ନୀ ବିୟୋଗ



ବରଗଡ଼,(ସବ୍ୟୁ): ବିଶିଷ୍ଟ ସମାଜସେବୀ ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ପତ୍ନୀ ଯଶୋଦା ମିଶ୍ରଙ୍କ (୮୨)ଶୁକ୍ରବାର ମଧ୍ୟାହ୍ନରେ ପରଲୋକ ହୋଇଯାଇଛି । ସେ ଜଣେ ପରୋପକାରୀ ତଥା ଧର୍ମ ପରାୟଣା ମହିଳା ଥିଲେ।ଏଥିସହ ବରଗଡ଼ ମହିଳା ସମିତି ଓ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟା ଥିଲେ। ସମାଜସେବା ପାଇଁ ତାଙ୍କୁ ୨୦୧୦ ମସିହାରେ ତତ୍କାଳୀନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ବାର୍ଷିକ ସମାରୋହରେ ସ୍ୱତନ୍ତ୍ର ସେବା ସମ୍ମାନରେ ସମ୍ମାନିତ କରିଥିଲେ। ବରଗଡ଼ ପ୍ରେସ କ୍ଲବ୍, ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସମେତ ବରଗଡ଼ର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମାଜସେବା ପାଇଁ ସେ ସମ୍ମାନିତ ହୋଇଥିଲେ। ତାଙ୍କ ଶେଷ ଶଯ୍ୟା ନିକଟରେ ପୁଅ ସାମ୍ବାଦିକ ବିଜୟ କୁମାର ମିଶ୍ର, ପ୍ରସନ୍ନ , ନନ୍ଦକୁମାର, ରାଜେନ୍ଦ୍ର, ରବୀନ୍ଦ୍ର , ପୁତ୍ରବଧୂ ଜୟଶ୍ରୀ, ମମତା, ସଂଧ୍ୟା ବେବି, ଚୁମ୍କି, ତାଙ୍କ କନିଷ୍ଠ ଭ୍ରାତା ବରିଷ୍ଠ ସାମ୍ବାଦିକ ରତ୍ନମଣି ଶତପଥି ପ୍ରମୁଖ ସମେତ, ନାତି ନାତୁଣୀ ପରିବାରବର୍ଗ ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ । ମସ୍କୋ ରେ ଥିବା ବଡ ପୁଅ ସନ୍ତୋଷ ଓ ମୁମ୍ବାଇରେ ଥିବା ପୁଅ ବ୍ରଜେନ୍ଦ୍ର ବାହାରେ ଥିବାରୁ ଅନ୍ତିମ ସତ୍କାରରେ ସାମିଲ ହୋଇ ପାରି ନ ଥିଲେ। ତାଙ୍କ ବିୟୋଗ ଖବର ପାଇ ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଶଙ୍କର ବଲ୍ଲଭ ମିଶ୍ର, ଉମେଶ ବିଶ୍ୱାଳଙ୍କ ସମେତ ସଂଘର ବହୁ ସଦସ୍ୟ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର କାର୍ଯ୍ୟକର୍ତ୍ତା, ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ନିଶାମଣୀ ସ୍କୁଲ ନିକଟ ବାସଭବନକୁ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଧ୍ୟାରେ ଜୀରାନଦୀ କୂଳ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ପୁତ୍ର ତଥା ତଥା 'ଗଣ ଇସ୍ତାହାର'ର ମୁଖ୍ୟ ସଂପାଦକ ପ୍ରସନ୍ନ କୁମାର ମୁଖାଗ୍ନି ଦେଇଥିଲେ।

# ଜେଲ ଉପରେ ପୋଲିସର ଚଢଉ



ସମ୍ବଲପୁର,(ସବ୍ୟୁ): ସାରା ରାଜ୍ୟରେ ବିଭିନ୍ନ ଜେଲ ଉପରେ ଚଢଉ ଚାଲିଛି । ଯାହାକୁ ନେଇ ଜେଲ କର୍ତ୍ତୃପକ୍ଷ ଓ କଏଦୀ ମାନେ ବେଶ ସଚେତନ ହୋଇ ପଡିଛନ୍ତି । ଏଭଳିସ୍ଥଳେ ସମ୍ବଲପୁର ପୋଲିସ ନାମକୁ ମାତ୍ର ବିଳମ୍ବରେ ଚଢଉ କରିଛି । ଫଳରେ ଆବଶ୍ୟକ ମାଦକ ଦ୍ରବ୍ୟ ମିଳିପାରିନାହିଁ । କେବଳ କିଛି ଭାଙ୍ଗ, ଖଇନି, ବିଡି ଓ ଗୁଟଖା ଆଦି ଜବତ ହୋଇଛି । ଯାହାକୁ ନେଇ ଜିଲ୍ଲା ପୋଲିସ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଶୁକ୍ରବାର ଭୋର ସାଢେ ୩ଟାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅତିରିକ୍ତ ଏସ୍‌ପି ହରେଶ ପାଣ୍ଡେଙ୍କ ସମେତ ୨ଜଣ ଏସ୍‌ଡିପିଓ, ୭ଜଣ ଇନ୍‌ସ୍ପେକ୍ଟର ଓ ୪ ପ୍ଲାଟୁନ ପୋଲିସ ଫୋର୍ସ ସମ୍ବଲପୁର ମଣ୍ଡଳ କାରାଗାରରେ ପ୍ରବେଶ କରିଥିଲେ । ସେମାନେ ଜେଲ୍‌ରେ ଥିବା ୨୨ଟି ୱାର୍ଡରେ ରହୁଥିବା ୫୭୬ଜଣ ଅନ୍ତେବାସୀଙ୍କ ଆସବାବପତ୍ର ଯାଞ୍ଚ କରିଥିଲେ । ତେବେ ଜେଲ ଭିତରୁ ଏସବୁ ମାଦକ ଦ୍ରବ୍ୟ ମିଳିବା ଘଟଣା ସୁରକ୍ଷା ବ୍ୟବସ୍ଥା ଢିଲା ଥିବା ଦର୍ଶାଉଛି । ଏହା ପୂର୍ବରୁ ଜୁନ ୪, ୨୦୧୭ରେ ସମ୍ବଲପୁର ମଣ୍ଡଳ କାରାଗାର ଉପରେ ପୋଲିସ ଅତର୍କିତ ଚଢଉ କରିଥିଲା । ଚଢଉ ବେଳେ ଜେଲର ସୁଶାନ୍ତ ରାଉତଙ୍କ ଚାମ୍ବରରୁ ୧୬ଲକ୍ଷ୭୨ ହଜାର୮୭୦ଟଙ୍କା, ୯ଟି ମୋବାଇଲ ଓ ବିଭିନ୍ନ ମାଦକ ଦ୍ରବ୍ୟ ଜବତ ହୋଇଥିଲା । ତେବେ କାରାଗାର ସୁରକ୍ଷା ବ୍ୟବସ୍ଥା ଢିଲା ବୋଲି କାହାକୁ ଅଛପା ରହିନାହିଁ ।

ସମ୍ବଲପୁର ମଣ୍ଡଳ କାରାଗାରର ସୁରକ୍ଷା ବ୍ୟବସ୍ଥା ଢିଲାକୁ ନେଇ ବିଗତ ଦିନରେ ମଧ୍ୟ ଅନେକ ଘଟଣା ଘଟିଯାଇଛି । କୁଚିଣ୍ଡା ଅଞ୍ଚଳର ବିଚାରଧିନ କଏଦୀ ସଞ୍ଜିବ କିସାନ ଗତ ୩୦ନଭେମ୍ବର, ୨୦୨୩ରେ ଏହି ଜେଲ୍‌ରୁ ଚମ୍ପଟ ମାରିଥିଲା । ସେହିପରି ଗ୍ୟାଙ୍ଗଷ୍ଟାର ହାଇଦର ମଧ୍ୟ ଏହି ଜେଲ୍‌ରେ ନବାବ ଭଳି ରହୁଥିଲା । ସାଧାରଣ କଏଦୀଙ୍କ ପାଇଁ ଉଦ୍ଦିଷ୍ଟ ରନ୍ଧାଖାଦ୍ୟ ସେ ଖାଉନଥିଲା । ମନ ପସନ୍ଦର ବଡବଡ ହୋଟେଲ ଓ ରେଷ୍ଟୁରାଣ୍ଟରୁ ଖାଦ୍ୟ ଆସୁଥିଲା । ଜେଲ ଭିତରେ ରହି ମଧ୍ୟ ସେ ତାହାର ଅପରାଧ ସାମ୍ରାଜ୍ୟ ଚଳାଉଥିଲା । କଟକ ବଡ ମେଡିକାଲରୁ ଫେରାର ହେବାପରେ ଏହି ଗୁମର ଖୋଲିଥିଲା । ଏହି ଘଟଣା ପଛରେ ସମ୍ବଲପୁର ମଣ୍ଡଳ କାରାଗାରର କିଛି ୱାର୍ଡରଙ୍କ ସଂପୃକ୍ତି ଜଣାପଡିଥିଲା । କଏଦୀଙ୍କୁ ମାଦକ ଦ୍ରବ୍ୟ ଯୋଗାଇ ଦେବା ଅଭିଯୋଗରେ ଜୁନ ୧୨, ୨୦୨୧ରେ ଜଣେ ୱାର୍ଡରକୁ ଅନ୍ୟତ୍ର ବଦଳି କରାଯାଇଥିଲା । ଜଣେ ଜେଲ ଅଧିକାରୀ ନିଜ ବ୍ୟକ୍ତିଗତ କାମରେ କଏଦୀଙ୍କୁ ନିୟୋଜିତ କରିବା ଓ ଫେବୃଆରୀ ୨୭, ୨୦୨୧ରେ ୱାର୍ଡର ଅଶୋକ ଥାଟି ନିଶାସକ୍ତ ହୋଇ ଜେଲ ଭିତରେ ଜେଲର ଏବଂ ଅନ୍ୟ ୨ଜଣ ସାଥି କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣା ଜେଲର ସୁରକ୍ଷାକୁ ନେଇ କାଠଗଡାରେ ଛିଡା କରିଥିଲା । ଯଦି ସଠିକ୍ ସମୟ ଓ ଯୋଜନାବଦ୍ଧ ଭାବେ ଚଢଉ କରାଯାଇଥାନ୍ତା ତେବେ ଜେଲ ଭିତର ଅସଲି କଥା ପଦାକୁ ଆସିଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି ।

# ନର୍ଲା ଡ଼ିଗ୍ରୀ କଲେଜରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ନର୍ଲା,(ସବ୍ୟୁ): ଚଳିତ ବର୍ଷ ଯୁକ୍ତ ତିନି ପ୍ରଥମ ବର୍ଷରେ ପ୍ରବେଶ କରିଥିବା ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ନର୍ଲା ସହର ସ୍ଥିତ ପଞ୍ଚାୟତ ସମିତି ଡ଼ିଗ୍ରୀ କଲେଜରେ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ କଳାହାଣ୍ଡିର ପ୍ରସିଦ୍ଧ ଗାୟକ ସର୍ବେଶ୍ୱର ଭୋଇ ଯୋଗଦେଇ ଥିବା ବେଳେ କଲେଜ୍‌ର ଅଧକ୍ଷ ନାରାୟଣ ନାଏକ ପ୍ରାରମ୍ଭିକ ଅଭିଭାଷଣ ରଖି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ କଲେଜ ଅଧକ୍ଷଙ୍କ ସହ ଇଂରାଜୀ ବିଭାଗ ଅଧ୍ୟାପିକା ବାସନ୍ତୀ ସାହୁ, ଅଧ୍ୟାପକ ରମେଶ ଚନ୍ଦ୍ର ଘଡ଼େଇ ଓ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ସହିତ କଲେଜର ପୁରୁଣା ଓ ନୂତନ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର ଦେବୁ ପ୍ରସାଦ ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ଅଭିନାଶ ଅଗ୍ରୱାଲ ସହଯୋଗ କରିଥିଲେ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ




ସମ୍ବଲପୁର,(ସବ୍ୟୁ): ଶିକ୍ଷା ଜୀବନକୁ ଚିହ୍ନେ ଓ ଚିହ୍ନାଏ । ଜୀବନର ସମସ୍ତ ଅନ୍ଧକାରକୁ ଦୂରୀଭୂତ କରିବା ପାଇଁ ଶିକ୍ଷା ମଣିଷକୁ ସମର୍ଥ କରେ । ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଅତିଥି ଭାବେ ଉତ୍ତରାଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯାଦବ ଯୋଗଦେଇ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ ଶିକ୍ଷା କେବଳ ଏକ ବ୍ୟକ୍ତିଗତ ଉପଲବ୍ଧି ନୁହେଁ ବରଂ ବିଶ୍ୱ ଉପରେ ଅର୍ଥପୂର୍ଣ୍ଣ ପ୍ରଭାବ ପକାଉଥିବା ଏକ ସାଧନ । ଓଡିଶାରେ ଦୀର୍ଘ ବର୍ଷ ଧରି ଶିକ୍ଷାର ଆଲୋକ ବର୍ତ୍ତିକା ସାଜି ଆସୁଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶୁକ୍ରବାର ପୂର୍ଣ୍ଣ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ୩୪ତମ ସମାବର୍ତ୍ତନ ଉତ୍ସବ ପାଳନ କରିଛି । ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୧ ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୧୮ ଜଣଙ୍କୁ ପ୍ରଯୋଜିତ ସ୍ୱର୍ଣ୍ଣପଦକ, ୫୨ ଜଣକୁ ଡି.ଲିଟ୍ ଓ ପିଏଚ୍.ଡ଼ି ଓ ଅନ୍ୟାନ୍ୟ ଡିଗ୍ରୀ ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ନାଇଜର ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ ଯୋଗଦେଇ ବକ୍ତବ୍ୟରେ ସହାନୁଭୂତି, ସମ୍ପୃକ୍ତି ଓ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରତିଟି ମଣିଷ ଜୀବନରେ ଏହି ତିନୋଟି ଉପାଦାନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । 'ସହାନୁଭୂତି' ଏକ ଏମିତି ଉପାଦାନ ଯାହା ଅନ୍ୟର ଦୁଃଖ ଦୁର୍ଦ୍ଦଶାକୁ ବୁଝିବା ପାଇଁ ସହଯୋଗ କରୁଥିବା ବେଳେ 'ସଂପୃକ୍ତି' ଏକ ସମୃଦ୍ଧ ଓ ସଶକ୍ତ ସମାଜ ଗଠନରେ ଦିଗରେ ପଥପ୍ରଶସ୍ତ କରିଥାଏ । କୁଳପତି ପ୍ର. ବିଦୁଭୂଷଣ ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟର ସଫଳତା ସମ୍ପର୍କରେ ଆଲୋକପାତ କରିବା ସହିତ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଚଳଚିତ୍ର ଜଗତର ଖ୍ୟାତନାମା ନିର୍ଦ୍ଦେଶକ ଓ ନିର୍ମାତା ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କୁ ସମ୍ମାନଜନକ ଡି.ଲିଟ୍ ଉପାଧି ପ୍ରଦାନ କରଯାଇଥିଲା। ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ର. ତୁଷାରକାନ୍ତି ଦାସ, କୁଳସଚିବ ଡ. ନୃପରାଜ ସାହୁ, ସିଣ୍ଡିକେଟର ସଭ୍ୟବୃନ୍ଦ ମଞ୍ଚାସୀନ ଥିଲେ । ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ରୋଷନୀ କୁଜୁର ମଞ୍ଚ ସଂଯୋଜନା କରିଥିଲେ ।

# ସୁନା ବେଶରେ ଦର୍ଶନ ଦେଉଛନ୍ତି ମା' ମଝିଘରିଆଣୀ



ରାୟଗଡା,(ସବ୍ୟୁ): ଅଞ୍ଚଳର ପସିଦ୍ଧ ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣୀ ପୀଠ ଏବେ ଚଳ ଚଞ୍ଚଳ ହୋଇଯାଇଛି । ରାୟଗଡ଼ା ଉପକଣ୍ଠ ଦେଇ ବହି ଯାଉଥିବା ଝଞ୍ଜାବତୀ ନଦୀ କୂଳ ଏଥିପାଇଁ ଉତ୍ସବ ମୁଖର ହୋଇ ଉଠିଛି । ନଦୀକୂଳ ଦେବୀ ପୀଠରୁ ଝୁଣା ଗନ୍ଧ ମହମହ ହୋଇ ଛୁଟି ଚାଲିଛି । ମହୁରୀ ସାଙ୍ଗକୁ ଢୋଲ ନିଶାଣ ଟାମକ ଆଦି ପାରମ୍ପାରିକ ବାଦ୍ୟ ଦୁନ୍ଦୁଭିରେ ଦୁଲୁକି ଉଠିଛି ପୀଠ । ଗାଁ ଗଣ୍ଡାରୁ ପୀଠରେ ଆସି ପହଞ୍ଚୁଛି ବେଲପତ୍ର ଓ ମନ୍ଦାର ମାଳ । ରାଇଜ ସାରା ଲୋକେ ଦେବୀ ମାଙ୍କ ସାନିଧ ଟିକିଏ ପାଇବା ପାଇଁ ଧାଇଁ ଆସୁଛନ୍ତି ଏହି ପୀଠକୁ । ମନ୍ଦିର ଭିତରେ ସୁନା ବେଶରେ ବସି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ମା । ଏଠିକାର ନୀତିକାନ୍ତି ଅତି ପୁରାତନ । ଅନ୍ୟ ପୂଜା ପୀଠ ଠାରୁ ସମ୍ପୂର୍ଣ୍ଣ ନିଆରା । ଦେବୀଙ୍କ ଆର୍ବିଭାବକୁ ନେଇ ବିଭିନ୍ନ ଗବେଷକ ଭିନ୍ନଭିନ୍ନ ମତ ଲେଖି ଯାଇଥିବା ବେଳେ ଦେବୀଙ୍କ ପାର୍ବଣ ବେଳାରେ ସ୍ୱତନ୍ତ୍ର ପୂଜା ପଦ୍ଧତି ରାଜା ରାଜୁଡ଼ା ଅମଳରୁ ହୋଇ ଆସୁଛି । ଆଶ୍ୱିନ ମାସ ପ୍ରତିପଦାରୁ ଏହି ସ୍ୱତନ୍ତ୍ର ବିଧିରେ ପୂଜା ଆରମ୍ଭ ହୋଇ ଦଶମୀ ତିଥି ପର୍ଯ୍ୟନ୍ତ ଅତି ନିଷ୍ଠାରେ ସହ ଚାଲେ । ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଆଶ୍ୱିନ ମାସ ପ୍ରତିପଦା ତିଥିରୁ ବିଧିବିଧାନ ଆରମ୍ଭ ହୋଇଥାଏ । ବର୍ଷ ତମାମ ଦେବୀ ମଝି ଘରିଆଣୀଙ୍କ ସହ ରାଇଜବୁଲି, ସାତ ଭଉଣୀ, ଠାକୁରାଣୀ ଏବଂ ଜୟ ଦୁର୍ଗାଙ୍କ ଖଣ୍ଡା ଆକାରରେ ମନ୍ଦିର ଭିତରେ ପୂଜା ପାଉଥିବା ବେଳେ ଏହି ଉତ୍ସବ ସମୟରେ ମନ୍ଦିର ବୋରୁ ବାହାରକୁ ଯାଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି । ମଝି ଘରିଆଣୀଙ୍କ ଆସ୍ଥାନ ପଛରେ ଏହି ଦେବୀଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି । ମନ୍ଦିର ପୂଜା ସଂସ୍କାର ଅନୁଯାଇ ବର୍ଷସାରା ଜୟ ଦୁର୍ଗାଙ୍କ ଖଣ୍ଡାକୁ ଗୋଟିଏ ଲୁଗାରେ ଗୁଡ଼ାଇ ରଖା ଯାଇଥାଏ । ପ୍ରତିପଦା ତିଥିର ପ୍ରଥମ ପହରରେ ଶାଢୀ ଭିତରୁ ବାହାର କରି ପଞ୍ଚାମୃତ ସହ ପଇଢ ପାଣିରେ ସ୍ନାନପରେ ବୋଦା ବଳି ଓ ନୈବେଦ୍ୟ ଦିଆ ଯାଇଥାଏ । ପରେ ସହର ଭିତର ଦେଇ ଯାଇଥିବା ଗଦଗଦା ତୁଠରେ ମହାସ୍ନାନ କରିବା ପରେ ମୁଖ୍ୟ ରାସ୍ତାପାର୍ଶ୍ୱ ତହସିଲ କାର୍ଯ୍ୟାଳୟ ନିକଟ ଅସ୍ଥାୟୀ ପୂଜାପୀଠରେ ସ୍ଥାପନା କରି ଦଶମୀ ତିଥି ପର୍ଯ୍ୟନ୍ତ ପୂଜା କରାଯାଇଥାଏ । ଦିନ ତମାମ ଷୋଡଷ ଉପଚାର ଓ ଚଣ୍ଡିପାଠ କରାଯାଇଥିବା ବେଳେ ସବୁ ରାତିରେ ଦେବୀଙ୍କୁ ବୋଳି ଭୋଗ ଦିଆଯିବା ପରମ୍ପାରିକ ରହିଛି ।

ମହା ଅଷ୍ଟମୀ ତଥିରେ ପୂର୍ବଭଳି ମା ମଝିଘରିଆଣୀଙ୍କ ଖଣ୍ଡା ସଦୃଶ୍ୟ ଚଳନ୍ତି ପ୍ରତିମାକୁ ଶ୍ମଶାନ ନିକଟ କାଠରଗଡ଼ା ତୁଠରେ ମହା ସ୍ନାନ ପରେ ଜୟ ଦୁର୍ଗାଙ୍କ ନିକଟର ସ୍ଥାପନ କରି ପୂଜା ଆରମ୍ଭ ହୁଏ । ମଣ୍ଡଳ ବିନ୍ୟାସ, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା ପରେ ବିଳମ୍ବିତ ରାତିରେ ସନ୍ଧି ପୂଜା ହୁଏ ବୋଲି ମୁଖ୍ୟ ପୁରୋହିତ ଚନ୍ଦ୍ର ପ୍ରକାଶ କହିଛନ୍ତି । କ୍ଷୀଣ ବାଦ୍ୟ ଶବ୍ଦର ତାଳେ ତାଳେ ବିଳମ୍ବିତ ରାତିରେ ସହରର ଚାରି ସନ୍ଧିକୁ ବନ୍ଧା ଯାଇଥାଏ । ପ୍ରତିକୋଣରେ ପୂଜାର୍ଚ୍ଚନା ପରେ ଆଗାମୀ ଏକ ବର୍ଷ ପାଇଁ ବିଭିନ୍ନ ଦୁଷ୍ଟି ଶକ୍ତି ସହରକୁ ପ୍ରବେଶ ନକରିବା ପାଇଁ ପ୍ରତିବନ୍ଧକ ସ୍ୱରୁପ ଏହି ପୂଜା କରାଯାଇଥିବା ସେ କହିଛନ୍ତି । ଦଶମୀ ତିଥିରେ ଉଭୟ ଜୟ ଦୁର୍ଗା ଓ ମାଝିଘରିଆଣୀ ଖଣ୍ଡାକୁ ପ୍ରଥମେ ଘାସି ସାହିସ୍ଥିତ ମରୁଡ଼ି ବସାରେ ପୂଜା କରାଯାଇଥାଏ । ସେଠାରେ ଲିଡ଼ିକା ନାମକ ଗୋଟିଏ ମେଣ୍ଢା ଦେବୀଙ୍କ ଆସିବା ବାଟକୁ ଅନାଇ ବସିଥାଏ । ସେହି ମେଣ୍ଢାକୁ ସୁସଜ୍ଜିତ କରି ଏକ ବିରାଟ ପଟୁଆରରେ ମନ୍ଦିର ଦ୍ୱାର ଦେଶକୁ ଅଣାଯିବାର ବିଧି ରହିଛି । ଆସିବା ପୂର୍ବରୁ ଜେନା ନାମିତ ଗୋଟିଏ ଛାଗକୁ ମଧ ଦେବୀଙ୍କ ଉଦ୍ଦ୍ୟେଶରେ ବଳି ଦିଆଯିବାର ବିଧାନ ରହିଛି । ବିଭିନ୍ନ ଦେବା ଦେବିଙ୍କ ନାମରେ ବାଦ୍ୟ ମନ୍ଦିର ପରିସରରେ ଗର୍ଜୁଥିବା ବେଳେ ମେଣ୍ଢାକୁ ମନ୍ଦିର ଦ୍ୱାରକୁ ପୂଜାର୍ଚ୍ଚନା କରି ନୂତନ ବସ୍ତ୍ର ପିନ୍ଧାଇ କର୍ଣ୍ଣମନ୍ତ୍ର ଦିଆଯାଇଥାଏ । ମନ୍ତ୍ର ଘେନିବା ପରେ ମେଣ୍ଢାକୁ ମନ୍ଦିର ପରିସରରେ ଛାଡ଼ି ଦିଆଯାଏ । ମେଣ୍ଢାଟି ନିଜେ ମନ୍ଦିର ଭିତରକୁ ଆସି ମାଙ୍କ ପୀଠ ନିକଟରେ ଶରଣାପନ୍ନ ହୋଇ ଠିଆ ହେବାର ନିଦାନ ରହିଛି । ପରେ ଦେବୀଙ୍କ ପୀଠରେ ଉକ୍ତ ଲିଡ଼ିକା ମେଣ୍ଢାକୁ ମଝିଘରିଆଣୀ ନାମରେ ବଳି ଦେଇ ଚଳନ୍ତି ପ୍ରତିମା ଖଣ୍ଡାକୁ ପୁଣି ଆସ୍ଥାନରେ ରଖାଯିବାର ବିଧି ପ୍ରତିବର୍ଷେ ମନ୍ଦିରରେ ଦଶହରା ଦଶଦିନ ମଧ୍ୟରେ ପାଳନ କରାଯାଇଥିବା ପୂଜକ ଚନ୍ଦ୍ର ପ୍ରକାଶ କହିଛନ୍ତି । ଏହି ବିଧିକୁ ଦେଖିବା ପାଇଁ ୯ଦିନ ଧରି ମନ୍ଦିର ପରିଶରେ ଶ୍ରଦ୍ଧାଳୁଙ୍କ ଖୁବ ଭିଡ଼ ଜମିଥାଏ । ମାନସିକଧାରି ମାନେ ଏଠାରେ ମୁଣ୍ଡନ ସହ ବିଭିନ୍ନ ବଳି ଦେଇ ଫେରୁଥାନ୍ତି । ପ୍ରଶାସନ ପକ୍ଷରୁ ମଧ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ପୂର୍ଣ୍ଣଚନ୍ଦ୍ର ମାଝୀ ଏକଦିବସୀୟ ଫୁଟ୍‌ବଲ : ତୁଳାପଡ଼ା ଚାମ୍ପିଅନ

ନର୍ଲା,(ସବ୍ୟୁ): ନର୍ଲା ବ୍ଲକ୍ ଅନ୍ତର୍ଗତ ନର୍ଲା ପଞ୍ଚାୟତ ଡଙ୍ଗର ତଳ ପଡ଼ାର ମା ମଉଳି କ୍ଲବ୍ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ମାଝୀ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ଏହି ଏକ ଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଡଙ୍ଗର ମାଲ୍, ନର୍ଲା, ଦାଦପୁର, ଟର୍କଲା, ରଜାପଡା, ଡଙ୍ଗା ପଟା, ସରିଆଁ ଓ ଚିର୍ଲା । ପ୍ରତ୍ୟେକ ଦଳ ଭଲ ଖେଳ ପ୍ରଦର୍ଶନ କରି ଥିବା ବେଳେ ଫାଇନାଲ ମ୍ୟାଚ ରଜାପଡା ବନାମ୍ ତର୍କଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ । ଫଳରେ ଉଭୟ ଦଳକୁ ପେନାଲଟି ସୁଟ ଆଉଟ୍ ର ସୁଯୋଗ ଦିଆ ଯାଇଥିଲା। ଏଥିରେ ରଜା ପଡ଼ା ଦଳ ଚିର୍ଲା ଦଳ କୁ ୪୩ ଗୋଲ୍ ରେ ପରାସ୍ତ କରି ଚମ୍ପିଆନ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ସମ୍ମାନିତ ଅତିଥି, କ୍ଷୀତିଶ ଚନ୍ଦ୍ର ମାଝୀ, ଯୋଗ ଦେଇଥିବା ବେଳେ ରେଫରି ଭାବେ ସଂତୋଷାନନ୍ଦ ନାୟକ ଓ ନାରାୟଣ ପଧାନ କାର୍ଯ୍ୟ ଭାର ତୁଲେଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁଧୀର ଧଙ୍ଗଡା ମାଝୀ, ସରୋଜ ପଧାନ, ମଙ୍ଗଳ ମାଝୀ, ନିରଞ୍ଜନ ମାଝୀ, ସନ୍ତୋଷ ମାଝୀ, ସରୋଜ ମାଝୀ, ସୁଶିଲ ମାଝୀ, ପ୍ରିୟ ବ୍ରତ ଚାନ୍ଦ, ଅନିଲ ବାଗ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ୍ ର ଚମ୍ପିୟାନ ଦଳ କୁ ୫୦୦୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅଫ ଦଳକୁ ୩୦୦୦ ଟଙ୍କା ପ୍ରଦାନ୍ କରାଯାଇ ଥିଲା।

## ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା

# ମିଲର୍ସମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଅଧିକାରୀଙ୍କୁ ଚେତାବନୀ



ବୌଦ୍ଧ,(ସବ୍ୟୁ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ପ୍ରଥମେ ପୁରଣାକଟକ ସ୍ଥିତ ପିଇଜି ଗୋଦାମ ଅଚାନକ ପରିଦର୍ଶନ କରି ନିମ୍ନମାନର ଚାଉଳ ଯୋଗାଣ ଓ ଓଜନରେ ଠକେଇ ନେଇ ତଦନ୍ତ କରିଥିଲେ । ମନ୍ତ୍ରୀ ଶ୍ରୀ ପାତ୍ର କ୍ଷୁବ୍ଧ ହେବା ସହ ମିଲର୍ସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ଅଧିକାରୀମାନେ ମିଲର୍ସ ମାନଙ୍କୁ ପ୍ରୋତ୍ସହନ ଦେଉଛନ୍ତି ସେହି ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ଅଧିକାରୀମାନଙ୍କୁ ସତର୍କତା ଅବଲମ୍ବନ କରିବା ସହିତ ଯୋଗାଣ ବ୍ୟବସ୍ଥାକୁ ଠିକ୍ ଭାବରେ ପରିଚାଳନା କରିବାକୁ ତାଗିଦ କରିଥିଲେ । ଏହାସହିତ ଅଧିକାରୀମାନେ ସେମାନଙ୍କ ମାନସିକତାରେ ପରିବର୍ତ୍ତନ କରନ୍ତୁ ନଚେତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇଦେଇଥିଲେ । ହିତାଧିକାରୀମାନେ ସେମାନଙ୍କ କେଓ୍ୱାଇସି ଅପଡେଟ କରିବା, ଅନ୍ତୋଦୟ ଯୋଜନାରେ ନୂତନ ହିତାଧିକାରୀଙ୍କୁ ସାମିଲ, କଳାବଜାରୀ ରୋକିବା, ଦଲାଲଙ୍କୁ ପ୍ରୋତ୍ସାହନ ନଦେବା,କୃଷକମାନଙ୍କୁ ଠିକ୍ ଭାବରେ ଧାନର ସହାୟକ ମୂଲ୍ୟ ପ୍ରଦାନ,ମଣ୍ଡିରେ ଚାଷୀମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା,ଧାନକ୍ରୟ ବ୍ୟବସ୍ଥାର ସୁପରିଚାଳନା,ସାଧାରଣ ବଣ୍ଟନ ବ୍ୟବସ୍ଥା ଠିକ୍ କରିବା, ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇନଥିବା ଯୋଗ୍ୟ ହିତାଧିକାରୀଙ୍କୁ ଯୋଗ କରିବା, ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ,ରାସନକାର୍ଡ ପରିଚାଳନା କେନ୍ଦ୍ର କାର୍ଯ୍ୟକାରୀ ଓ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ଚାଷୀ ପଂଜିକରଣ ପ୍ରସ୍ତୁତି ଉପରେ ଧ୍ୟାନ ଦେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା,ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା. ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଂସଦା,ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜାନକୀ ଭୂଷଣ ହାବଡା ସିଂହ,ସହକାରୀ ଯୋଗାଣ ଅଧିକାରୀ ପ୍ରିୟ ରଂଜନ ନାଏକ,ଦିପ୍ତିରେଖା ପ୍ରଧାନଙ୍କ ସମେତ ଜିଲ୍ଲା ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ବିଧାୟକ ଦିବ୍ୟଶଙ୍କରଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼

ଗୋଲାମୁଣ୍ଡା/ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ନିଜ ନିର୍ବାଚନ ମଣ୍ଡଳୀର ଗୋଳମୁଣ୍ଡା ସର୍ବ ମଙ୍ଗଳା କଲେଜର ଏକାଡେମୀକ ଉତ୍ସବକୁ ନୂତନ କୋଠରୀ ବା ଶିକ୍ଷାଶୋଉଦ ନିର୍ମାଣ ହୋଇଛି । ଉକ୍ତ ଶିକ୍ଷାଶୋଉଦ ଉଦଘାଟନୀ ଉତ୍ସବରେ ସାଂସଦ ମାଳବିକା ଦେଓ ଓ ବିଧାୟକ ଶ୍ରୀ ମିଶ୍ରଙ୍କୁ ନିମନ୍ତ୍ରଣ ହୋଇଥିଲା । କଳାହାଣ୍ଡି ସାଂସଦ ଏବଂ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଉପସ୍ଥିତ ଥିଲେ । କିଛି ସମୟ ପରେ ବିଧାୟକ ଶ୍ରୀ ମିଶ୍ର ପହଞ୍ଚିଥିବା ବେଳେ ତାଙ୍କ ଗାଡି ଉପରକୁ ଅଣ୍ଡା ମାଡ଼ ହୋଇଥିଲା । ଗୋଲାମୁଣ୍ଡା ବ୍ଲକ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଅଣ୍ଡା ମାଡ଼ ଓ କଳାପତାକା କରାଯାଇଥିବା ସୂଚନା ମିଳିଛି । ହେଲେ କେଉଁ କାରଣରୁ ଅଣ୍ଡା ମାଡ଼ ହୋଇଛି ତାର ସ୍ପଷ୍ଟ ସୂଚନା ଜଣାପଡି ନାହିଁ । ଗୋଳାମୁଣ୍ଡା ବ୍ଲକ ଅଧ୍ୟକ୍ଷ ପୂର୍ବରୁ ତାଙ୍କ ଦୃଢ଼ ସମର୍ଥକ ଥିବାବେଳେ ତାଙ୍କୁ ଭିଜିଲାନ୍ସ ମାମଲାରେ ଫସାଇ ହଇରାଣ କରିବା ଅଭିଯୋଗରେ ସେ ଓ ତାଙ୍କ ସମର୍ଥକ ବିଜେପିରେ ଯୋଗଦାନ କରି ଦିବ୍ୟଶଙ୍କରଙ୍କୁ ତୀବ୍ର ବିରୋଧ କରି ଆସୁଥିବା କୁହାଯାଉଛି । ଅଞ୍ଚଳରେ ବ୍ଲକ ଅଧ୍ୟକ୍ଷଙ୍କ ବଡ଼ ସଂଗଠନ ରହିଥିବା ଜଣାପଡ଼ିଛି ।

# ରାଇସ ମିଲକୁ ସାଂସଦ, ବିଧାୟକଙ୍କ ଅଚାନକ ପରିଦର୍ଶନ

## ରାଇସ ମିଲ ସିଲ୍ କରି ଷ୍ଟକ୍ ଯାଞ୍ଚ ନିର୍ଦ୍ଦେଶ



ସୋନପୁର,(ସବ୍ୟୁ): ସୋନପୁର ଜିଲ୍ଲା ବିନିକା ବ୍ଲକ ଗଡଗଡବାହଲ ଗାଁ ନିକଟରେ ଥିବା ବ୍ରଜଭୂମି ରାଇସ ମିଲ ଓ ଅରିଗାଁ ଠାରେ ଥିବା ଜୟ ଲକ୍ଷ୍ମୀ ରାଇସ ମିଲକୁ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ , ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଓ ସୁବର୍ଣ୍ଣପୁର ଜିଲ୍ଲାପାଳ ଆନ୍ୟା ଦାସଙ୍କ ସମେତ ପ୍ରଶାସନ ଅଚାନକ ଗୁରୁବାର ସନ୍ଧ୍ୟାରେ ପରିଦର୍ଶନରେ କରିଥିଲେ । ଏହି ସମୟରେ ମିଲରେ ଥିବା ଷ୍ଟକ୍ ଯାଞ୍ଚ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦୁଇଟି ଯାକ ରାଇସ ମିଲକୁ ସିଲ୍ କରିଥିଲା ସ୍ଥାନୀୟ ପ୍ରଶାସନ । ଶୁକ୍ରବାର ଦିନ ଜିଲ୍ଲା ପ୍ରଶାସନ ତରଫରୁ ମିଲ ର ଷ୍ଟକ୍ ଯାଞ୍ଚ କରାଯିବ ବୋଲି ବିନିକା ତହସିଲଦାର ସୀତାରାମ ଭୋଇ ପ୍ରକାଶ କରିଛନ୍ତି। ସୋନପୁରରେ ଯୋଗାଣ ମନ୍ତ୍ରୀଙ୍କ ଗସ୍ତ ସମୟରେ ମିଲରମାନଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ହେଲେ ରାଇସ ମିଲ୍ ଗୁଡ଼ିକରେ ଅଚାନକ ସାଂସଦ , ବିଧାୟକ ଓ ଜିଲ୍ଲାପାଳଙ୍କ ସମେତ ପ୍ରଶାସନ ରାଇସ ମିଲ ଗୁଡ଼ିକୁ ପରିଦର୍ଶନରେ ଆସିଥିବାରୁ ରାଇସ ମିଲ ମାଲିକଙ୍କ ଭିତରେ ଛନକା ପଶିଯାଇଥିବା ବେଳେ ଏହାକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି ।

# ହୋଟେଲରୁ ୨ଶିଶୁ ଶ୍ରମିକ ଉଦ୍ଧାର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ମାର୍କେଟ ଅଞ୍ଚଳର ଏକ ହୋଟେଲରୁ ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଜିଲ୍ଲା ଶ୍ରମ ବିଭାଗ, ଜମନକିରା ପୋଲିସ ଓ ସିଡି ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ ଜମନକିରା ବ୍ଲକ ଏବଂ ଆଖ ପାଖ ଅଂଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଉଦ୍ଧାର ଦୁଇ ଶିଶୁ ନିକଟସ୍ଥ ଦଶଘରିଆ ଗ୍ରାମର ନିବାସୀ । କିଛି ଦିନ ହେବ ସେମାନେ ଉକ୍ତ ହୋଟେଲ କାମରେ ନିୟୋଜିତ ହୋଇଥିଲେ ।ଏଥିରେ ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ପୁଷ୍ପା ମିଞ୍ଜ, ଲିପ୍ସାରାଣୀ ପ୍ରଧାନ, ବ୍ରଜେଶ କୁମାର ହୋତା, ଅତାଉର୍ ଖାଁ, ଭୁବନେଶ୍ୱର ଦ୍ୱିବେଦୀ, ପ୍ରଶାନ୍ତ କୁମାର ପ୍ରଧାନ, ସଞ୍ଜୟ ଧୁରୁଆ, ପ୍ରଦୀପ୍ତ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଶିଶୁ ଦୁଇ ଜଣଙ୍କୁ ଶିଶୁ ମଙ୍ଗଳ ସମିତିଙ୍କୁ ହସ୍ତାନ୍ତର କରାଯାଇଛି ।

## ଝାରସୁଗୁଡ଼ା ଜିଲ୍ଲାରେ ଶନିବାର ବିଦ୍ୟୁତ ଯୋଗାଣ ବନ୍ଦ

ଝାରସୁଗୁଡ଼ା,(ସବ୍ୟୁ): ଓଡ଼ିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ବ୍ରଜରାଜନଗର ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ବଡଜବ, ବଲଣ୍ଡା, ବନ୍ଧବାହଲ, ବ୍ରଜରାଜନଗର, ଗାନ୍ଧୀ ଛକ, ଗଣେଶ ନଗର, ଜୁରାବଗା, ଜୁନାଡ଼ିହି, କଣ୍ଟାଟିକରା, ଲାମଟିବାହଲ, ଲୋଇସିଂ, ପିପିଲଖାନି, ରାଜପୁର, ରେମଜା, ରେଙ୍ଗାଲୀ, ସିଙ୍ଗେଇପାଲି, ତେଲେନପାଲି, ବେଲପାହାଡ଼ ଟାଉନ୍ ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଶନିବାର ସକାଳ ୭ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ । ସାମୟିକ ସମୟ ପାଇଁ ବିଦ୍ୟୁତ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିଛନ୍ତି ।

# ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ

ସୋନପୁର/ବଲାଙ୍ଗିର,(ସବ୍ୟୁ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ ବିଲର ସଂଶୋଧନ ଲାଗି ବଲାଙ୍ଗିର ଏବଂ ସୋନପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଳିତ ଅକ୍ଟୋବର ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି ।ଏହି ଦୁଇ ଜିଲ୍ଲାର ବିଦ୍ୟୁତ ଉପଭୋକ୍ତାମାନେ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଞ୍ଚଳରେ ନିଜର ବାକିଥିବା ବିବାଦୀୟ ବିଦ୍ୟୁତ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ । ସୋନପୁର ଜିଲ୍ଲାରେ ଆସନ୍ତା ଅକ୍ଟୋବର ୦୫ ତାରିଖ ଦିନ ବୀରମହାରାଜପୁର ଏବଂ ଉଲୁଣ୍ଡା ସେକ୍ସନ ଅଫିସଠାରେ, ଅକ୍ଟୋବର ୨୩ ତାରିଖ, ବିନିକା ଏବଂ ମହାଦେବପାଲି ସେକ୍ସନ ଅଫିସଠାରେ, ଅକ୍ଟୋବର ୨୫ ତାରିଖ,ସୋନପୁର ଟାଉନ ସ୍ଥିତ ସେକ୍ସନ ଅଫିସଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି ।

ବଲାଙ୍ଗିର ଜିଲ୍ଲାରେ ଆସନ୍ତା ଅକ୍ଟୋବର ୦୭ ତାରିଖ ଚନ୍ଦନବାଟୀ ଏବଂ ମିର୍ଦ୍ଧାପାଲି ସେକ୍ସନ ଅଫିସଠାରେ, ଅକ୍ଟୋବର ୧୯ ତାରିଖ ଦିନ ତୁରେଇକେଲା ଏବଂ କଣ୍ଟାବାଞ୍ଜି ସେକ୍ସନ ଅଫିସ, ଅକ୍ଟୋବର ୨୧ ତାରିଖ ଆଗଲପୁର ଏବଂ ଲୋଇସିଂହା ସ୍ଥିତ ସେକ୍ସନ ଅଫିସଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯିବ । ତେଣୁ ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମର ଲାଭ ଉଠାଇ ବାକିଥିବା ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ କରି ନିରବଚ୍ଛିନ୍ନ ତଥା ନିରନ୍ତର ବିଦ୍ୟୁତ ସେବା ଉପଭୋଗ କରିବାକୁ କୁହାଯାଇଛି ।

# ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ



ବେଲପଡ଼ା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏ ରେ ହୋଇଥିବା କାମର ବିଲ୍ କରିବା ପାଇଁ ଲାଞ୍ଚ ନେଉଥିବା ସମୟରେ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ସୂଚନାଯୋଗ୍ୟ ଯେ ବେଲପଡା ବ୍ଲକ ଅନ୍ତର୍ଗତ କନ୍ଧେନଝୁଲା ଗ୍ରାମ ପଞ୍ଚାୟତର ମୀନକେତନ ଚହଁର ମନରେଗା ଯୋଜନା ଅନ୍ତର୍ଭୁକ୍ତ ଏକ କୂଅ ଖୋଳାଇ ଥିଲେ । ଏହାର ପ୍ରାପ୍ୟ ପାଇବା ପାଇଁ ବାରମ୍ବାର ବ୍ଲକକୁ ଆସୁଥିଲେ ମଧ୍ୟ ବିଲ୍ ହୋଇପାରୁନଥିଲା । ବେଲପଡ଼ା ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଶ୍ରୀ ସାହୁ ବିଲ୍ କରିବା ପାଇଁ ତାଙ୍କୁ ୧୫ହଜାର ଟଙ୍କା ମାଗୁଥିଲେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମୀନକେତନ , କନିଷ୍ଠ ଯନ୍ତ୍ରୀଙ୍କୁ ୭ହଜାର ଟଙ୍କା ଦେଉଥିବା ସମୟରେ ଭିଜିଲାନ୍ସ ମାଡି ବସିଥିଲା । ହରେକୃଷ୍ଣଙ୍କୁ ଲାଞ୍ଚ ନେଉଥିବା ସମୟରେ ଧରିଥିଲା । ଭିଜିଲାନ୍ସ ବିଭାଗ ତାଙ୍କୁ ପଚରାଉଚରା କରି ବଲାଙ୍ଗିର ନେଇ ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି।

# ମହିଳା କଲେଜ ଦର୍ଶନଶାସ୍ତ୍ର ବିଭାଗର ସ୍ୱାଗତ ଉତ୍ସବ



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ସରକାରୀ ମହିଳା କଲେଜର ଦର୍ଶନଶାସ୍ତ୍ର ବିଭାଗର ପ୍ରଥମ ବର୍ଷର ଛାତ୍ରୀମାନଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ସଂଯୁକ୍ତା କୁମାରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଲେଜ ଅଧ୍ୟକ୍ଷ ଡ.ଅରବିନ୍ଦ କୁମାର ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସୁକର୍ମ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ । ନିମନ୍ତ୍ରୀତ ବକ୍ତା ଭାବେ ମନୋରଂଜନ ମିଶ୍ର ଯୋଗଦେଇ ଲକ୍ଷ୍ୟ ହାସଲ ପାଇଁ ଅଧିକ ଯତ୍ନବାନ ହେବା ଓ ଶ୍ରେଣୀ ଗୃହରେ ଶୃଙ୍ଖଳା ରକ୍ଷା କରି ମନଯୋଗୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟତମ ବକ୍ତାଭାବେ ପ୍ରଶାସନିକ ଅଧିକାରୀ ଡ. ସଦାଶିବ ମଲ୍ଲିକ ଦୈନିକ ଜୀବନରେ ଶୃଙ୍ଖଳାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଦର୍ଶନଶାସ୍ତ୍ର ଅଧ୍ୟାପକ ରାକେଶ ମଲ୍ଲିକ, ସଂସ୍କୃତ ଅଧ୍ୟାପକ ଅଜିତ କୁମାର ପଣ୍ଡା, ତର୍କଶାସ୍ତ୍ର ଅଧ୍ୟାପିକା ମୋନାଲିଶା ପାଣି ଓ ଇଂରାଜୀ ଅଧ୍ୟାପିକା ଡ. ଅନୁରାଧା ମିଶ୍ର ନିଜ ବକ୍ତବ୍ୟରେ ବ୍ୟକ୍ତିଗତ ବା ସାମାଜିକ ସମୃଦ୍ଧି ପାଇଁ ଶୃଙ୍ଖଳା ଜ୍ଞାନ ଅପରିହାର୍ଯ୍ୟ ଅଟେ ବୋଲି କହିଥିଲେ । କାର୍ଯ୍ୟକ୍ରମର ସଂଯୋଜନା ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରୀୟା ପାତ୍ର କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଛାତ୍ରୀ ଗଙ୍ଗାମୟୀ ମହାନନ୍ଦ । ଏହି ସଭାରେ ବରିଷ୍ଠ ବର୍ଗର ଛାତ୍ରୀମାନେ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମର ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କଲା ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ପକ୍ଷରୁ ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର ଓ ଏସପି ଖିଲାରି ଋଷିକେଶ ଦ୍ୟାନଦେଓଙ୍କ ମିଳିତ ଜନ ଶୁଣାଣୀରେ ଅଭିଯୋଗ କରିଛନ୍ତି । ଆସୋସିଏସନର ଅଭିଯୋଗ ମୁତାବକ ବ୍ଲକ ଅଞ୍ଚଳର ଲକ୍ଷାଧିକ ଲୋକ ନିର୍ଭର କରୁଥିବା ମୁରିବାହାଲ ସିଏଚସିରେ ଖାଲି ପଡ଼ିଥିବା ଓ ଅତି ଜରୁରୀ ଜଣେ ସ୍ତ୍ରୀ ରୋଗ,ଶିଶୁ ରୋଗ ଓ ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ବ୍ଲକ ମୁଖ୍ୟାଳୟରେ ପ୍ରସ୍ତାବିତ ଆଧୁନିକ ବସଷ୍ଟାଣ୍ଡ ନିର୍ମାଣ ସମ୍ପୂର୍ଣ୍ଣ କରିବା. କେବଳ ବ୍ଲକ ଭିତରେ କ୍ଷତିରେ ଚଳାଚଳ କରୁଥିବା ଲକ୍ଷ୍ମୀ ବସକୁ ବନ୍ଦ କରି ଏହାକୁ ଦିନବେଳା ପଞ୍ଚାୟତ, ବ୍ଲକ ମୁଖ୍ୟାଳୟରୁ କଣ୍ଟାବାଞ୍ଜି, ଟିଟିଲାଗଡ ସହର ଓ ବଲାଙ୍ଗିର ଭଳି ଜିଲ୍ଲା ମୁଖ୍ୟାଳୟକୁ ବସ୍ ଚଳାଚଳ,ଗରଗଡ଼ବାହାଲ୍ ପଞ୍ଚାୟତ ମୁଖ୍ୟାଳୟକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣ ସହ ବ୍ଲକର ଅନ୍ୟ ରାସ୍ତା ନ ଥିବା ଗ୍ରାମଗୁଡିକୁ ଅତିଶୀଘ୍ର ସବୁଦିନିଆ ରାସ୍ତା ନିର୍ମାଣ, ବ୍ଲକ ଅଞ୍ଚଳର ଅନେକ ଅଙ୍ଗନୱାଡ଼ି କେନ୍ଦ୍ର ଅସମ୍ପୂର୍ଣ୍ଣ, କେତେକ ଅଙ୍ଗନବାଡ଼ି କେନ୍ଦ୍ରରେ ଆଦୌ ଘର ନ ଥିବାରୁ ବାହାରେ କୁନି କୁନି ଶିଶୁମାନେ ପଢାପଢି କରୁଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି କେନ୍ଦ୍ରଗୁଡିକ ନିର୍ମାଣ କରିବା ,ମୁରିବାହାଲ ରେଳଷ୍ଟେସନ,ବଜାର ପଡ଼ାରୁ ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ ସବୁଦିନିଆ ରାସ୍ତା ସମସ୍ୟା ଲାଗି ରହିଥିବାରୁ ଭୂତଳ ରେଳ ପୋଲରୁ ବାମ ପାର୍ଶ୍ୱରେ ରେଳ ଫାଟକ ପର୍ଯ୍ୟନ୍ତ ସବୁଦିନିଆ ରାସ୍ତା ନିର୍ମାଣ, ଅତ୍ୟନ୍ତ ଜରାଜୀର୍ଣ୍ଣ, ଦୟନୀୟ ଅବସ୍ଥାରେ ଥିବା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କୋଠା ନିର୍ମାଣ,ବ୍ଲକ କାର୍ଯ୍ୟାଳୟରେ ମତ୍ସ୍ୟ ବିଭାଗର କୌଣସି ଅଫିସ ନ ଥିବାରୁ ମତ୍ସ୍ୟ ବିଭାଗ ଅଧିକାରୀ ବୁଲି ବୁଲି ଅଫିସ କରୁଥିବାରୁ ତାଙ୍କୁ ସ୍ଥାୟୀ ଅଫିସ ଗୃହ ଯୋଗାଇଦେବା, ଜବରଦଖଲରେ ଥିବା ସରକାରୀ ଓ ଜଙ୍ଗଲ ଜମି ଚିହ୍ନଟ କରି ସରକାରୀ କାର୍ଯ୍ୟ ପାଇଁ ବ୍ୟବହାର ଓ ବ୍ଲକରେ ଅତି ନଗଣ୍ୟ ଥିବା ତଥା ଅଞ୍ଚଳର ଶତକଡା ନବେ ପ୍ରତିଶତ ଚାଷୀମାନେ ନିର୍ଭର କରୁଥିବା ଚାଷ ପାଇଁ ସବୁଦିନିଆ ଜଳସେଚନ ଯୋଗାଇ ଦେବାକୁ ଆସୋସିଏସନ୍ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ଜିଲ୍ଲାପାଳ ଉପସ୍ଥିତ ବିଡିଓ ପୂର୍ଣାନନ୍ଦ ପଟେଲଙ୍କ ସହ ବିଭିନ୍ନ ବିଭାଗର ସମ୍ପୃକ୍ତ ଅଧିକାରୀମାନଙ୍କୁ ଡାକି ଆସୋସିଏସନର ଅଭିଯୋଗ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ପତ୍ର ପ୍ରଦାନ ବେଳେ ଆସୋସିଏସନ ସଭାପତି ଦୁର୍ଗାନନ୍ଦ ମହାକୁରଙ୍କ ନେତୃତ୍ୱରେ ଉପଦେଷ୍ଟା ଭଗବାନ ମହାନ୍ତି,ବନବିହାରୀ ଯୋଶୀ, କାର୍ଯ୍ୟକାରୀ ସଭାପତି ଖଗେଶ୍ୱର ସାହୁ, ଉପସଭାପତି ଗିରିଧାରୀ ସାହୁ, ପ୍ରେମାନନ୍ଦ ତାଣ୍ଡି,ସାଧାରଣ ସମ୍ପାଦକ ଜୟନ୍ତ କୁମାର ସାହୁ,କୋଷାଧ୍ୟକ୍ଷ ନବୀନ କୁମାର ତାଣ୍ଡି, ସହସମ୍ପାଦକ ମୋତିଲାଲ ତାଣ୍ଡି,ସୁଧୀର ତାଣ୍ଡି, ପାର୍ଥରାଜ ଲୁହା, ହୃଦାନନ୍ଦ ବାଗ, ସୁବାସ ଚନ୍ଦ୍ର ମାଝୀ, ମଦନ ମୋହନ ସାହୁ,ସୁମନ୍ତ ମହାଲିଙ୍ଗ,ଚୂଡାମଣି ମାହାକୁର ପ୍ରମୁଖ ଉପସ୍ଥିତ ଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୦/୧୨)

-ବିଭୂତିଯୋଗଃ-

( ଶ୍ରୀଭଗବାନୁବାଚ )

ପରଂ ବ୍ରହ୍ମ ପରଂ ଧାମ ପବିତ୍ରଂ ପରମଂ ଭବାନ୍ ।
ପୁରୁଷଂ ଶାଶ୍ୱତଂ ଦିବ୍ୟମାଦିଦେବମଜଂ ବିଭୁମ୍ ॥୧୨॥

(ସଂକ୍ଷେପରେ କୁହାଯାଇଥିବା ବିଭୂତି ବିସ୍ତୃତଭାବରେ ଜାଣିବାକୁ ଉତ୍ସୁକ ହୋଇ ସାତଟି ଶ୍ଳୋକରେ ଭଗବାନଙ୍କୁ ସ୍ତବ କରି)ଅର୍ଜ୍ଜୁନ କହିଲେ- ଆପଣ ପରଂବ୍ରହ୍ମ, ପରମ ଆଶ୍ରୟ, ପରମ ପବିତ୍ର । ଭୃଗୁ ପ୍ରଭୃତି ଋଷିମାନେ, ଦେବର୍ଷି ନାରଦ, ଅସିତ, ଦେବଳ, ବ୍ୟାସ- ଆପଣଙ୍କୁ ନିତ୍ୟ, ପୁରୁଷ, ଜ୍ୟୋତିର୍ମୟ, ଆଦିଦେବ, ଜନ୍ମହୀନ ଏବଂ ବ୍ୟାପକ ବୋଲି କହନ୍ତି, ଆପଣ ନିଜେ ମଧ୍ୟ ମୋତେ ସେହି କଥା କହୁଛନ୍ତି ॥୧୨॥

# ଜନତାଙ୍କ ଶାଣିତ ସ୍ୱର

ସମ୍ପାଦକୀୟ

ପଶ୍ଚିମବଙ୍ଗ, ବିଶେଷ କରି କଲିକତା ରାଜନୈତିକ ଅସ୍ଥିରତାର ଏକ ପ୍ରମୁଖ ସ୍ଥାନ ଭାବେ ଜଣାଶୁଣା ଦେଶ ଓ ରାଜ୍ୟ ରାଜନୀତିର ଅବସ୍ଥା ଓ ବ୍ୟବସ୍ଥା ଏହି ସହରରେ ପ୍ରତିଫଳିତ ହେଇଥାଏ । ଆନ୍ଦୋଳନ, ପ୍ରତିବାଦ, ଧାରଣା, ସହରର ସୁନ୍ଦର ପରିବେଶ, ଲୋକ ପରମ୍ପରା ଓ ଐତିହ୍ୟକୁ ଅନେକ ସମୟରେ ମଳିନ କରିଥାଏ । ଅନେକ ଧାରଣା, ଆନ୍ଦୋଳନ, ପ୍ରତିବାଦର ସ୍ୱର ଆପେ ଆପେ ନରମି ଯାଏ, ଯାହାର ପ୍ରଭାବ ନା ସରକାରଙ୍କୁ ପ୍ରଭାବିତ କରିବାରେ ସଫଳ ହୁଏ ନା ଜନତାଙ୍କୁ । କିନ୍ତୁ ଆର ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ସଂଗଠିତ ହେଇଥିବା ଅପରାଧ ଏବଂ ଏହାର ପରବର୍ତ୍ତୀ ପ୍ରତିବାଦ ରାଜନୀତିରେ କିଛି ନୂଆ ଧାରା ସୃଷ୍ଟି କରିଛି । ସରକାର, ରାଜନୀତି, ସାଧାରଣ ଜନତାଙ୍କୁ ବହୁ ମାତ୍ରାରେ ପ୍ରଭାବିତ କରିପାରିଛି, ଯାହା ଅସ୍ୱୀକାର କରାଯାଇ ପାରିବ ନାହିଁ । ବିଶେଷ ଭାବରେ, ଏହାର ପ୍ରଭାବ ରାଜ୍ୟ ରାଜନୀତିରେ ବେଶ ଅନୁଭୂତ ହେଇଛି, ଅପରାଧକୁ ନେଇ ସରକାରୀ ଦଳ ଓ ବିରୋଧୀଙ୍କ ମଧ୍ୟରେ ତୁ ତୁ ମେଁ ମେଁ ଏବେବି ଲାଗିରହିଛି । ଅନେକ ରାଜନୀତି ବିଶେଷଜ୍ଞଙ୍କ ମତରେ, ରାଜ୍ୟ ରାଜନୀତିରେ ଏହାର ଦୀର୍ଘମିଆଦି ପ୍ରଭାବ ଅନୁଭୂତ ହେଇପାରେ । ସାଧାରଣ ନାଗରିକଙ୍କ ସ୍ୱର ଏବଂ ପ୍ରଭାବ ମଧ୍ୟ କେତେ ଶକ୍ତିଶାଳୀ ହେଇପାରେ, ତାହା ଘଟଣା ପରବର୍ତ୍ତୀ ପ୍ରତିବାଦ ସ୍ପଷ୍ଟ କରିଛି । ରାଜନୀତି ପାଇଁ ରୁଚି ଥିବା ଓ ନ ଥିବା, ଉଭୟ ପ୍ରକାର ଲୋକଙ୍କୁ ଏହି ଆନ୍ଦୋଳନ, ପ୍ରତିବାଦ ଉଣାଅଧିକେ ପ୍ରଭାବିତ କରିଛି । ସ୍ୱଇଚ୍ଛାରେ ଲୋକେ ନିଜକୁ ସାମିଲ କରିଛନ୍ତି । ରାଜନୀତି, ଦଳ ଓ ନେତା ବିକ୍ଷୋଭକାରୀଙ୍କୁ ନିଜ କବଳକୁ ନେବାପାଇଁ ଚେଷ୍ଟା କରିଛନ୍ତି, କିନ୍ତୁ ବିଫଳ ହେଇଛନ୍ତି । ବିକ୍ଷୋଭକାରୀମାନେ ରାଜନୀତିରୁ ଦୂରେଇ ରହି ନିଜର ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନରେ ଏଭଳି ଘଟଣାର ପ୍ରଭାବ ବିରୁଦ୍ଧରେ ଦୃଢ ଭାବରେ ସ୍ୱର ଉତ୍ତୋଳନ କରିପାରିଥିଲେ । ଆନ୍ଦୋଳନ, ପ୍ରତିବାଦ ଓ ଧାରଣାକୁ ରାଜନୈତିକ ଦଳ ଓ ନେତାଙ୍କ ସମର୍ଥନ ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ନୁହେଁ ବରଂ କ୍ଷମତା ପାଇଁ । ସେଥିରେ ସେମାନଙ୍କର ନିଜସ୍ୱ ଏଜେଣ୍ଡା ଥାଏ, ଏହା ବାରମ୍ବାର ପ୍ରମାଣିତ ହେଇଛି । ସମସ୍ତ ରାଜନୈତିକ ଦଳ କ୍ଷମତାରେ ଥିବାବେଳେ ସେମାନଙ୍କ ଆଚରଣ ପ୍ରାୟ ସମାନ ଥାଏ । ସମ୍ପ୍ରତି ଅନ୍ୟାନ୍ୟ ଆନ୍ଦୋଳନରେ ମଧ୍ୟ ଏହି ଧାରା ଲକ୍ଷ୍ୟ କରାଯାଇଛି, ଯେପରିକି କୃଷକଙ୍କ ଆନ୍ଦୋଳନ ଏବଂ ନାଗରିକତ୍ୱ (ସଂଶୋଧନ) ଅଧିନିୟମ ବିରୋଧରେ ବିରୋଧ । ରାଜନୈତିକ ଦଳମାନେ ନିଜ ସୁବିଧା ପାଇଁ ଏହି ଆନ୍ଦୋଳନକୁ ଉପଯୋଗ କରିବାକୁ ଚେଷ୍ଟା କରିଥିଲେ । ଖୁସିର କଥା, ଏହି ଆନ୍ଦୋଳନଗୁଡିକରେ ମଧ୍ୟ ପ୍ରତିବାଦର ସ୍ୱର ନିରପେକ୍ଷ ଥିବା ଅନୁଭୂତ ହେଇଥିଲା । ବିଭିନ୍ନ ବର୍ଗର ଲୋକଙ୍କ ସମର୍ଥନରେ ଡାକ୍ତରଙ୍କ ବିକ୍ଷୋଭ, ଆର ଜି କର ମେଡିକାଲ କଲେଜ ଏବଂ ହସପିଟାଲରେ ବଳାତ୍କାର ଓ ହତ୍ୟା ଶିକାର ହେଇଥିବା ଡାକ୍ତରଙ୍କ ପାଇଁ ନ୍ୟାୟ ଦାବି କରିବା ଅବସରରେ, ହସ୍ପିଟାଲ ପରିଚାଳନାରେ ହେଇଥିବା ଦୁର୍ନୀତି ଏବଂ ପ୍ରଶାସନିକ ଅପାରଗତାକୁ ମଧ୍ୟ ଲୋକଲୋଚନକୁ ଆଣିପାରିଛି । ସ୍ୱାସ୍ଥ୍ୟ ବିଭାଗ କିପରି ଚାଲିଛି, ତାହାର ପର୍ଦ୍ଦାଫାଶ କରିଛି । ଯଦି ଡାକ୍ତରଖାନାରେ ଡାକ୍ତରମାନେ ଏବଂ ଅନ୍ୟ କର୍ମଚାରୀମାନେ ସୁରକ୍ଷିତ ନୁହନ୍ତି, ରୋଗୀ ବା ଚିକିତ୍ସା ପାଇଁ ଆସୁଥିବା ଲୋକ କିପରି ସୁରକ୍ଷିତ ହେଇପାରିବେ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଇଛି ଏବଂ ହେବା ମଧ୍ୟ ସ୍ୱାଭାବିକ । ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୁର୍ନୀତି ଏକ ପ୍ରମୁଖ ପ୍ରସଙ୍ଗ, ଯାହା ଚିକିତ୍ସାର ଗୁଣ ଉପରେ ପ୍ରଭାବ ପକାଇଥାଏ – ଧନୀ ଏବଂ ଗରିବ, ଯୁବକ ଏବଂ ବୃଦ୍ଧ ସମସ୍ତଙ୍କୁ ସ୍ପର୍ଶ କରେ । ତେଣୁ କ୍ରୋଧର ତୀବ୍ରତା ଖାଲି ପଶ୍ଚିମବଙ୍ଗ ନୁହେଁ, ସାରା ଦେଶରେ ଅନୁଭୂତ ହେଇଥିଲା । ଏହା କ୍ରମେ, ରାଜନୈତିକ ଦଳଗୁଡିକ ପ୍ରତି ବିଶ୍ୱାସକୁ ନିମ୍ନଗାମୀ କରିଚାଲିଛି । ଘଟଣାକୁ ନେଇ ପ୍ରତିବାଦର ସ୍ୱର ଯେତେବେଳେ ଶିଖରରେ ଥିଲା, ସମସ୍ତ ପ୍ରମୁଖ ରାଜନୈତିକ ଦଳ ଏଥିରୁ ଲାଭ ଉଠାଇବାକୁ ଚେଷ୍ଟା କରିଥିଲେ । ଭାରତୀୟ ଜନତା ପାର୍ଟି ଧର୍ମଘଟ ଡାକରା ଦେଇ ରାଜ୍ୟ ସଚିବାଳୟ ‘ନବାନ୍ନ’ ସାମ୍ନାରେ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲା । ପୋଲିସ ଏବଂ ଦଳୀୟ କର୍ମୀଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହେଇଥିଲା । ଏହି ଘଟଣାରୁ ବିଜେପି କୌଣସି ଫାଇଦା ହାସଲ କରି ପାରିଲା ନାହିଁ ଏବଂ ଡାକ୍ତରମାନେ ମଧ୍ୟ ସ୍ପଷ୍ଟ କରିଦେଲେ ଯେ ସେମାନେ ଏହି ପ୍ରକାରର ବିରୋଧର ପକ୍ଷ ନୁହଁନ୍ତି । କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାର୍କ୍ସବାଦୀ) ର ଯୁବ ଶାଖା ପ୍ରଥମ ଦିନରୁ ଆର ଜି କର ହସ୍ପିଟାଲ ସାମ୍ନାରେ ପତାକା ଧରି ଆନ୍ଦୋଳନ କରୁଥିଲେ, ଯାହା ଗ୍ରହଣୀୟ ହେଲା ନାହିଁ । ଟିଏମସିର ପ୍ରତିକ୍ରିୟା ମଧ୍ୟ ଦ୍ୱନ୍ଦ୍ୱପୂର୍ଣ୍ଣ ଏବଂ ଅପରିପକ୍ୱ ବୋଲି ପ୍ରମାଣିତ ହେଲା । ମୁଖ୍ୟମନ୍ତ୍ରୀ ଉଭୟ, ଗୃହ ଏବଂ ସ୍ୱାସ୍ଥ୍ୟ ବିଭାଗ ନିଜ ହାତରେ ରଖିଥିବାରୁ ଏହି ଘଟଣା ଦଳ ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କଲା । ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା ମଧ୍ୟ ପ୍ରଭାବଶାଳୀ ନ ଥିଲା ଏବଂ ପ୍ରତିକ୍ରିୟାରେ ସେ ଖୁବ୍ ନର୍ଭସ ଥିବା ଜଣାଯାଉଥିଲା । ନ ହେଲେ, ଗୃହ ଏବଂ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ଜଣେ ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ଦାବି କରି କଲିକତାର ରାସ୍ତାରେ କାହିଁକି ବୁଲିଲେ ? ଅବଶିଷ୍ଟ ଟିଏମସି ନେତୃତ୍ୱଙ୍କ ମଧ୍ୟରୁ କେତେକ ବଳାତ୍କାର-ହତ୍ୟାକୁ ଡାକ୍ତରଖାନାର ସମ୍ଭାବ୍ୟ କାରଣ ଏବଂ ପରିବେଶ ବିଷୟରେ ଉଲ୍ଲେଖ ନକରି ସମାଲୋଚନା କରିଥିଲେ । ଏହି ଘଟଣାକୁ ନେଇ, ଆନ୍ଦୋଳନ ଏବେବି ଚାଲିଛି ଏବଂ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେଇଛି । କିନ୍ତୁ ସରକାରରେ ଥିବା ତୃଣମୂଳ କଂଗ୍ରେସ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଛି, ଏହାକୁ ଅସ୍ୱୀକାର କରାଯାଇ ନ ପାରେ । ଏହାର ପ୍ରଭାବ ଆଗାମୀ ଦିନରେ ମଧ୍ୟ ରହିବ । ଏହି ପ୍ରତିବାଦ ମଧ୍ୟ ପ୍ରମାଣିତ କରିଛି ଯେ’ ରାଜନୈତିକ ଦଳ ଓ ନେତାଙ୍କ ବିନା ସମର୍ଥନରେ ଲୋକଙ୍କ ସ୍ୱର କେତେ ସୁଦୂରପ୍ରସାରୀ ହେଇପାରେ । ଏହା କେବଳ ପଶ୍ଚିମବଙ୍ଗ ସରକାର ବା ପଶ୍ଚିମବଙ୍ଗର ରାଜନୈତିକ ଦଳ ପାଇଁ ନୁହେଁ, ଦେଶର ସବୁ ରାଜନୈତିକ ଦଳ ପାଇଁ ଗୋଟିଏ ଚେତାବନୀ ଯେ’ ଜନତାଙ୍କ ସ୍ୱର ଶାଣିତ ହେବାରେ ଲାଗିଛି ଏବଂ ଦେଶର ନାଗରିକମାନେ ଶକ୍ତିଶାଳୀ, ଉତ୍ତରଦାୟୀ ହେବା ପାଇଁ ନିଜର ଶକ୍ତିର ସ୍ୱାଦ ପାଇଛନ୍ତି ।

# ଶହୀଦ ବୀର ବାଜି ରାଉତ



ପ୍ରେମାନନ୍ଦ ପାଣିଗ୍ରାହୀ

ଭାରତର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିବା ସର୍ବକନିଷ୍ଠ ଶହୀଦ୍ ବାଜି ରାଉତଙ୍କ କଥା ମନେ ପଡିଲେ ଆଜି ବି ଶରୀରରେ ରୋମାଞ୍ଚ ସୃଷ୍ଟି ହୁଏ । ଦେଶ ମାତୃକାର ରକ୍ଷା ପାଇଁ ବାଜି ରାଉତଙ୍କ ସଂଗ୍ରାମ ଓ ବଳିଦାନ ଅବର୍ଣ୍ଣନୀୟ । ୧୯୨୬ ମସିହା ଅକ୍ଟୋବର ମାସ ୫ ତାରିଖରେ ବାଜି ରାଉତ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ, ନୀଳକଣ୍ଠପୁର ଗ୍ରାମର ଏକ ଖଣ୍ଡାୟତ ପରିବାରର ହରି ରାଉତ ଓ ରାଣିଆ ଦେବୀଙ୍କ କୋଳମଣ୍ଡନ କରିଥିଲେ । ଶିଶୁ ଥିବା ସମୟରେ ତାଙ୍କର ପିତୃ ବିୟୋଗ ଘଟିଥିଲା । ପାଠ ପଢିବା ପାଇଁ ବାଜିଙ୍କର ପ୍ରବଳ ଆଗ୍ରହ ଥିଲେ ମଧ୍ୟ ଅଭାବ, ଅନଟନ ତାଙ୍କୁ ଅନ୍ଧକାର ମଧ୍ୟକୁ ଠେଲି ଦେଇଥିଲା । ଗାଁ ପାର୍ଶ୍ୱରେ ବ୍ରାହ୍ମଣୀ ନଦୀ ଘାଟ । ଭୁବନରୁ ଢେଙ୍କାନାଳ ଗଡକୁ ଯିବାକୁ ହେଲେ, ଏହି ନଦୀ ଘାଟ ପାରି ହେବାକୁ ପଡେ । ତେଣୁ ସ୍ୱାଧୀନତା ସଂଗ୍ରାମୀଙ୍କ ଠାରୁ ଆରମ୍ଭ କରି ରାଜ କର୍ମଚାରୀ, ସେହି ନଦୀ ଘାଟକୁ ଡଙ୍ଗାରେ ପାର ହୁଅନ୍ତି । ଢେଙ୍କାନାଳ ରାଜାଙ୍କର ଅତ୍ୟାଚାରକୁ ବାଜି ଆଖି ଆଗରେ ଦେଖିଥିଲେ । ନଦୀ ଘାଟରେ ବୁଲାବୁଲି କରିବା ସମୟରେ ଲୋକମାନଙ୍କ ଠାରୁ ଇଂରେଜ ସରକାରଙ୍କ ନିର୍ଯାତନାର କାହାଣୀ ଶୁଣି ତାଙ୍କ ମନରେ ବିଦ୍ରୋହ ଜାଗିଥିଲା ।

ସେତେବେଳେ ଓଡିଶାରେ ଶାସନ ବ୍ୟବସ୍ଥାକୁ ନେଇ ଦୁଇ ପ୍ରକାର ଅଞ୍ଚଳ ଥିଲା । ଗୋଟେ ଗଡଜାତ ଶାସନ ଅଞ୍ଚଳ ଓ ଅନ୍ୟଟି ମୋଗଲବନ୍ଦି ଅଞ୍ଚଳ । ଢେଙ୍କାନାଳରେ ଗଡଜାତ ଶାସନ ବ୍ୟବସ୍ଥା ଥାଏ । ବ୍ରିଟିଶ୍ ଶାସକଙ୍କ ସହାୟତାରେ ଗଡଜାତର ଶାସକ ରାଜା ଶାସନ କରୁଥିଲେ । ଉଭୟ ଇଂରେଜ ସରକାର ଓ ଗଡଜାତ ରାଜାଙ୍କର ଅତ୍ୟାଚାରରେ ପ୍ରଜାମାନେ ଅତିଷ୍ଠ ହୋଇ ଉଠିଥିଲେ । ରାଜାଙ୍କ ଇଛା ଅନୁସାରେ ମାଜିଷ୍ଟ୍ରେଟ୍, ପୋଲିସ୍, ହାକିମ ଓ ରାଜ କର୍ମଚାରୀ ପରିଚାଳିତ ହେଉଥିଲେ । ଗଡଜାତର ରାଜା ପ୍ରଜାମାନଙ୍କର ସ୍ୱାର୍ଥ, ସୁଖ, ସୁବିଧାକୁ ଦୃଷ୍ଟି ଦେଉନଥିଲେ । ବରଂ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ । ରାଜାଙ୍କୁ ଅତ୍ୟଧିକ କର, ସେସ୍ ସାଙ୍ଗକୁ ଭେଟି, ବେଠି, ମାଗଣ, ପ୍ରଭୃତି ଦେଇ ପ୍ରଜାମାନେ ନିଃସ୍ୱ ହୋଇଯାଉଥିଲେ । ଶାସକଙ୍କର ଏତାଦୃଶ ଅତ୍ୟାଚାରକୁ ବିରୋଧ କରିବାପାଇଁ କିଛି ପ୍ରଜା ଅଣ୍ଟା ଭିଡିଲେ । ୧୯୩୧ ମସିହା ବେଳକୁ ଓଡ଼ିଶାର ଗଡଜାତ ଅଞ୍ଚଳରେ ‘ପ୍ରଜାମଣ୍ଡଳ ଆନ୍ଦୋଳନ’ର ସୂତ୍ରପାତ ହୋଇଥିଲା । ୧୯୩୮ ମସିହାବେଳକୁ ଏହା ତୀବ୍ର ରୂପ ନେଲା । ଏହାର ପ୍ରଭାବରେ ଢେଙ୍କାନାଳ ଗଡଜାତର ପ୍ରଜାମାନଙ୍କ ହୃଦୟରେ ଏକ ବିଦ୍ରୋହାତ୍ମକ ମନୋଭାବ ଉଦ୍ରେକ ହୋଇଥିଲା । ସେମାନେ କ୍ରମେ କ୍ରମେ ନିଜ ନିଜର ଅଧିକାର ବିଷୟରେ ସଚେତନ ହୋଇଥିଲେ । ଢେଙ୍କାନାଳରେ ମହେଶଚନ୍ଦ୍ର ସୁବାହୁ ସିଂ, ସାରଙ୍ଗଧର ଦାସ, ବୈଷ୍ଣବ ଚରଣ ପଟ୍ଟନାୟକ, ବ୍ରଜକିଶୋର ଧଳ, ଲକ୍ଷ୍ମୀଧର ସାହୁ, ମୂଷା ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠନ କରାଯାଇଥିଲା । ଢେଙ୍କାନାଳର ବିଭିନ୍ନ ଅଞ୍ଚଳରେ ପ୍ରଜାମଣ୍ଡଳର ଶାଖା ଗଠନ କରାଗଲା । ପ୍ରଜାମଣ୍ଡଳ ଗଠନର ଅଳ୍ପଦିନ ପରେ ଢେଙ୍କାନାଳର ଜନସାଧାରଣଙ୍କ ମଧ୍ୟରେ ଜାଗରଣ ଦେଖାଦେଲା । ଇଂରେଜ ସରକାର ଓ ଗଡଜାତ ଶାସକଙ୍କ ବିରୋଧରେ ଲଢିବାପାଇଁ ପ୍ରତ୍ୟେକ ଗ୍ରାମର ଲୋକମାନେ ପ୍ରଜାମଣ୍ଡଳର ସଭ୍ୟ ହେଲେ । ଭୁବନ, ମଢି, ପରଜଙ୍ଗ, ହିନ୍ଦୋଳ ଅଞ୍ଚଳରେ ପ୍ରଜାମଣ୍ଡଳର କର୍ମୀମାନେ ଗାଁଗାଁ ବୁଲି ପ୍ରଜାମଣ୍ଡଳ ଗୀତ ଗାଇ ଲୋକମାନଙ୍କୁ ଜାଗ୍ରତ କରୁଥିଲେ ।

ଭୁବନ ସେତେବେଳେ ସାତ ହଜାର ଲୋକଙ୍କ ବସତିର ଏକ ବଡ ଗାଁ । ଏଠାକାର ଲୋକେ ଭାରି ସାହସୀ ଓ ଲଢୁଆ । ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟପୀଠ ଭାବେ ଭୁବନର ସୁଖ୍ୟାତି ଥିଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭୁବନର ବଡହାଟ ଠାରେ ପ୍ରଜାମଣ୍ଡଳର ସଭା ବସେ । ଭୁବନ ଅଞ୍ଚଳରେ ବେଣୁଧର ପରିଡା, ମହନ୍ତ ପ୍ରଧାନ, ନଟ ସାହୁ, ରଘୁ ନାୟକ, ହୁରୁଷି ପ୍ରଧାନ, ଗୁରି ନାୟକ ପ୍ରମୁଖ କର୍ମୀମାନେ ପ୍ରଜାମଣ୍ଡଳରେ ସକ୍ରିୟ ଅଂଶଗ୍ରହଣ କରୁଥାନ୍ତି । ୧୯୩୮ ମସିହା ଅକ୍ଟୋବର ମାସ ୧୦ ତାରିଖ । ଦିନ ସାରା ଝିପି ଝିପି ବର୍ଷା । ହାଇଦ୍ରାବାଦୀ ଓ ପଞ୍ଜାବୀ ଫୌଜ ସହ ଦେଶୀୟ ଫୌଜଙ୍କୁ ନେଇ ଗଠିତ ଗୋରାବାହିନୀ ଗୋଡିଡିହି, ତୁମୁସିଂହା, ପରଜଙ୍ଗ, କନ୍ଦରସିଂହାରେ ନାରକୀୟ ସଂହାର ଲୀଳା ଶେଷ କରି ବ୍ରାହ୍ମଣୀ ନଦୀର ଚଷାପଡା ଘାଟରୁ ଡଙ୍ଗାରେ ଆସି ଭୁବନର ପଶ୍ଚିମ ପାର୍ଶ୍ୱ ସୁଲେଇପାଳ ଟୋଟାରେ ଡଙ୍ଗା ରଖି, ସନ୍ଧ୍ୟାରେ ଭୁବନ ଗ୍ରାମରେ ପ୍ରବେଶ କଲେ । ଆଠ ଜଣ ପ୍ରଜାମଣ୍ଡଳ କର୍ମୀଙ୍କୁ ବେଆଇନ୍ ଗିରଫଦାରି କରି ଭୁବନ ଥାନାକୁ ଆଣିଲେ । ଏ ଖବର ଭୁବନ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପିଗଲା । କର୍ମୀମାନେ ଥାନା ଘେରାଉ କଲେ । ଗିରଫ ପ୍ରଜାମଣ୍ଡଳର କର୍ମୀମାନଙ୍କୁ ଛାଡି ଦେବାପାଇଁ ସ୍ଲୋଗାନ ଦେଲେ । ବ୍ୟତିବ୍ୟସ୍ତ ହୋଇ ଥାନା ଉପରକୁ ଟେକା ପଥର ଫିଙ୍ଗିଲେ । ତା’ ପରେ, ସୃଷ୍ଟି ହେଲା ପୋଲିସ୍‌ର ଦମନ ଲୀଳା । ଥାନା ଭିତରୁ ବର୍ଷିଲା ଅବିଶ୍ରାନ୍ତ ଗୁଳି । ପୋଲିସ୍ ଗୁଳିରେ ସହିଦ୍ ହେଲେ ଗୁରି ନାୟକ । ଗୁରୁତର ଆହତ ହେଲେ ରଘୁ ନାୟକ । ଅନେକ କର୍ମୀ ଖଣ୍ଡିଆ ଖାବରା ହେଲେ । ତଥାପି ଲୋକେ ପଛଘୁଞ୍ଚା ଦେଉନଥାନ୍ତି । ପାହାନ୍ତା ପ୍ରହର ବେଳକୁ ଫୌଜମାନେ ଲୁଚି ଢେଙ୍କାନାଳ ଗଡକୁ ଚାଲିଯିବାକୁ ବସିଥିଲେ । ସେମାନଙ୍କ ଠାରୁ ଅସ୍ତ୍ରଶସ୍ତ୍ର ଛଡାଇ ପ୍ରତିଶୋଧ ନେବା ପାଇଁ ପ୍ରଜାମଣ୍ଡଳ କର୍ମୀମାନେ ଗୋଡାଇଲେ । ଫୌଜମାନେ ନୀଳକଣ୍ଠପୁର ବ୍ରାହ୍ମଣୀ ଘାଟରେ ପହଞ୍ଚି ଡଙ୍ଗାରେ ଆର ପଟକୁ ଯିବାକୁ ଦୌଡୁଥାନ୍ତି । ସେମାନଙ୍କୁ ଶହ ଶହ ସଂଖ୍ୟାରେ ଲୋକ, ଭୁବନ ଗ୍ରାମରୁ ଗୋଡାଇଥାନ୍ତି । ଜୀବନ ସେମାନଙ୍କର ବିପନ୍ନ । ସେତେବେଳେ ଘାଟରେ ଦୁଇଟି ଡଙ୍ଗା ଥିଲା । ଗୋଟିଏ ରାଜ କର୍ମଚାରୀମାନେ ନଦୀ ପାର ହେବାପାଇଁ ଓ ଅନ୍ୟଟି ସାଧାରଣ ଲୋକଙ୍କ ପାଇଁ । ପୂର୍ବରୁ ଫୌଜମାନେ ନୀଳକଣ୍ଠପୁର ଘାଟକୁ ଆସୁଥିବାର ଖବର ପାଇ କର୍ମୀମାନେ ରାଜାଙ୍କ ଡଙ୍ଗାକୁ ନଦୀରେ ବୁଡାଇ ଦେଇଥିଲେ । ଅନେକ କର୍ମୀ ସାଧାରଣ ଲୋକଙ୍କ ଡଙ୍ଗାକୁ ଜଗି ରହିଥିଲେ । ଫୌଜମାନେ ଘାଟରେ ପହଞ୍ଚି ନଦୀପାର କରିଦେବାପାଇଁ ସେମାନଙ୍କୁ ଚିତ୍କାର କରି କହିଲେ । ମାତ୍ର କର୍ମୀମାନଙ୍କ ଗହଣରେ ଥିବା ବାର ବର୍ଷର ବାଳକ ବାଜିରାଉତ ଫୌଜଙ୍କ ନାଲି ଆଖି ଓ ଧମକକୁ ଭୟ ନକରି ଜବାବ ଦେଲେ, ‘ପ୍ରଜାମଣ୍ଡଳର ହୁକୁମ ନାହିଁ, ମୁଁ ନଦୀ ପାର କରାଇପାରିବି ନାହିଁ ’। ଇଂରେଜ ସିପାହୀ ଯେତେ ଗର୍ଜନ ତର୍ଜନ କଲେ ମଧ୍ୟ କିଶୋର ସେନାର ନେତା ବାଜିରାଉତ ସେଥିପ୍ରତି କର୍ଣ୍ଣପାତ ନକରି ସିଂହ ଭଳି ଗର୍ଜନ ଛାଡି ତା’ର ପ୍ରତି ଉତ୍ତରରେ କହୁଥାନ୍ତି, ପ୍ରଜାମଣ୍ଡଳର ଆଦେଶ ବିନା ଡଙ୍ଗାରେ ପାରି କରିବି ନାହିଁ । ଏହିଭଳି ଯେତେ ଥର ନଦୀପାର କରିବାପାଇଁ ସିପାହୀ ଦଳ ଗର୍ଜନ କରୁଥାନ୍ତି, ବାଜିରାଉତ ମଧ୍ୟ ସେତେଥର ‘ଡଙ୍ଗା ପାର କରିବି ନାହିଁ’ ବୋଲି ପାଲଟା ଜବାବ ଦେବାରେ ଲାଗିଲେ ।

‘ହୁକୁମ ନାହିଁ , ମୁଁ ନଦୀ ପାର କରିବି ନାହିଁ । ତମେ ରାଜାର ଲୋକ ।’ ଛୋଟ ପିଲାଟିର କଣ୍ଠରୁ ପ୍ରଜାମଣ୍ଡଳର ନାଁ ଶୁଣି ଫୌଜମାନେ ରାଗ ଜରଜର ହୋଇ ଡଙ୍ଗା ଉପରକୁ କୁଦି ପଡିଲେ । ବାଜିରାଉତଙ୍କ ହାତରୁ ଡଙ୍ଗା କାତକୁ ଛଡାଇ ନେଇ ତାଙ୍କୁ ନଦୀ କୂଳକୁ ଠେଲିଦେଲେ । ଫୌଜମାନେ ଡଙ୍ଗା ବାହି ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ଡଙ୍ଗା ଦଉଡିକୁ କର୍ମୀମାନେ ଭିଡି ଧରିଲେ । ଜୀବନ ବଞ୍ଚାଇବା ପାଇଁ ନଦୀ ପାର ହୋଇ ନିଜିଗଡକୁ ପଳାଇ ଯିବାକୁ ଉଦ୍ୟମ କରୁଥିବା ଫୌଜମାନେ କର୍ମୀଙ୍କ ଉପରକୁ ଗୁଳି ଚାଳନା କଲେ । ଏଥିରେ କିଶୋର ବାଳକ ବାଜିରାଉତଙ୍କ ସମେତ ହୁରୁଷି ପ୍ରଧାନ, ନଟ ମଲିକ, ଫଗୁ, ଲକ୍ଷ୍ମଣ ମଲିକ ପ୍ରମୁଖ ଚାରି ଜଣ ସଂଗ୍ରାମୀ ଶହୀଦ ହେଲେ । ନୀଳକଣ୍ଠପୁର ଗ୍ରାମର ଫଗୁ ସାହୁ, ପାଣ୍ଡୁ ଲେଙ୍କା, ଭାବ ସାହୁ, ଗୁରୁବାରି ସାହୁ, ଭାସ୍କର ସାହୁ, ଘନ ସାହୁ, ଗଙ୍ଗାଧର ସାହୁ, ଧନୀ ସାହୁ, ନରହରି ସାହୁ କ୍ଷତ ବିକ୍ଷତ ହେଲେ । ଏହାପରେ ସିପାହୀମାନେ ନିଜେ ଡଙ୍ଗା ବାହି ନେଇ ବ୍ରାହ୍ମଣୀ ନଦୀ ପାରି ହୋଇ ଆରପଟକୁ ଚାଲିଯାଇଥିଲେ ।

ସେତେବେଳକୁ ଭୁବନ ଗ୍ରାମର ଗୁରି ନାୟକଙ୍କର ମୃତଦେହ ନୀଳକଣ୍ଠପୁର ଘାଟରେ ପହଞ୍ଚି ସାରିଥିଲା । ନୀଳକଣ୍ଠପୁର ଗ୍ରାମର ଶହୀଦ ବାଜିରାଉତଙ୍କ ସମେତ ଚାରିଟି ମୃତଦେହ, ଗୁରି ନାୟକଙ୍କର ମୃତ ଦେହ ଓ ଅନ୍ୟାନ୍ୟ ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ କଂଗ୍ରେସ ନେତା ବଳଦେବ ଲାଲା ଓ ଚାଷୀନେତା ଡାକ୍ତର ଫନିପାଲ୍ ଡଙ୍ଗାରେ ଜେନାପୁର ଆଣିବାପରେ, ସେଠାରେ ବୈଷ୍ଣବ ପଟ୍ଟନାୟକ ଓ ରବିଘୋଷଙ୍କ ସହାୟତାରେ ଟ୍ରେନ୍ ୱାଗନରେ କଟକ ଅଣାଯାଇଥିଲା । ଡଙ୍ଗାରେ ଆସୁଥିବା ବେଳେ ଚଷାପଡା ଘାଟ ନିକଟରେ ଭୁବନ ଗୁଳିକାଣ୍ଡରେ ଆହତ ରଘୁ ନାୟକଙ୍କର ମୃତ୍ୟୁ ହୋଇଯାଇଥିଲା । କଟକ ଡାକ୍ତରଖାନାରେ ଶହୀଦମାନଙ୍କର ଛଅଟି ଶବକୁ ଛଅଟି ଶଗଡଗାଡିରେ ରଖାଯାଇ ଖାନ୍ ନଗର ଶ୍ମଶାନକୁ ଶୋଭାଯାତ୍ରାରେ ନିଆଯାଇଥିଲା । କୁହାଯାଏ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶବ ଶୋଭାଯାତ୍ରା ପରେ ଏହା ଥିଲା ଦ୍ୱିତୀୟ ବୃହତ୍ତମ ଶବ ଶୋଭାଯାତ୍ରା । ଶ୍ମଶାନ ଘାଟରୁ ଫେରି କବି ସଚ୍ଚି ରାଉତରାୟ ଲେଖିଥିଲେ ଖଣ୍ଡକାବ୍ୟ ‘ବାଜି ରାଉତ’ । ସରୋଜିନୀ ନାଇଡୁଙ୍କ ସାନଭାଇ ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଏହାର ଇଂରାଜୀ ଅନୁବାଦ କରି ‘ଦି ବୋଟମ୍ୟାନ ବୟ ଆଣ୍ଡ ଅଦର ପୋଏମ’ ପୁସ୍ତକ ପ୍ରକାଶ କରିଥିଲେ । ଏହି ପୁସ୍ତକ ପ୍ରକାଶନ ପରେ ବାଜି ରାଉତଙ୍କ ସାହସ ଓ ଦେଶ ଭକ୍ତି ସମ୍ପର୍କରେ ବିଶ୍ୱବାସୀ ଅବଗତ ହେଲେ ।

ବାଜି ରାଉତ ଦେଶର କୋଟି କୋଟି ଯୁବକଙ୍କ ପାଇଁ ଦେଶପ୍ରେମର ପ୍ରେରଣା । ୨୦୧୯ ମସିହା ଜାନୁଆରୀ ୨୩ ତାରିଖରେ ଦିଲ୍ଲୀ ଲାଲକିଲ୍ଲାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ‘ଆଜାଦୀ କେ ଦିବାନେ’ ମ୍ୟୁଜିୟମ ଉଦ୍‌ଘାଟିତ ହୋଇ, ‘ବାଜିରାଉତ’ଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଗ୍ୟାଲେରୀ ଖୋଲାଯାଇଛି, ଯେଉଁଥିରେ ବ୍ରିଟିଶ୍ ଗୁଳିରେ ଶହୀଦ ହୋଇଥିବା ବାଜିରାଉତଙ୍କ ବୀରତ୍ୱର ଗାଥା ଉଲ୍ଲେଖ ରହିଛି । ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଡାକ ବିଭାଗ ତରଫରୁ, ତାଙ୍କ ନାମରେ ସ୍ୱତନ୍ତ୍ର ଲଫାପା ମଧ୍ୟ ଉନ୍ମୋଚିତ ହୋଇଛି ।

ଭୁବନ,ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

# ଦେବୀ ଦୁର୍ଗାଙ୍କ ଶାରଦୀୟ ପୂଜା

ପୁଷ୍ପମିତ୍ର ମହାପାତ୍ର

ମା- ଶବ୍ଦରେ ଭରିରହିଛି ଅମୃତର ଉଚ୍ଛ୍ୱାସ । ମା’ଙ୍କୁ, ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ । ସନ୍ତାନର ଆକୁଳ ପ୍ରାର୍ଥନାରେ, ମା’ ବାରମ୍ବାର ଆବିର୍ଭୂତା ହୁଅନ୍ତି । ମା’ର ଇଚ୍ଛା ସଦା ପୂର୍ଣ୍ଣ ହୁଏ । ସେ ଶକ୍ତିସ୍ୱରୂପିଣୀ ।

ପ୍ରତିଟି ଅଣୁ ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା । ଏ ଶରୀର ମଧ୍ୟ ଶକ୍ତି ବିନା ଜଡ଼ । ଶକ୍ତିକୁ ବାଦ ଦେଲେ ଜୀବ ଶବରେ ପରିଣତ ହୁଏ । ଶକ୍ତି, ଜଡ଼ରେ ଚୈତନ୍ୟସତ୍ତା ଆଣେ । କଥିତ ଅଛି, ଦେବତାମାନଙ୍କ ତେଜରୁ ସୃଷ୍ଟ ଦେବୀ ତେଜସ୍ୱିନୀ ହୋଇ ଉଠିଥିଲେ । ଗୋଟି ଗୋଟି କରି ରାକ୍ଷସମାନଙ୍କ ସହ ତାଙ୍କ ସୈନ୍ୟସାମନ୍ତଙ୍କୁ ବିନାଶ କରିବାରେ ଲାଗିଲେ । ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ, ଶୁମ୍ଭ ଓ ନିଶୁମ୍ଭ ଆଦି ରାକ୍ଷସମାନଙ୍କୁ ବଧ କରି ଜଗତରେ, ଶାନ୍ତି ପ୍ରତିଷ୍ଠା କରିବାରେ ମା’ଙ୍କ ଭୂମିକା ଅତୁଳନୀୟ ।

ଚଣ୍ଡ-ମୁଣ୍ଡ ଥିଲେ ମହିଷାସୁରର ଚର । ଚଣ୍ଡ-ମୁଣ୍ଡ ଦେବୀ ଦୁର୍ଗାଙ୍କୁ, ସୁନ୍ଦରୀ ନାରୀରୂପରେ ଦର୍ଶନ କରି ମହିଷାସୁରକୁ ସମ୍ବାଦ ଦେଇଥିଲେ ଯେ, ‘ଏପରି ସୁନ୍ଦରୀ ନାରୀ ହିଁ ଆପଣଙ୍କ ଭୋଗ୍ୟା ହେବା ଉଚିତ୍’ । ନାରୀର ରୂପବର୍ଣ୍ଣନା ଶୁଣି ମହିଷାସୁର ଚଣ୍ଡ-ମୁଣ୍ଡଙ୍କୁ ପୁନର୍ବାର ପ୍ରେରଣକଲା ସୁନ୍ଦରୀକୁ ଡକାଇ ଆଣିବା ପାଇଁ । ହେଲେ ନାରୀର ଥିଲା ଅଦ୍ଭୁତ ସର୍ତ୍ତ ।

*‘ଯୋ ମାଂ ଜୟତି ସଂଗ୍ରାମେ ଯୋମେ ଦର୍ପଂ*
*ବ୍ୟପୋହତି । ଯୋ ମେ ପ୍ରତିବଳୋ ଲୋକେ*
*ସମେ ଭର୍ତ୍ତା ଭବିଷ୍ୟତି ॥*

ଅର୍ଥାତ୍ ଯେ ମୋତେ ସଂଗ୍ରାମରେ ଜୟକରି, ମୋର ଦର୍ପକୁ ବିନାଶ କରିବ ଏବଂ ମୋ ସହିତ ଯାହାର ବଳ ସମକକ୍ଷ ହେବ, ସେ ହିଁ ମୋତେ ବିବାହ କରିବ । ଏଭଳି ସର୍ତ୍ତଶୁଣି ମହିଷାସୁର ପରିହାସ କରିଥିଲା । ଚଣ୍ଡ-ମୁଣ୍ଡଙ୍କ ଜରିଆରେ ଭୋଗ କରିବାକୁ ସ୍ୱପ୍ନ ଦେଖିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିଲା । ପରେ ପରେ ପ୍ରେରଣକଲା ରକ୍ତବୀଜକୁ । ଯାହାର ରକ୍ତ ବୀର୍ଯ୍ୟପରି କ୍ରିୟାଶୀଳ । ଭୂଭାଗରେ ବୁନ୍ଦାଏ ରକ୍ତ ପଡ଼ିଲେ ଅପରୂପ ଭାବରେ ଅସୁରଟିଏ ସୃଷ୍ଟି ହୋଇଯାଉଥିଲା । ଦେବୀ ତାକୁ ମଧ୍ୟ ବିନାଶ କଲେ । ଶେଷରେ ମହିଷାସୁରକୁ ମଧ୍ୟ ବିନାଶ କଲେ । ଦେବତାମାନେ ପ୍ରାର୍ଥନାରେ ଦେବୀଙ୍କୁ ଅନେକ ଭାବରେ ପ୍ରାପ୍ତି କରିବାର ବର୍ଣ୍ଣନା ମଧ୍ୟରେ ସାମ୍ପ୍ରତିକ ସମାଜ ଉପଯୋଗୀ ସନ୍ଦେଶଟିଏ ଦେଇଯାଇଥିଲେ ।

*‘ବିଦ୍ୟା ସମସ୍ତାସ୍ତବ ଦେବୀ ଭେଦାଃ ସ୍ତ୍ରୀୟଃ*
*ସମସ୍ତାଃ ସକଳା ଜଗତ୍ସୁ... ।*

ଅର୍ଥାତ୍ ପ୍ରତିଟି ନାରୀ ହେଉଛନ୍ତି ଦେବୀଙ୍କର ନାନାରୂପ । ନାରୀ ଜାତିର ମହନୀୟତା ହିଁ ଏଥିରେ ପ୍ରତିପାଦିତ ହୁଏ । ଏହି ଅନୁସାରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀର ଆଶ୍ୱିନ ଶୁକ୍ଳ ଅଷ୍ଟମୀ ବା ମହାଷ୍ଟମୀ ପର୍ଯ୍ୟନ୍ତ ଦୁର୍ଗାପୂଜା କରାଯାଇଥାଏ । ଏହା ଷୋଡ଼ଶ ଦିବସ ବ୍ୟାପୀ ଦୁର୍ଗାପୂଜା । ଏହା ବ୍ୟତୀତ ନଅଦିନ, ପାଞ୍ଚଦିନ, ତିନିଦିନ, ଦୁଇ ଦିନ ଓ ଏକ ଦିନ ଦୁର୍ଗାପୂଜା ମଧ୍ୟ ଆୟୋଜିତ ହୋଇଥାଏ । ମାତ୍ର ଷୋଡ଼ଶ ଦିବସବ୍ୟାପୀ ଦୁର୍ଗାପୂଜା ସେ ସବୁ ମଧ୍ୟରେ ଶ୍ରେଷ୍ଠ ଭାବେ ବିବେଚିତ ।

ଦେବୀପୀଠମାନଙ୍କରେ ବିଧିମତେ ଦୁର୍ଗୋତ୍ସବ ପାଳିତ ହେବା ସହିତ, ଏହି ଅବଧି ମଧ୍ୟରେ ଦେବୀଙ୍କର ବିଭିନ୍ନ ବେଶ ସଂପନ୍ନ ହୋଇଥାଏ । ଏହାର କିନ୍ତୁ ନିର୍ଦ୍ଧାରିତ ନିୟମ ନାହିଁ । ଏଣୁ ପରମ୍ପରା ଅନୁସାରେ ବା ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ଦେବୀପୀଠରେ ଏହି ବେଶରେ ସଂଖ୍ୟା ଓ ପ୍ରକାର ଭିନ୍ନ ଭିନ୍ନ ହୋଇଥାଏ । ମୂଳାଷ୍ଟମୀରୁ ମହାଷ୍ଟମୀ- ଷୋହଳ ଦିନରେ ଷୋହଳ ପ୍ରକାରର ବେଶ ହେଉଥିବା ଦେବୀମାନଙ୍କ ମଧ୍ୟରେ କଟକ ଚଣ୍ଡୀ ଓ କଟକର ଗଡ଼ଚଣ୍ଡୀ ପ୍ରସିଦ୍ଧ । ଏହି ଷୋହଳ ଦିନ ମଧ୍ୟରୁ ପ୍ରଥମ ଆଠଦିନ ଯଥାକ୍ରମେ କଟକ ଚଣ୍ଡୀଙ୍କର ସୁନାବେଶ, ଭୁବନେଶ୍ୱରୀ ବେଶ, ଉଗ୍ରତାରା ବେଶ, ତ୍ରିପୁର ଭୈରବୀ ବେଶ, ସିଦ୍ଧେଶ୍ୱରୀ ବେଶ, ନାରାୟଣୀ ବେଶ, ରାଜରାଜେଶ୍ୱରୀ ବେଶ ଓ ମାତଙ୍ଗୀ ବେଶ ହେବା ପରେ, ଶୁକ୍ଳ ପ୍ରତିପଦା ଦିନ ଜଗଦ୍ଧାତ୍ରୀ ବେଶ ହୋଇଥାଏ । ଏହା ନବଦିନ ବ୍ୟାପୀ ଦୁର୍ଗାପୂଜା ବା ନବରାତ୍ରର ପ୍ରଥମ ଦିନ । ଏହାପରେ ଦ୍ୱିତୀୟା ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସାତଦିନ ଯଥାକ୍ରମେ ତାଙ୍କର ଜୟଦୁର୍ଗା ବେଶ, ଷୋଡ଼ଶୀ ବେଶ, ହରଚଣ୍ଡୀ ବେଶ, ବନଦୁର୍ଗା ବେଶ, ଗାୟତ୍ରୀ ବେଶ, ବଗଳାମୁଖୀ ବେଶ ଓ ମହାକାଳୀ ବେଶ ହୋଇଥାଏ । ମହାଷ୍ଟମୀର ମହାକାଳୀ ବେଶ ପରେ ମହାନବମୀ ଦିନ ମହାଲକ୍ଷ୍ମୀ ବେଶ, ବିଶ୍ରାମଦିନ ମହାସରସ୍ୱତୀ ବେଶ ଏବଂ ବିଜୟା ଦଶମୀରେ ଦେବୀଙ୍କର ମହିଷମର୍ଦ୍ଦିନୀ ବେଶ ହୋଇଥାଏ ।

ଶେଷରେ ଏତିକି କୁହାଯାଇପାରେ ପୌରାଣିକ ଯୁଗରେ ମହିଷାସୁର ଓ ତାର ଚରମାନଙ୍କ ଦୃଷ୍ଟିନେଇ ନାରୀଙ୍କୁ ନଦେଖି, ଦେବତାମାନଙ୍କ ଅମୃତମୟ ଦୃଷ୍ଟିରେ ଦେଖିଲେ ସେମାନେ ଆପେ ଆପେ ମାତୃରୂପରେ ବିଦ୍ୟମାନ ହେବେ । ସାର୍ଥକ ହେବ ନାରୀଜାତିର ପ୍ରତିକାତ୍ମକ ପୂଜା ଦୁର୍ଗାପୂଜାର ଉଦ୍ଦେଶ୍ୟ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ-୯୪୩୭୨୨୫୬୮୯

# ଇଚ୍ଛାଶକ୍ତି ବିନା ଜୀବନ

ମନୁଷ୍ୟ ଭିତରେ ତିନି ପ୍ରକାରର ଶକ୍ତି ରହିଥାଏ – ପ୍ରଥମଟି ହେଉଛି ଆମର ପ୍ରେରଣା, ଦ୍ୱିତୀୟଟି ହେଉଛି ଆମର ପ୍ରବୃତ୍ତି ଏବଂ ତୃତୀୟଟି ହେଉଛି ଇଚ୍ଛାଶକ୍ତି । ଏହି ତିନୋଟି ଶକ୍ତି ମିଳିମିଶି ଜୀବନ ରୂପକ ରଥକୁ ଆଗକୁ ବଢାଇଥାନ୍ତି । ଏମାନଙ୍କ ମଧ୍ୟରେ ଇଚ୍ଛାଶକ୍ତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଯେପରିକି ଧନୁର୍ଦ୍ଧରଙ୍କ କାନ୍ଧରେ ଝୁଲୁଥିବା ଏକ ତୀର ପରି । ଯାହାକି ଆମ ଆଭ୍ୟନ୍ତରୀଣ ପ୍ରେରଣା ଏବଂ ଆବେଗକୁ ପ୍ରତିନିଧିତ୍ୱ କରେ । ଧନୁର୍ଦ୍ଧରଙ୍କ ଧନୁରୁ ଯେଉଁ ତୀର ବାହାରିଥିଲା, ତାହା ତାଙ୍କ ପ୍ରବୃତ୍ତିର ପ୍ରତିନିଧିତ୍ୱ । ସେହି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଯେତେବେଳେ ତୀର ମୁକ୍ତ ହୁଏ, ତାହା ଧନୁର୍ଦ୍ଧରଙ୍କ ଇଚ୍ଛା ଶକ୍ତି ସହିତ କିଛି କରିବାର ସ୍ୱତନ୍ତ୍ରତାକୁ ପ୍ରତିନିଧିତ୍ୱ କରେ । ଏପରିକି ତୀର ନ ମାରିବାକୁ ମଧ୍ୟ ସେ ନିଷ୍ପତ୍ତି ନେଇଥାଇପାରନ୍ତି । ତେଣୁ ପ୍ରକୃତି ଏପରି ଏକ ଜିନିଷ, ଯାହାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ କି ଏହାର ପ୍ରଭାବକୁ ଦୂର କରାଯାଇପାରିବ ନାହିଁ । କିନ୍ତୁ ଇଚ୍ଛା ଅନୁଯାୟୀ କିଛି କରିବାର ସ୍ୱତନ୍ତ୍ରତା ସର୍ବଦା ରହିଥାଏ । ଯଦି ପ୍ରେରଣା ଏବଂ ଦୂରଦୃଷ୍ଟି ପୂର୍ବରୁ ଅଛି, ତେବେ ଇଚ୍ଛାଶକ୍ତି ସହିତ ଆମେ କ’ଣ କରିପାରିବୁ ନାହିଁ ? ଜଣେ ବ୍ୟକ୍ତିର ପରିସ୍ଥିତିରେ ଏହି ଦୁଇଟି ଦିଗ, ଗୋଟିଏ ପ୍ରବୃତ୍ତି, ଅନ୍ୟଟି ଇଚ୍ଛାଶକ୍ତି । ଏହି ଦୁଇଟି କତୁରୀ ଭଳି । ଗୋଟିଏ ଭାଗ ଇଚ୍ଛାର କାର୍ଯ୍ୟ କରିବାର ସ୍ୱତନ୍ତ୍ରତା, ଅନ୍ୟ ଭାଗଟି ପ୍ରେରଣା ଏବଂ ପ୍ରବୃତ୍ତିର । ଯେତେବେଳେ ଏହି ଦୁଇ ଏକାଠି ଗତି କରନ୍ତି, ସେତେବେଳେ କତୁରୀ ଭଳି ସେମାନଙ୍କର କାମ କରନ୍ତି । ଆପଣଙ୍କର କତୁରୀ କେବଳ କପଡ଼ା କାଟେ ନାହିଁ । ସେ ଯେକୌଣସି କାର୍ଯ୍ୟ କରିବା ପାଇଁ ପ୍ରେରଣା, ପ୍ରବୃତ୍ତି ଓ ଇଚ୍ଛା ସହିତ କାର୍ଯ୍ୟ କରିବାର ସ୍ୱତନ୍ତ୍ରତା ରଖିଥାଏ ।ମନୁଷ୍ୟ ହେଉଛି ନିଜ ଭାଗ୍ୟର ସୃଷ୍ଟିକର୍ତ୍ତା । ପ୍ରତ୍ୟେକ ଚିନ୍ତା, ଅନୁଭବ, ଇଚ୍ଛା ଏବଂ କାର୍ଯ୍ୟର ଶକ୍ତି ସୃଷ୍ଟି କରେ । ଯାହା ଆମ ଉପରେ ଉଭୟ ଭଲ ଏବଂ ଖରାପ ପ୍ରଭାବ ପକାଇଥାଏ । ତେଣୁ ଆମ ପରିସ୍ଥିତି, ଆଭ୍ୟନ୍ତରୀଣ ପ୍ରେରଣା ଏବଂ ପ୍ରବୃତ୍ତି ପ୍ରତି ଆମେ କିପରି ସକାରାତ୍ମକ ଏବଂ ନକାରାତ୍ମକ ପ୍ରତିକ୍ରିୟା ଦେଉ, ତାହା ଦେଖିବାର କଥା ଏବଂ ସେଗୁଡିକୁ କିପରି ସମନ୍ୱୟ ରକ୍ଷା କରିପାରିବା ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । ଜଣେ ସୃଜନଶୀଳ ବ୍ୟକ୍ତି କିଛି କରିବାର ଇଚ୍ଛାଶକ୍ତି ଦ୍ୱାରା ପରିଚାଳିତ ହୁଅନ୍ତି । ଆପଣ ଯାହା ବି କରନ୍ତୁ, ଏହା ଆପଣଙ୍କ ଦକ୍ଷତା ଏବଂ ଶକ୍ତିର ଅଂଶ ପାଲଟିଯାଏ, ଯାହା ଭବିଷ୍ୟତରେ ଉତ୍ତମ ଫଳାଫଳ ହାସଲ କରିବାରେ ସାହାଯ୍ୟ କରିପାରେ । ଏସବୁ ସହିତ ଆଉ ଏକ ଜିନିଷ ଆସିଥାଏ, ତାହା ହେଉଛି ଆମେ କରୁଥିବା ଭୁଲ୍ । କୁହାଯାଇପାରେ ଯେ ଭୁଲ୍ କରିବା କୌଣସି ଖରାପ କଥା ନୁହେଁ । କାରଣ ଭୁଲରୁ ହିଁ ଆମେ ଅନେକ କଥା ଶିଖୁଛେ । ପଡ଼ିବା, ଉଠିବା ଏବଂ ତା’ପରେ ଆଗକୁ ବଢ଼ିବା, ଏହା ଆମକୁ ପ୍ରେରଣା ଦେଇଥାଏ । ଆପଣ ଦେଖିବେ ଅନେକ ସଫଳ ବ୍ୟକ୍ତି ପ୍ରକାଶ କରିଛନ୍ତି ଯେ ସେମାନଙ୍କର ଏକ ଭୁଲ, ସେମାନଙ୍କ ସଫଳତା ପଛରେ ଏକ ବଡ କାରଣ ଥିଲା । ଯଦି ସେହି ଭୁଲ୍ ତାଙ୍କ ଦ୍ୱାରା ହୋଇ ନ ଥାନ୍ତା, ତେବେ ବୋଧହୁଏ ସେ ସଫଳ ହୋଇନଥାନ୍ତେ । ଅନ୍ୟମାନେ ସେମାନଙ୍କ ବିଷୟରେ କ’ଣ ଭାବିବେ ତାହା ଭାବି ଲୋକମାନେ ଅନେକେ ଭୁଲ କରିବାକୁ ଭୟ କରନ୍ତି । କିନ୍ତୁ ପ୍ରକୃତ ଅର୍ଥରେ ଭୁଲ ହେଉଛି ଆମ ଯାତ୍ରାର ଏକ ଅଂଶ । ସେମାନେ ମଧ୍ୟ ଆମ ଜୀବନ ଯାତ୍ରାକୁ ଉନ୍ନତ କରନ୍ତି । ଆଗକୁ ନେବାରେ ଏକ ମାଧ୍ୟମ ପାଲଟିଥାନ୍ତି । ଜ୍ଞାନର ଅଭାବ ଆମ ଭିତରେ କେଉଁଠି ଅଛି, ତାହା ଭୁଲ ଆମକୁ କହିଥାଏ । ଯଦି ଆମେ ଜ୍ଞାନ ବୃଦ୍ଧି କରୁ, ମାନବିକତାର ମାର୍ଗଅନୁସରଣ କରୁ, ତେବେ ଆମ ଜୀବନ ଆଚରଣରେ ଆମେ ଅଧିକ ନମନୀୟ ହେଉ । ଆମେ ସର୍ବଦା ଉତ୍ତମ ବୁଝାମଣା ପ୍ରଦର୍ଶନ କରିବା ଉଚିତ । ଯଦି ଉତ୍ତମ ବୁଝାମଣା ରହିଲା ତେବେ ଭୁଲ୍‌ର ସ୍ଥାନ କେଉଁଠି ? ଭୁଲ୍ ଆପଣଙ୍କର ନିର୍ଣ୍ଣାୟକ କାରକ ନୁହେଁ । ବରଂ ସେହି ଭୁଲ୍‌ରୁ ଆପଣ କ’ଣ ଶିଖିଲେ ଏବଂ ପୁଣି କେମିତି ଆଗକୁ ବଢିଲେ, ତାହା ଆପଣଙ୍କୁ ପରିଭାଷିତ କରେ । ତେଣୁ ବିନା ଇଚ୍ଛାଶକ୍ତିରେ ଏସବୁ ସଫଳ ହୋଇପାରିବ ନାହିଁ ।

ଲଳିତ ମୋହନ ମିଶ୍ର,
ନୟାଗଡ଼,ମୋ-୯୪୩୭୯୮୫୮୬୬

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ ‘ସମୟ’ କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ରପ୍ତାନୀ ଓ ଇ–କମର୍ସ କର୍ମଶାଳା
# ଓରମାସ ସହ ଭାରତ ମସଲାର ଚୁକ୍ତିନାମା ସ୍ୱାକ୍ଷର

କଟକ,(ସବ୍ୟୁ): ଗ୍ରାମୀଣ ଅର୍ଥନୀତିର ବିକାଶ ଦିଗରେ ଅଣ୍ଟା ଭିଡିଛି ଭାରତ ମସଲା କମ୍ପାନୀ । ଓରମାସର ସହଯୋଗରେ କୃଷିଜାତ ଦ୍ରବ୍ୟକୁ ଉଚିତ ମୂଲ୍ୟରେ ସଂଗ୍ରହ କରି ଖାଉଟିଙ୍କ ନିକଟରେ ପହଞ୍ଚାଉଛି । ଓରମାସ ମଧ୍ୟ ଏଥିରେ ପୂର୍ଣ୍ଣ ସହଯୋଗ କରୁଛି । ଏହାକୁ ଆହୁରି କ୍ରୀୟାଶୀଳ କରିବା ପାଇଁ ଆଜି ଭାରତ ମସଲା ପକ୍ଷରୁ ଓରମାସ ସହ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି । ବିଶେଷକରି ମକା, ହଳଦି, ଲଙ୍କା, ଅଦା, ବିଲାତି ବାଇଗଣ, ଡ୍ରାଏ ମ୍ୟାଙ୍ଗୋ ଫ୍ଲେକ୍ସ (ଆମ୍ବର ଶୁଖିଲା ମାଂସଳ ଭାଗ), ଡାଲି ଜାତୀୟ ଶସ୍ୟକୁ ଓରମାସ ଠାରୁ ଗ୍ରହଣ କରିବ ଭାରତ ମସଲା । ଗତବର୍ଷ ଓରମାସ ୬ଶହ ଟନ୍‌ରୁ ଅଧିକ ସାମଗ୍ରୀ କମ୍ପାନୀକୁ ଦେଇଥିଲା । ନୂଆ ଚୁକ୍ତି ଅନୁସାରେ ଆଗାମୀ ଏକ ବର୍ଷ ଭିତରେ ପୂର୍ବ ରେକର୍ଡକୁ ଅତିକ୍ରମ କରିବ ବୋଲି କୁହାଯାଇଛି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାଏକ, ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନିଙ୍କ ଉପସ୍ଥିତିରେ ଓରମାସର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ୍ ତାପସ କୁମାର ଭାରତ ମସଲାର ପରିଚାଳନା




ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ସହ ଏହି ଚୁକ୍ତିନାମା ପତ୍ରରେ ସ୍ୱାକ୍ଷର କରିଥିଲେ । ଅଭାବୀ ବିକ୍ରି କିମ୍ବା ଫସଲ ତଥା ପନିପରିବା ଆଦିର ବିକ୍ରିବଟାରେ ଅସୁବିଧା ଭୋଗୁଥିବା ଗରିବ ଗ୍ରାମୀଣ ଚାଷୀଙ୍କୁ ବ୍ୟବସାୟର ନୂଆ ମାର୍ଗ ଦେଖାଇଛି ଭାରତ ମସଲା କମ୍ପାନୀ । ସେମାନଙ୍କ ଉତ୍ପାଦିତ ଡାଲି ଜାତୀୟ ଶସ୍ୟ, ପରିବା, ଲଙ୍କା, ଆଦି ସାମଗ୍ରୀକୁ ସେମାନଙ୍କୁ ବଜାର ଦରଠାରୁ ଆଶାତୀତ ଅଧିକ ଦରରେ କ୍ରୟ କରାଯାଉଛି । କୌଣସି ମଧ୍ୟସ୍ଥିଙ୍କ ଜରିଆରେ ଏହାକୁ ଗ୍ରହଣ ନକରି କମ୍ପାନୀ ସିଧାସଳଖ କିଣୁଛି । ଫଳରେ ଚାଷୀ ନିଜ ପରିଶ୍ରମର ଉଚିତ ମୂଲ୍ୟ ପାଇ ପାରୁଛି । ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓରମାସ ସହଯୋଗରେ ଭାରତ ମସଲା କମ୍ପାନୀ ବିଗତ କିଛି ବର୍ଷ ହେବ କଟକ, ସମ୍ବଲପୁର ସମେତ ବିଭିନ୍ନ ଜିଲ୍ଲାର ଚାଷୀଙ୍କୁ ବ୍ୟବସାୟର ଏକ ନୂତନ ମାର୍ଗ ଦେଖାଇଛି । କଟକ ଜିଲ୍ଲାର ଜଗତପୁର ଓ ରାମଦାସପୁରରେ ଚାରୋଟି ଅଫିସ ଏବଂ ମସଲା ପ୍ରସ୍ତୁତ ୟୁନିଟରେ ଶତାଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମଧ୍ୟ ଯୋଗାଇ ଦେଇଛି ଏହି କମ୍ପାନୀ । ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ ଓ ଭାରତ ମସଲାର ଲୋକ ସମ୍ପର୍କ ଅଧିକାରିଣୀ ଏସ୍.ଏନ ମିଲେନିୟମ ଉପସ୍ଥିତ ଥିଲେ ।

## ଜାତୀୟସ୍ତରୀୟ ଦୁଇଦିନିଆ ସେତୁ କର୍ମଶାଳା ଉଦ୍‌ଘାଟିତ
# 'ସେତୁ ନିର୍ମାଣ ଏବଂ ଡିଜାଇନ ପ୍ରତି ଅଧିକ ସଜାଗ ରହିବାର ଆବଶ୍ୟକତା ରହିଛି' : ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଓ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ଦୁଇଦିନିଆ ସେତୁ କର୍ମଶାଳା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଏହାକୁ ଉଦ୍‌ଘାଟନ କରି ମନ୍ତ୍ରୀ ଗ୍ରାମୀଣ ସଡ଼କ ସଂଯୋଗୀକରଣ ପ୍ରକ୍ରିୟା ଗ୍ରାମାଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶକୁ ବିଶେଷ ଭାବରେ ତ୍ୱରାନ୍ୱିତ କରିଛି ବୋଲି ମତପ୍ରକାଶ କରିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ଏହି ଜାତୀୟସ୍ତରୀୟ ସେତୁ କର୍ମଶାଳା ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ନାଏକ କହିଲେ ଏହି କର୍ମଶାଳାର ଲକ୍ଷ୍ୟ ଓ ମିଶନ ବିଷୟରେ ଆଲୋଚନା କରିଥିଲେ । ମନ୍ତ୍ରୀ ସେତୁ ନିର୍ମାଣ ଏବଂ ରକ୍ଷଣାବେକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ରାଜ୍ୟ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଗତ ୨୧୧୭ଟି ଲଂଗ୍ ସ୍ପାନ୍ ବ୍ରିଜ୍ ନିର୍ମିତ ହୋଇସାରିଥିବାବେଳେ ୧୧୯୨ଟି




ସେତୁର ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ମନ୍ତ୍ରୀ ସନ୍ତୋଷ ପ୍ରକଟ କରିଥିଲେ । ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ ରାଜ୍ୟ ସରକାର ଗ୍ରାମାଞ୍ଚଳକୁ ସଂଯୋଗ କରିବା ପାଇଁ ଅନ୍ୟ ୫୦୦ ଟି ନୂତନ ସେତୁ ନିର୍ମାଣ ପାଇଁ ଯୋଜନା କରିଛନ୍ତି ।

ମନ୍ତ୍ରୀ ଉପସ୍ଥିତ ସମସ୍ତ ଇଞ୍ଜିନିୟର ଏବଂ ଅଂଶଗ୍ରହଣକାରୀଙ୍କୁ ସେତୁ ନିର୍ମାଣ କାର୍ଯ୍ୟରେ ସୁରକ୍ଷା ଏବଂ ନିରାପତ୍ତା ପ୍ରତି ସର୍ବାଧିକ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କର୍ମଶାଳାରେ ଆଭାସି ମାଧ୍ୟମରେ ସାମିଲ ହୋଇଥିବା ଭାରତ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ଶାସନ ସଚିବ ଶ୍ରୀ ଶୈଳେଶ କୁମାର ସିଂହ ସେତୁ ନିର୍ମାଣ ସମୟରେ ମାନ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ପାଇଁ କହିଥିଲେ । ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କର୍ମଶାଳାକୁ ସମ୍ବୋଧିତ କରି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ବିଶେଷ ଗୁରୁତ୍ୱ ଦେଇ ସେତୁ ନିର୍ମାଣର କୌଶଳ ଓ ମାନକୁ ଧ୍ୟାନ ଦେବାକୁ ପଡିବ ବୋଲି ଉଲ୍ଲେଖ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେରେ ସର୍ବୋଚ୍ଚ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ ସ୍ୱାଗତ ଭାଷଣ ରଖିଥିଲେ । ବିଭିନ୍ନ ରାଜ୍ୟରୁ ଆସିଥିବା ସେତୁ ବିଶେଷଜ୍ଞମାନେ ଏହି ଅବସରରେ ସେତୁ ନିର୍ମାଣ ଉପରେ କର୍ମଶାଳାକୁ ସମ୍ବୋଧିତ କରିଥିଲେ । ଦୁଇଦିନବ୍ୟାପୀ ଏହି ଜାତୀୟ ସ୍ତରୀୟ ସେତୁ କର୍ମଶାଳାରେ ଗ୍ରାମ୍ୟ ସଂଯୋଗୀକରଣର ବିଭିନ୍ନ ଦିଗ ଉପରେ ବିଭିନ୍ନ ଆଲୋଚନା ହେବ ।

# ମା'ଶ୍ୟାମାକାଳୀଙ୍କ ବାର୍ଷିକ ମହୋତ୍ସବରେ ହେବ ଅଖଣ୍ଡ ଭଜନ ସମାରୋହ

କଟକ, (ସ୍ୱପ୍ର): ଐତିହ୍ୟ କଟକ ସହରର ସର୍ବପୁରାତନ ତଥା ମାଳିକା ରଚିତ କାଳିଆବୁଦା ମା'ଶ୍ୟାମାକାଳୀ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ କାଳୀପୂଜାରେ ମା'ଶ୍ୟାମାକାଳୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯିବା ସହ ମା'ଙ୍କ ବାର୍ଷିକମହୋତ୍ସବ–୨୦୨୪ ଓ ଅଖଣ୍ଡ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ପାଇଁ ଶୁକ୍ରବାର ମା'ଙ୍କ ମନ୍ଦିରରେ ପରିଚାଳନା କମିଟି ତରଫରୁ ଶ୍ୟାମାକାଳୀ ମନ୍ଦିର ପରିଚାଳନା କମିଟିର ମୁଖ୍ୟ ପରିଚାଳକ ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟିର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ଇଶାନ୍ ମହାନ୍ତି ମନ୍ଦିରର ଉନ୍ନତିକରଣ, ମା'ଙ୍କ ମହିମା ସମ୍ପର୍କରେ ପ୍ରକାଶ କରିଥିଲେ। ଚଳିତ ବର୍ଷ ପୂଜାର ପ୍ରଥମ ଦିବସରେ ପ୍ରାତଃ ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅଖଣ୍ଡ ଭଜନ ସମାରୋହ, ଅହରହ ପ୍ରସାଦସେବନ, ଦ୍ୱିତୀୟ ଦିନ ଓଡିଶୀ ନୃତ୍ୟ, ଭିନ୍ନକ୍ଷମ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ ଓ ତୃତୀୟ ଦିନ




ସଂକୀର୍ତ୍ତନ ପରିବେଷଣ, ପୂଜାକମିଟି ସାହି ମୁରବୀ, ସମାଜସେବୀ, ସାମାଜିକ ସଂଗଠନ, ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କୁ ସମ୍ବର୍ଦ୍ଧନା କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟିର ସଂଯୋଜକ ଜିତେନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ଆଶୁତୋଷ ମହାନ୍ତି, ଦୈତାରୀ ସ୍ୱାଇଁ, ପ୍ରକାଶ ପରିଡା, ଅଭୟ କୁମାର ପଣ୍ଡା, ଅକ୍ଷୟ ପଣ୍ଡା, ପ୍ରକାଶ ଦାଶ, ଗଣେଶ ରାଉତ, କର୍ପୋରେଟର ଇଂ ସୁବ୍ରତ ଘଡ଼େଇ, ଜେ.କାମେଶ୍ୱର ରାଓ, ସ୍ୱର୍ଣ୍ଣପ୍ରଭା ପଶାୟତ, ସମାଜସେବୀ ସଞ୍ଜୟ ଜେନା, ବିଜୟଲକ୍ଷ୍ମୀ ମହାପାତ୍ର, ଚିରଞ୍ଜୀୟ ସାହୁ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିବା ସହ ମା'ଙ୍କର ବାର୍ଷିକମହୋତ୍ସବ ପାଇଁ ସମସ୍ତ ପ୍ରକାର ସହଯୋଗ ରହିବ ବୋଲି ପ୍ରକାଶ କରିଛନ୍ତି।

## ଓଡ଼ିଶା ଭିତ୍ତିକ ଏନଜିଓ ଆଞ୍ଚଳିକ ଜନସେବା ଅନୁଷ୍ଠାନ
# ସମ୍ମାନଜନକ ବ୍ରିଜଷ୍ଟୋନ ମୋବିଲିଟି ସୋସିଆଲ ଇମ୍ପାକ୍ଟ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଭିତ୍ତିକ ଏନଜିଓ ୨୦୨୪ ପାଇଁ ସମ୍ମାନଜନକ ବ୍ରିଜଷ୍ଟୋନ ମୋବିଲିଟି ସୋସିଆଲ ଇମ୍ପାକ୍ଟ ପୁରସ୍କାର ଲାଭ କରିଛି। ୨୦୨୧ ମସିହାରେ ଉପସ୍ଥାପିତ ହୋଇଥିବା ବ୍ରିଜଷ୍ଟୋନ ମୋବିଲିଟି ସୋସିଆଲ ଇମ୍ପାକ୍ଟ ପୁରସ୍କାର ସମସ୍ତଙ୍କ ଲାଗି ନିରାପଦ ତଥା ନିର'ର ଗତିଶୀଳତାକୁ ପ୍ରୋତ୍ସାହିତ କରିବା ଲାଗି ଏହି ପଦକ୍ଷେପ ନେଇଛି। ଏହା ଗତିଶୀଳତାର ଉଦ୍ଭାବନକୁ ଚିହ୍ନଟ କରିବା ଓ ପ୍ରୋତ୍ସାହିତ କରିବା ତଥା ଅଣ ଲାଭକାରୀ ସଂସ୍ଥାଗୁଡ଼ିକର କାର୍ଯ୍ୟ ମାଧ୍ୟମରେ ସମାଜିକ ବିକାଶକୁ ଆଗକୁ ବଢାଇବା ଲାଗି ଲକ୍ଷ୍ୟ ରଖେ।

ପୁରସ୍କାରର ୪ର୍ଥ ସଂସ୍କରଣ ବିଜେତାମାନଙ୍କୁ ଦୁର୍ବଳ ଗୋଷ୍ଠୀର ସଶକ୍ତିକରଣ ପାଇଁ ମୋବିଲିଟି ଓ ଉତ୍ସ ଗୁଡ଼ିକର ପ୍ରବେଶ ବୃଦ୍ଧି ବର୍ଗରେ ଚୟନ କରିଥିଲା। ସୁପିରିୟର କ୍ୱାଲିଟି ସହ ସର୍ଭିସିଂ ସୋସାଇଟିର ବ୍ରିଜଷ୍ଟୋନର ମିଶନ ଆମ ପାଖରେ ଥିବା ଲୋକ ଓ ଗୋଷ୍ଠୀଙ୍କ ପାଇଁ ଆମେ କିପରି ଅବଦାନ ରଖୁ ଏହାର ମୂଳରେ ରହିଛି ସ୍ଥାୟୀ ଗତିଶୀଳତାର ସମାଧାନ। ଏହି ପୁରସ୍କାର ଆମର ଗତିଶୀଳତାର ଉଦ୍ଭାବନକୁ ସମର୍ଥନ ଓ ପ୍ରତିବଦ୍ଧତାକୁ ପ୍ରତିପାଦିତ କରେ। ବ୍ରିଜଷ୍ଟୋନ ମୋବିଲିଟି ସୋସିଆଲ ଇମ୍ପାକ୍ଟ ପୁରସ୍କାରର ଏହା ହେଉଛି ୪ର୍ଥ ସଂସ୍କରଣ ଓ ଗୋଷ୍ଠୀର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ପାଇଁ ସମାଧାନ ପ୍ରଦାନ ଓ ସହାୟତା ଯୋଗାଇବାରେ କାର୍ଯ୍ୟ କରେ ବୋଲି ବ୍ରିଜଷ୍ଟୋନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ହିରୋଶି ୟେଶୋଜେନ କହିଛନ୍ତି ।

## ପିଆଇବି ପକ୍ଷରୁ ସ୍ୱତନ୍ତ୍ର ବାର୍ତ୍ତାଳାପ
# ବାୟୋ ଇ–୩ କୃଷି ଉପରେ ସକରାତ୍ମକ ପ୍ରଭାବ ପକାଇବ

ଭୁବନେଶ୍ୱର :କେନ୍ଦ୍ର ସରକାର ଚଳିତ ବର୍ଷ ବାୟୋ ଇ –୩ନୀତି ପ୍ରଣୟନ କରିଛନ୍ତି । ଯାହା କୃଷି ଉପରେ ସକରାତ୍ମକ ପ୍ରଭାବ ପକାଇବା ସହ ଆଗାମୀ ଦିନରେ ଦେଶର ଅର୍ଥନୀତିକୁ ସମୃଦ୍ଧ କରିବା ସହ ନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଆଲୋଚକ ତଥା ବୈଜ୍ଞାନିକ ମାନେ କହିଛନ୍ତି । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ ଇତିମଧ୍ୟରେ ଆଇ ଏଲ ଏସ ପ୍ରେଖାଳାୟରେ ବାୟୋ ଇ –୩ନୀତ ବାର୍ତାଳାପ କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚକମାନେ ଉପରୋକ୍ତ ମତବ୍ୟକ୍ତ୍‌କରିଥିଲେ ।




ବାୟୋ ଇ– ୩ନୀତି ମାଧ୍ୟମରେ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପମାନ ନିଆଯିବା ଯୋଗୁ ଲୋକଙ୍କୁ ନିଯୁକ୍ତି ମିଳିବ ଓ ପରିବେଶକୁ ସ୍ୱଚ୍ଛ ତଥା ନିର୍ମଳ ରଖାଯିବ । ୩ଇ ର ଅର୍ଥ ଅର୍ଥନୀତି, ପରିବେଶ ଓ ନିଯୁକ୍ତି । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାୟୋ ଇ– ୩ନୀତି ଉପରେ ବେଶ ଗୁରୁତ୍ୱ ଆରୋପ କରିଛନ୍ତି !ଏହି ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଆଇଏଲସ ନିର୍ଦ୍ଦେଶକ ଡ଼ ଦେବାଶିଷ ଦାଶ ସ୍ୱାଗତ ଭାଷଣ ଦେବା ସହ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗର ସହ ଭାଗିତାରେ ଏକ ଜୈବ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ନେଇ ପ୍ରସ୍ତାବ ରଖିଥିବା ବେଳେ ବିଭାଗର ବୈଜ୍ଞାନିକ ଡ଼ ସୁମିତା କୁମାରି ବାୟୋ ଇ –୩ନୀତି ଏକ ସକାରାତ୍ମକ ପଦକ୍ଷେପ ବୋଲି କହିଥିଲେ । ବିଆର ଆଇ ସି – ଆଇ ଏଲ ଏସ ର ବୈଜ୍ଞାନିକ ଡ଼ ପୁନିତ ପ୍ରସାଦ ସ୍ୱାସ୍ଥ୍ୟ ସେବା, କୃଷି, ଓ ଜୈବ ଶକ୍ତି କ୍ଷେତ୍ରରେ ବିଭିନ୍ନ ସାମାଜିକ ଆବଶ୍ୟକତା ପୂରଣ ସହ ପରିବେଶ ବଜାୟ ରଖିବା ଉପରେ ବିଶେଷ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ପିଆଇବିର ଅତିରିକ୍ତ ମହା ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ବୈଜ୍ଞାନିକ ଡ଼ ରାଜୀବ କୁମାର ସ୍ୱାଇଁ ଶେଷରେ ଧନ୍ୟବାଦ ଦେଇଥିଲେ।

# ଜେଏମ୍ ଫାଇନାନ୍ସିଆଲ ସର୍ଭିସେସ୍ ଓଡିଶାରେ ପ୍ରବେଶ କରି ଭୁବନେଶ୍ୱରରେ ପ୍ରଥମ ଶାଖା ଖୋଲିଲା

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ପ୍ରତିଷ୍ଠିତ ଆର୍ଥିକ ସେବା କମ୍ପାନୀ ଜେଏମ୍ ଫାଇନାନ୍ସିଆଲ ସର୍ଭିସେସ୍ (ଜେଏମଏଫଏସ) ଭୁବନେଶ୍ୱରରେ ଏହାର ଶାଖା ଆରମ୍ଭ କରିବା ସହିତ ଓଡିଶାରେ କାର୍ଯ୍ୟ ଆରମ୍ଭ କରିଛି। ଶିଶୁ ଭବନ ଛକ ନିକଟରେ ପ୍ରଶାନ୍ତି ବିଲଡିଂରେ ଅବସ୍ଥିତ ଏହି ଶାଖା ଇକ୍ୱିଟି ବ୍ରୋକିଂ, ୱେଲଥ୍ ପରିଚାଳନା ଏବଂ ପୋର୍ଟଫୋଲିଓ ମ୍ୟାନେଜମେଂଟ ସର୍ଭିସେସ୍ ମଧ୍ୟରେ ପୁଁ ବିନିଯୋଗ ସମାଧାନ ପ୍ରଦାନ କରିବ। ଯାହା ଷ୍ଟକ, ଇକ୍ୱିଟି ଡେରିଭେଟିବସ, ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଏବଂ ବୀମା ପରି ବିଭିନ୍ନ ସମ୍ପତି ଶ୍ରେଣୀର ପ୍ରବେଶକୁ ସକ୍ଷମ କରିବ। ଏହା ସହିତ ଏକ ସୁଦୃଢ଼ ଅନୁସନ୍ଧାନ ଏବଂ ପରାମର୍ଶଦାତା ଦଳ ଦ୍ୱାରା ଦୀର୍ଘ ଏବଂ ସ୍ୱଳ୍ପ ମିଆଦି ବିନିଯୋଗ ସୁଯୋଗ ଚିହ୍ନଟ କରିବା ଜେଏମଏଫଏସ ସହରର ନିବେଶକମାନଙ୍କୁ ଭାରତର ଗତିଶୀଳ ଅର୍ଥନୈତିକ ଦୃଶ୍ୟପଟ୍ଟର ସୁଯୋଗକୁ ପୁଁ ଦେବା ଏବଂ ଆତ୍ମବିଶ୍ୱାସ ସହିତ ସେମାନଙ୍କର ଆର୍ଥିକ ଲକ୍ଷ୍ୟରେ ପହଂଚାଇବାକୁ ଲକ୍ଷ୍ୟ ରଖିଛି। ଏହି ନୂତନ ଶାଖା ଇନଭେଷ୍ଟମେଂଟ ଆଡଭାଇଜରୀ ଆଣ୍ଡ ଡିଷ୍ଟ୍ରିବ୍ୟୁଶନର ଏମଡି ତଥା କୋ–ହେଡ ଡିମ୍ପଲକୁମାର ଶାହାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଏହାର ଦ୍ରୁତ ଗତିରେ ବଢୁଥିବା ରଣନୀତିକ ବଜାରରେ ଏହାର ଆଂଚଳିକ ପଦଚିହ୍ନକୁ ସ୍ଥାୟୀ କରିବା ପାଇଁ ପ୍ରତିବଦ୍ଧତାର ପ୍ରମାଣ ଅଟେ । କମ୍ପାନୀ ଏହାର ପ୍ରସିଦ୍ଧ ପାରଦର୍ଶୀତା ଏବଂ ଅତ୍ୟାଧୁନିକ ବିନିଯୋଗ ସମାଧାନକୁ ଏହାର ମୂଲ୍ୟବାନ ଗ୍ରାହକଙ୍କ ନିକଟତର କରିବାକୁ ଉତ୍ସାହିତ ଅଛି।

# ହୃଦଘାତ ରୋକିବ ଶୃଙ୍ଖଳିତ ଜୀବନ ଶୈଳି : ଡା. ତ୍ରିପାଠୀ

ଭୁବନେଶ୍ୱର (ସବ୍ୟୁ): ୱାଲ୍ଡ ହାର୍ଟ ଫେଡେରେସନ ପକ୍ଷରୁ ପ୍ରତିବର୍ଷ ସେପ୍ଟେମ୍ବର ୨୯ତାରିଖରେ ବିଶ୍ୱ ହୃଦୟ ଦିବସ ପାଳିତ ହେଉଛି । ହୃଦରୋଗର ପ୍ରମୁଖ କାରଣ ଓ ହୃଦଘାତ ରୋକିବା ପାଇଁ ଏହି ଦିବସରେ ସଚେତନତାର ବାର୍ତ୍ତା ଦିଆଯାଏ । ତେବେ ହୃଦଘାତ ରୋକିବା ପାଇଁ ତାର ପ୍ରଥମ ପ୍ରତିକାରର ମାଧ୍ୟମ ହେଉଛି ପ୍ରତିରୋଧ ସର୍ବୋତ୍ତମ ଉପାୟ । ହୃଦୟ ସ୍ୱାସ୍ଥ୍ୟର ଜଟିଳତାକୁ ରୋକିବା ଲକ୍ଷ ଲକ୍ଷ ଜୀବନକୁ ବଞ୍ଚାଇବା ସହ ସମାନ ବୋଲି କହିଛନ୍ତି ଶାନ୍ତି ହସ୍ପିଟାଲର ଡାକ୍ତର ପ୍ରିୟଦର୍ଶୀ ତ୍ରିପାଠୀ । ସେ କହିଛନ୍ତି ହୃଦୟ ସୁସ୍ଥ ରଖିବାକୁ ପ୍ରେରଣା ଦେବା ଓ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବିଶ୍ୱ ହୃଦୟ ଦିବସ ପାଳନ କରାଯାଏ । ଯଦ୍ୱାରା ଆମେ ହୃଦଘାତ ଜନିତ ଆଶଙ୍କା ଦୂର କରିପାରିବା । ଜୀବନ ଶୈଳିରେ



ଉନ୍ନତି ଆଣିବା ଓ ଆଗାମୀ ପିଢ଼ି ପାଇଁ ଉଦାହରଣ ସୃଷ୍ଟି ଏହାର ଲକ୍ଷ । ଅନିୟମିତ ଜୀବନ ଶୈଳି, ଖାଦ୍ୟ ଶୈଳି, ଶାରିରୀକ କାର୍ଯ୍ୟକଳାପର ଅଭାବ, ତମାଖୁ ଏବଂ ମଦ୍ୟପାନର ବହୁଳ ବ୍ୟବହାର ହୃଦଘାତ ଭଳି ମାରାତ୍ମକ ଆକ୍ରମଣର କାରଣ ହୋଇଥାଏ । ତେଣୁ ସୁସ୍ଥ ଜୀବନ ଶୈଳି, ସନ୍ତୁଳିତ ଖାଦ୍ୟ ଓ ନିୟମିତ ବ୍ୟାୟାମ୍ ଦ୍ୱାରା ହୃଦଘାତକୁ ଅନେକାଂଶରେ ରୋକାଯାଇପାରିବ ବୋଲି ଡାକ୍ତର ତ୍ରିପାଠୀ କହିଛନ୍ତି ।

# ବିଙ୍ଗୋ! ତେଢେ ମେଢେ ଉନ୍ମୋଚନ କଲା ପୁଜୋ ସ୍ପେଶାଲ ସଂଗୀତ 'ରକାନଳି'

ଭୁବନେଶ୍ୱର(ସବ୍ୟୁ) : ଚଳିତ ଦୁର୍ଗା ପୂଜାରେ ବିଙ୍ଗୋ! ତେଢେମେଢେ ବେଙ୍ଗଲି ରକ ସଂଗୀତର ଗୌରବାବହ ୫୦ ବର୍ଷକୁ ହାର୍ଦ୍ଦିକ ସମ୍ମାନ ପ୍ରଦର୍ଶନ କରୁଛି। ବ୍ରାଣ୍ଡ 'ରକାନଳି' ସଂଗୀତ ଉନ୍ମୋଚନ କରିଛି, ଯାହା ବିଶିଷ୍ଟ ବେଙ୍ଗଲି ରକସଂଗୀତଜ୍ଞ ସିଦ୍ଧାର୍ଥ ଶଙ୍କର ରୟ (ସିଧୁ) ଏବଂ କାକନ୍ଧଟସର ଅଭିଜିତ ବର୍ମନ (ପୋତା), ଲକ୍ଷିଚାରାର ଗୌରବ ଚାଟାର୍ଜୀ (ଗାବୁ) ଏବଂ ଚନ୍ଦ୍ରବିନ୍ଦୁର ଅନିନ୍ଦ୍ୟ ଚାଟାର୍ଜୀ ଦ୍ୱାରା ରଚନା ଏବଂ ପ୍ରଦର୍ଶିତ ହୋଇଛି। ବିଙ୍ଗୋ! ତେଢେ ମେଢେର ଏହି ସଂଗୀତ ଆଧାରିତ ସମ୍ମାନ କେବଳ ବେଙ୍ଗଲି ରକନ୍ଧର ସାଂସ୍କୃତିକ ଗୁରୁତ୍ୱକୁ ପାଳନ କରୁନାହିଁ, ତାହାସହିତ ବନ୍ଧୁତ୍ୱ ଓ ପ୍ରେମ ବନ୍ଧନର ଶକ୍ତି ସମ୍ପର୍କରେ ଆଲୋକପାତ କରୁଛି, ଏହାର ବିଷୟବସ୍ତୁ ଦୁର୍ଗାପୂଜାର ମହତ୍ୱ ସହିତ ନିବିଡ ଭାବରେ ସାମସନ୍ତ ରଖୁଛି। 'ରକାନଳି' ସଂଗୀତ ବେଙ୍ଗଲି




ରକର ସାରମର୍ମକୁ ଧରି ରଖିଛି, ସେହି ସମୟରେ ନୂଆ ପିଢିର ସଂଗୀତ ପ୍ରେମୀଙ୍କୁ ପ୍ରେରଣା ଦେଉଛି। ଏହା ବେଙ୍ଗଲି କଳା ଓ ସଂସ୍କୃତି ଉପରେ ଯୁଗ ପରେ ଯୁଗ ପଡିଥିବା ଅଶେଷ ପ୍ରଭାବକୁ ସମ୍ମାନ ଜଣାଉଛି ଏବଂ ବିଗତ ୫୦ ବର୍ଷକୁ ଶକ୍ତିଶାଳୀ ଢଙ୍ଗରେ ପ୍ରତିଫଳିତ କରୁଛି। ସେମାନଙ୍କର ମୂଳ ଗ୍ରାହକଙ୍କୁ ପ୍ରେରଣା ଦେବା ଏବଂ ସେମାନଙ୍କ ସହିତ ଯୋଡିହେବା ପ୍ରୟାସରେ ବିଙ୍ଗୋ! ତେଢେମେଢେ ମଧ୍ୟ'ରକାନଳି' ପ୍ରତିଯୋଗିତା ଆରମ୍ଭ କରିଛି, ଯାହା ଯୁବ ପ୍ରତିଭାସମ୍ପନ୍ନ ସଂଗୀତକାରଙ୍କୁ ଦୁର୍ଗାପୂଜା ସମୟରେ ସେମାନଙ୍କ କୌଶଳ ପ୍ରଦର୍ଶନ କରିବା ଏବଂ ବେଙ୍ଗଲି ରକନ୍ଧର ପରମ୍ପରାକୁ ସମ୍ମାନ ପ୍ରଦର୍ଶନ କରିବାକୁ ଏକ ମଞ୍ଚ ଯୋଗାଇ ଦେଉଛି।

# ଭୁବନେଶ୍ୱରରେ ଇଣ୍ଡିଆନ୍ ସିଲ୍କ ହାଉସ୍ ଏଜେନ୍ସିର ରିଟେଲ ଷ୍ଟୋର

ଭୁବନେଶ୍ୱର (ସବ୍ୟୁ): ସାରା ଭାରତରୁ ସୁଲଭ ମୂଲ୍ୟରେ ଶାଢୀ ସଂଗ୍ରହ କରିଥିବା ବଙ୍ଗଳାର ଅଗ୍ରଣୀ ରିଟେଲ ଚେନ୍ ଇଣ୍ଡିଆନ୍ ସିଲ୍କ ହାଉସ୍ ଏଜେନ୍ସିସ୍ ଭୁବନେଶ୍ୱରରେ ଏହାର ନୂଆ ଷ୍ଟୋର ଆରମ୍ଭ କରିଛି। ଏହି ଷ୍ଟୋରକୁ ମୁଖ୍ୟ ଅତିଥି ଇଣ୍ଡିଆନ୍ ସିଲ୍କ ହାଉସ୍ ଏଜେନ୍ସିର ପ୍ରତିଷ୍ଠାତା ପ୍ରତିଭା ଦୁଧୋରିଆ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଇଣ୍ଡିଆନ୍ ସିଲ୍କ ହାଉସ୍ ଏଜେନ୍ସିର ପ୍ରତିଷ୍ଠାତା ପ୍ରତିଭା ଦୁଧୋରିଆ କହିଛନ୍ତି ଯେ '୫୦ ବର୍ଷର ପରମ୍ପରା ସହିତ ଭାରତୀୟ ସିଲ୍କ ହାଉସ୍ ଏଜେନ୍ସି ପୂର୍ବ ଭାରତର ସର୍ବବୃହତ୍ ରେଶମ ଶାଢ଼ି ଖୁଚୁରା ଚେନ୍। ଏହି ବ୍ରାଣ୍ଡ ଗୁଣବତ୍ତା, କାରିଗରୀ ଏବଂ ଗ୍ରାହକ ସେବା ପ୍ରତି ନିଜର ପ୍ରତିବଦ୍ଧତା ପାଇଁ ଜଣାଶୁଣା । ବଙ୍ଗଳାରେ ଶାଢ଼ୀ ପ୍ରେମୀଙ୍କ ହୃଦୟ ଜିତିବା ପରେ ଏହି ବ୍ରାଣ୍ଡ ଛତିଶଗଡ଼, ବିହାରରେ ସଫଳତାର ସହ ନିଜର ପହଂଚ ବିସ୍ତାର କରିଛି ଏବଂ ଏବେ ବଙ୍ଗଳାର ଆକର୍ଷଣ ଏବଂ ସାରା ଭାରତରୁ ଶାଢ଼ିର ବିବିଧ ସୌନ୍ଦର୍ଯ୍ୟକୁ ଭୁବନେଶ୍ୱର ଆଣିବାକୁ ପ୍ରସ୍ତୁତ ହୋଇଛି । ବଙ୍ଗଳାର କେନ୍ଦ୍ରସ୍ଥଳରେ ସ୍ଥାପିତ ଭାରତୀୟ ସିଲ୍କ ହାଉସ୍ ଏଜେନ୍ସି ମାନେ ପରମ୍ପରାର ରକ୍ଷକ ହୋଇ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଥିବା ହାତବୁଣା ଶାଢ଼ିର ଏକ ଉତ୍କୃଷ୍ଟ ସଂଗ୍ରହ ପ୍ରଦାନ କରିଛନ୍ତି । ଭୁବନେଶ୍ୱରରେ ଆମର ପ୍ରବେଶର ବିଶେଷ କାରଣ ଏହା ଆମର ନିରନ୍ତର ଅଭିବୃଦ୍ଧି ଯାତ୍ରା ଏବଂ ସମଗ୍ର ଭାରତରୁ ଶାଢ଼ିର ସୌନ୍ଦର୍ଯ୍ୟକୁ ନୂତନ ଦର୍ଶକଙ୍କ ନିକଟରେ ପରିଚିତ କରାଇବା ପାଇଁ ଆମର ସମର୍ପଣର ପ୍ରତୀକ ଅଟେ । ଭୁବନେଶ୍ୱରରେ ଆମର ଲକ୍ଷ୍ୟ ହେଉଛି ଏକ ସାଂସ୍କୃତିକ ସେତୁ ନିର୍ମାଣ କରିବା, ଏକ ସଂଗ୍ରହ ପ୍ରଦାନ କରିବା ଯାହା ବଙ୍ଗଳା ଏବଂ ବ୍ୟାପକ ଭାରତୀୟ ପରମ୍ପରାରେ ଆମର ମୂଳପ୍ରତି ସଚ୍ଚୋଟ ରହିବା ସହିତ ସ୍ଥାନୀୟ ଆଦର୍ଶ ସହିତ ମେଳ ଖାଉଛି ।

## ତନିସ୍କ ପକ୍ଷରୁ ନବ–ରାଣୀ କଲେକ୍ସନ୍
# ଆଧୁନିକ ମହିଳାଙ୍କ ପାଇଁ ରାଜକୀୟ ଗହଣା



ଭୁବନେଶ୍ୱର (ସବ୍ୟୁ): ଆସୁଛି ପାର୍ବଣ । ଏହି ଉପଲକ୍ଷେ ଦେଶର ଅନ୍ୟତମ ଗହଣା ବ୍ରାଣ୍ଡ୍ ତନିସ୍କ ଆସିଛି ନବୀନ ତମ ଫେଷ୍ଟିଭ୍ କଲେକ୍ସନ୍ ନବରାଣୀ ସମ୍ଭାର । ଉତ୍ସବ ଋତୁର ରାଜକୀୟ ଜୋସ୍‌କୁ ପାଳନ କରିବା ପାଇଁ ଏହି ଗହଣା ଗୁଡ଼ିକୁ ଡିଜାଇନ୍ କରାଯାଇଛି । ନବ–ରାଣୀ କଲେକ୍ସନ୍ ସମସାମୟିକ ଚମତ୍କାରିତା ସହିତ ସୁକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ତଥା ଜଟିଳ ହସ୍ତକଳାକୁ ମିଶାଇ ପାରମ୍ପରିକ ଗହଣାକୁ ପୁର୍ନପରିଭାସିତ କରିଛି । ୩–ଡି ଲେଜର–କଟ୍ ବିଡ୍ ଏବଂ କାଷ୍ଟେଡ୍ ଷ୍ଟାମ୍ପ ସହ ମିକଶିତ ହୋଇଥିବା ପ୍ରତ୍ୟେକ ଗହଣା ରାଜକୀୟ ସମୃଦ୍ଧିର ଚମତ୍କାର ପ୍ରଦର୍ଶନ । ଏହା ଏକ ଷ୍ଟେଟମେଣ୍ଟ ନେକ୍‌ୱେର ହେଉ ଅବା ସୁକ୍ଷ୍ମ ଭାବେ ଡିଜାଇନ୍ ହୋଇଥିବା କାନଫୁଲ, ପ୍ରତ୍ୟେକ ପିସ୍ ଗହଣା ରାଜକୀୟ ଅଳଙ୍କାରର ଶୋଭାକୁ ଧାରଣ କରିଛି । ଯାହା ଆଧୁନିକ ମହିଳାଙ୍କ ପାଇଁ ଉପଯୁକ୍ତ । ନୂତନ କଲେକ୍ସନକୁ ନେଇ ଟାଇଟନ୍ କମ୍ପାନୀ ଲିମିଟେଡ୍‌ର କ୍ଲଷ୍ଟର ବିଜିନେସ୍ ମ୍ୟାନେଜର ଅନିନ୍ଦମ ପ୍ରାମାଣିକ୍ କହିଛନ୍ତି ଯେ, ନବ–ରାଣୀ କଲେକ୍ସନ୍ ରାଜକୀୟ ପରମ୍ପରା ଦ୍ୱାରା ଅନୁପ୍ରାଣିତ ଜଟିଳ କାରିଗରୀର ଚମତ୍କାର ପ୍ରତିଫଳନ । ଏହା ଆମ କାରିଗରଙ୍କ ଅଦିତ୍ୟ ଦକ୍ଷତା ଓ ସାମର୍ଥ୍ୟକୁ ପରିପ୍ରକାଶ କରୁଛି ।

# ଓଡ଼ିଶାରେ ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ନେଇ ସୋଆରେ ସମ୍ମିଳନୀ ଆଜି

ଭୁବନେଶ୍ୱର, (ସବ୍ୟୁ): ପ୍ରତିରକ୍ଷା ବିଶେଷଜ୍ଞ, ସରାମ ଉତ୍ପାଦନକାରୀ, ନିବେଶକ, ଗବେଷକ ଏବଂ ସେନା ଅଧିକାରୀମାନେ ଓଡ଼ିଶାରେ ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନର ସମ୍ଭାବନାକୁ ନେଇ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଏକ ସମ୍ମିଳନୀ ଶନିବାର ଆୟୋଜିତ ହେବାକୁ ଯାଉଛି। 'ମିଶନ୍: ମେକ୍ ଇନ୍ ଓଡ଼ିଶା ଫର୍ ଡିଫେନ୍ସ ଇଣ୍ଡଷ୍ଟ୍ରୀ–ଅପର୍ଚୁନିଟିଜ୍ ଗାଲୋର' ଶୀର୍ଷକ ଏହି ସମ୍ମିଳନୀ ଓଡ଼ିଶା କର୍ପୋରେଟ ଫାଉଣ୍ଡେସନ୍, ସୋଆ ଏବଂ ସୋଆ ସେଂଟର ଫର୍ ଇନୋଭେସନ୍ ଆଣ୍ଡ ଇନ୍‌କ୍ୟୁବେସନ୍ (ସୋଆ–ସିଆଇଆଇ)ର ମିଳିତ ସହଯୋଗରେ ଆୟୋଜନ




କରାଯାଇଛି ବୋଲି ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓସିଏଫର ଉପଦେଷ୍ଟା ବ୍ରିଗେଡିୟର ଏଲ୍.ସି. ପଟ୍ଟନାୟକ ସୂଚନା ଦେଇଛନ୍ତି । ରାଷ୍ଟ୍ରୀୟ ସୁରକ୍ଷା, ଅର୍ଥନୈତିକ ବିକାଶ ଓ ନିଯୁକ୍ତିର ସୁଯୋଗକୁ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଓଡ଼ିଶାରେ ପର୍ଯ୍ୟାପ୍ତ କଂଚାମାଲ, ଭିତିଭୂମି, କୁଶଳୀ ମାନବସମ୍ବଳ ଏବଂ ରପ୍ତାନୀର ସମସ୍ତ ସୁଯୋଗ ରହିଥିବା ବେଳେ ରାଜ୍ୟରେ ଅଧିକ ମାତ୍ରାରେ ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ହୋଇପାରି ନାହିଁ। ଏହି କ୍ଷେତ୍ରରେ ନିଯୁକ୍ତିର ପର୍ଯ୍ୟାପ୍ତ ସୁଯୋଗ ରହିଥିବା ବ୍ରିଗେଡିୟର ପଟ୍ଟନାୟକ କହିଛନ୍ତି । ଏହି ସମ୍ମିଳନୀର ପ୍ରମୁଖ ପ୍ରସଙ୍ଗ ରହିଛି ସ୍ଥାନୀୟ ବୁଦ୍ଧିମତାକୁ ନେଇ ସ୍ୱଦେଶୀ ପଦାର୍ଥର ଉତ୍ପାଦନ ଏବଂ ଓଡ଼ିଶାର କୁଶଳୀ ମାନବସମ୍ବଳକୁ ନେଇ ବିଶ୍ୱସ୍ତରୀୟ ପ୍ରତିରକ୍ଷା ଉତ୍ପାଦ, ଅଭିନବ ଉପାୟ ଏବଂ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳକୁ ବ୍ୟବହାର କରି ଓଡ଼ିଶାର ଉନ୍ନତି ସାଧନ କରିବା । ସାମ୍ବାଦିକ ସମ୍ମିଳନୀରେ ମେଜର ଜେନେରାଲ୍ (ଅବସରପ୍ରାପ୍ତ) ଆର.ସି.ପାଢ଼ୀ, ଏଭିଏମ୍ (ଅବସରପ୍ରାପ୍ତ) ଏମ୍. ମହନ୍ତ, କର୍ଣ୍ଣେଲ୍ (ଡକ୍ଟର) ପି.ସି. ପଟ୍ଟନାୟକ, ଓସିଏଫ୍‌ର ୱିମେନ୍ ୱିଙ୍ଗର ଚେୟାରମ୍ୟାନ୍ ଶ୍ରୀମତି ଉଶଷୀ ରଥ ଏବଂ ଏଗ୍‌ଜିକ୍ୟୁଟିଭ ଡାଇରେକ୍ଟର ତଥା ଉପଦେଷ୍ଟା ପ୍ରମୋଦ କୁମାର ଶତପଥୀ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

## ଅକ୍ଟୋବର ୬ରେ ଜୟଦେବ ଭବନରେ
# ଇଣ୍ଟରନ୍ୟାସନାଲ ପରଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ

ଭୁବନେଶ୍ୱର (ସବ୍ୟୁ): ଚଳିତ ମାସ ୬ ତାରିଖ ସଂଧ୍ୟା ୬.୩୦ରେ ସ୍ଥାନୀୟ ଜୟଦେବ ଭବନଠାରେ ୭ମ ଇରନ୍ୟାସନାଲ ପରଫର୍ମିଂ ଆର୍ଟସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ପଦ୍ମଶ୍ରୀ ଡ.ଅରୁଣା ମହାନ୍ତି ଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ, ଆ'ର୍ଜାତିକ ସ୍ତରରେ ଖ୍ୟାତିସମ୍ପନ୍ନ ବେଦା ଦ୍ୱାରା ୱର୍ଲଡ ମ୍ୟୁଜିକ ପରିବେଷଣ, ଏସଏସଭିଏମ୍ ଗ୍ରୁପ୍‌ର ବିଶିଷ୍ଟ କଳାକାଳଙ୍କ ଦ୍ୱାରା ଲୋକନୃତ୍ୟ, ସ୍ୱପ୍ନାରାଣୀ ସିହ୍ନା ଓ ଗ୍ରୁପ୍ ଦ୍ୱାରା ଓଡ଼ିଶୀ ଓ ରାଜସ୍ଥାନୀ ଲୋକନୃତ୍ୟ, ଶ୍ରୀନିବାସ ଶତପଥୀ ଓ ଗ୍ରୁପ୍ ପକ୍ଷରୁ ଇନ୍‌ଷ୍ଟ୍ରୁମେଣ୍ଟାଲ ଅର୍କେଷ୍ଟ୍ରା (ରାଗ ରସ ରଙ୍ଗ), ସତ୍ୟଭାମା ଦେବୀ କଲେଜ ଅଫ ହିଅରିଂ ଇମ୍ପାୟାର୍ଡ–ଆଇପିଏଏଫ ଭୁବନେଶ୍ୱରର ଭିନ୍ନକ୍ଷମ କଳାକାରଙ୍କ ଦ୍ୱାରା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପରିବେଷଣ ଆଦି କରାଯିବ। ଏଥିରେ ବହୁ ପରଫର୍ମିଂ ଆର୍ଟ ପ୍ରେମୀ, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ କର୍ପୋରେଟ ମୁଖ୍ୟମାନେ ଯୋଗଦେବେ। ଆଇପିଏଏଫ ଭୁବନେଶ୍ୱର ନିମନ୍ତ୍ରଣପତ୍ରକୁ ଜୟଦେବ ଭବନରୁ ସଂଗ୍ରହ କରାଯାଇପାରିବ ଅଥବା ଇ–ନିମନ୍ତ୍ରଣପତ୍ର ପାଇବାକୁ ପାର୍ଟନର ଆଟ୍ ଆଇପିଏଏଫ୍ ଡଟ୍ ଗ୍ଲୋବାଲ ଆଇପିଏଏଫକୁ ମେଲ୍ କରନ୍ତୁ ।

# ଇସ୍ରାଏଲ ବିରୋଧରେ ରଣହୁଙ୍କାର

## ଆଉ ବେଶୀ ଦିନ ତିଷ୍ଠିବନି: ଆୟତୁଲ୍ଲା ଖୋମିନି

**ତେହେରାନ:** ଇରାନ ସର୍ବୋଚ୍ଚ ନେତା ଅୟାତୋଲ୍ଲା ଅଲି ଖାମେନେଇ ଆଜି ୫ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଶୁକ୍ରବାର ପୂରା ବିଶ୍ୱକୁ ସମ୍ବୋଧନ କରିଛନ୍ତି । ଏହାକୁ ଇରାନ ପକ୍ଷରୁ ଖାମେନେଇଙ୍କ ଧାର୍ମିକ ପ୍ରବଚନ ଭାବେ ଅବିହିତ କରାଯାଇଛି । ଏହି ଭାଷଣରେ ସେ ଇସ୍ରାଏଲ ବିରୋଧରେ ରଣହୁଙ୍କାର ଦେଇଛନ୍ତି । ସେ ପାଲେଷ୍ଟାଇନ ଓ ଲେବାନନରେ ଇସ୍ରାଏଲ ବିରୋଧରେ ଚାଲିଥିବା ଅଭିଯାନକୁ ସମର୍ଥନ କରିଛନ୍ତି । ଏଥିସହ ଇସ୍ରାଏଲ ବେଶୀ ଦିନ ତିଷ୍ଠିବ ନାହିଁ ବୋଲି ଦମ୍ଭୋକ୍ତି କରିଛନ୍ତି । ଏହାବାଦ ସେ ବିଶ୍ୱର ସମସ୍ତ ମୁସଲିମ ରାଷ୍ଟ୍ରଗୁଡ଼ିକୁ ଏକାଠି ଇସ୍ରାଏଲ ବିରୋଧରେ ଛିଡ଼ା ହେବାକୁ ଆହ୍ୱାନ ଦେଇଛନ୍ତି । ଇସ୍ରାଏଲ ସହ ତିକ୍ତତା ଚାଲିଥିବା ବେଳେ ତେହରାନରେ ଥିବା ଗୋଟିଏ ମସଜିଦ ନିକଟରେ ଏକାଠି ହୋଇଥିବା ହଜାର ହଜାର ଲୋକଙ୍କୁ ସମ୍ବୋଧନ କରି ଖାମେନେଇ ତେଲ ଅବିବ ବିରୋଧରେ ହୋଇଥିବା ମିସାଇଲ ମାଡ଼କୁ ଯଥାର୍ଥ ବୋଲି ଦର୍ଶାଇଛନ୍ତି । ଲୋକଙ୍କ ସେବା ବା ସ୍ୱାର୍ଥକୁ ଦୃଷ୍ଟିରେ ରଖି ଇରାନ ପକ୍ଷରୁ ଇସ୍ରାଏଲ ଉପରେ ମିସାଇଲ ମାଡ଼ ହୋଇଥିବା ସେ କହିଛନ୍ତି । ସମ୍ବୋଧନ କରିବା ବେଳେ ନିଜ ପାଖରେ ବନ୍ଧୁକ ରଖିଥିବା ଖାମେନେଇ ଘୋଷଣା କରିଛନ୍ତି ଯେ ହମାସ ଓ ହେଜବୁଲ୍ଲା





ବିରୋଧରେ ଇସ୍ରାଏଲର କୌଣସି ସତ୍ତା ରହିବ ନାହିଁ । ଏହି ସମୟରେ ମସଜିଦ ସାମ୍ନାରେ ଉପସ୍ଥିତ ଥିବା ଲୋକମାନେ 'ଆମେ ଆପଣଙ୍କ ସହ ରହିଛୁ' ବୋଲି ନାରା ଦେଇଥିଲେ । ଇସ୍ରାଏଲ ସହ ତିକ୍ତତା ଆରମ୍ଭ ହେବା ଦିନ ଠାରୁ ଖାମେନେଇଙ୍କୁ ଗୁପ୍ତ ସ୍ଥାନରେ ରଖାଯାଉଛି । ତାଙ୍କ ଜୀବନ ପ୍ରତି ବିପଦ ଥିବା ଇରାନ ପ୍ରଶାସନ କହିଛି । ତଥାପି ଏହାକୁ ଖାତିର ନ କରି ଆଜି ସେ ମସଜିଦର ଛାତରେ ଛିଡ଼ା ହୋଇ ଲୋକଙ୍କୁ ସମ୍ବୋଧନ କରିଛନ୍ତି । ନିଜର ଭାଷଣରେ ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଥିବା ହେଜବୁଲ୍ଲାର ମୁଖ୍ୟ ହାସନ ନସରଲ୍ଲାଙ୍କୁ ସେ ପ୍ରଶଂସା କରିଛନ୍ତି । ସୟିଦ ହାସନ ନସରଲ୍ଲା ଆଉ ଆମ ସହ ନାହାନ୍ତି । କିନ୍ତୁ ତାଙ୍କ ଚେତନା ଓ ରାସ୍ତା ସବୁବେଳେ ଆମକୁ ପ୍ରେରଣା ଦେବ । ସେ ସବୁବେଳେ ଇହୁଦୀ ଶତ୍ରୁଙ୍କ ବିରୋଧରେ ଛିଡ଼ା ହୋଇଥିଲେ । ତାଙ୍କ ବଳିଦାନ ଏହି ବୀରତାକୁ ଆହୁରି ବଢ଼ାଇ ଦେଇଛି । ନସରଲ୍ଲାଙ୍କ ବଳିଦାନ ବୃଥା ଯିବ ନାହିଁ । ବିଶ୍ୱାସକୁ ସଶକ୍ତ କରି ଆମକୁ ଶତ୍ରୁପକ୍ଷ ବିରୋଧରେ ଦୃଢ଼ ଭାବେ ଛିଡ଼ା ହେବାକୁ ପଡ଼ିବ । ହେଜବୁଲ୍ଲା ହେଉଛି ଆଶୀର୍ବାଦ ପାଇଥିବା ଗୋଟିଏ ଗଛ । ଏହା ନସରଲ୍ଲାଙ୍କ ନେତୃତ୍ୱରେ ଆଗକୁ ବଢ଼ିଛି । ଲେବାନନରେ ଥିବା ଲୋକଙ୍କୁ ସହଯୋଗ କରିବା ଦାୟିତ୍ୱ ସମସ୍ତ ମୁସଲିମମାନଙ୍କର । ଲେବାନନ ଜିହାଦକୁ ଆମକୁ ସମର୍ଥନ କରିବାକୁ ପଡ଼ିବ । ଅଲ ଅକସା ମସଜିଦ ପାଇଁ ଚାଲିଥିବା ଯୁଦ୍ଧରେ ଲଢ଼ିବାକୁ ପଡ଼ିବ ।

ସେପ୍ଟେମ୍ବର ୭ରେ ପାଲେଷ୍ଟାଇନର ହମାସ ଗ୍ରୁପ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା । ଏହାକୁ ବୈଧ ବୋଲି ଦର୍ଶାଇଛନ୍ତି ଇରାନର ସୁପ୍ରିମ ଲିଡର । ସେ କହିଛନ୍ତି, ଏପରି ଆକ୍ରମଣକୁ ବିରୋଧ କରିବାର ଅଧିକାର କୌଣସି ଅନ୍ତର୍ଜାତୀୟ ଆଇନ ନାହିଁ । ବେଆଇନ ଜବରଦଖଲ ବିରୋଧରେ ଲେବାନନ ଓ ପାଲେଷ୍ଟାଇନବାସୀ ସବୁବେଳେ ରହିଛନ୍ତି ।

ଇସ୍ରାଏଲ ହେଉଛି ଆମେରିକା ଗୋଟିଏ ଅସ୍ତ୍ର । ଆମେରିକା ଏହି ଅଞ୍ଚଳର ସମସ୍ତ ସମ୍ପଦ ଓ ଜମିକୁ ନିଜ ନିୟନ୍ତ୍ରଣକୁ ନେବାକୁ ଚାହୁଁଛି । ଇହୁଦୀ ଓ ଆମେରିକା ସ୍ୱପ୍ନ ଦେଖୁଛନ୍ତି ବୋଲି କୌଣସି ସନ୍ଦେହ ନାହିଁ । ଇହୁଦୀମାନଙ୍କୁ ପୂରା ମୂଳରୁ ଉପାଡ଼ି ଦିଆଯିବ । ତାଙ୍କର କୌଣସି ମୂଳ ନଥିଲା । ସେମାନେ କେବଳ ଆମେରିକା ବଳରେ ବଳିଆନ ହୋଇଛନ୍ତି । ଇସ୍ରାଏଲ ବୋଲି କୌଣସି ଦେଶ ନଥିଲା । ଆଗକୁ ମଧ୍ୟ ଏହି ଦେଶ ରହିବ ନାହିଁ ।

## ଗୁପ୍ତ ସ୍ଥାନରେ ନସରଲ୍ଲାଙ୍କୁ ଦିଆଗଲା କବର !



**ତେହେରାନ:** ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିବା ହେଜବୁଲ୍ଲା ମୁଖ୍ୟ ହାସନ ନସ୍ରଲ୍ଲାଙ୍କୁ ଗୋଟିଏ ଗୁପ୍ତ ସ୍ଥାନରେ ଅସ୍ଥାୟୀ ଭାବେ କବର ଦିଆଯାଇଛି । ପରବର୍ତ୍ତୀ ଅବସ୍ଥାରେ ସର୍ବସମ୍ମୁଖରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ । ସର୍ବସମ୍ମୁଖରେ ଅନ୍ତିମ ସଂସ୍କାର ପାଇଁ ସମୟ ପରବର୍ତ୍ତୀ ଅବସ୍ଥାରେ ଚୟନ କରାଯିବ । ସେଯାଏ ନସ୍ରଲ୍ଲାଙ୍କ ମରଶରୀର ଅସ୍ଥାୟୀ କବରରେ ରହିବ ବୋଲି ଜଣାପଡ଼ିଛି । ସୂତ୍ର ଅନୁସାରେ, ସେପ୍ଟେମ୍ବର ୨୭ରେ ଲେବନାନନର ବେରୁଟରେ ଇସ୍ରାଏଲ କରିଥିବା ଏୟାର ଷ୍ଟ୍ରାଇକରେ ନସରଲ୍ଲାଙ୍କ ମୃତ୍ୟୁ ହୋଇଥିଲା । ଏହାର ଦିନକ ପରେ ବେରୁଟ ସ୍ଥିତ ହେଜବୁଲ୍ଲାର ଧ୍ୱଂସବିଧ୍ୱଂସ୍ତ ମୁଖ୍ୟାଳୟର ବଙ୍କର ମଧ୍ୟରୁ ନସରଲ୍ଲାଙ୍କ ମୃତଦେହ ମିଳିଥିଲା । କୁହାଯାଉଥିଲା ଯେ ଆଜି ବିଶାଳ ଶୋଭାଯାତ୍ରା ମାଧ୍ୟମରେ ନସ୍ରଲ୍ଲାଙ୍କ ଅନ୍ତିମ ସଂସ୍କାର କରାଯିବ । କିନ୍ତୁ ଏବେ ସର୍ବସାଧାରଣରେ ଅନ୍ତିମ ସଂସ୍କାର ପାଇଁ ହେଜବୁଲ୍ଲା ସକ୍ଷମ ନୁହେଁ । ଇସ୍ରାଏଲ ପୁଣି ଆକ୍ରମଣ କରିବାର ଆଶଙ୍କା ଥିବାରୁ ନସରଲ୍ଲାଙ୍କୁ ଏକ ଗୁପ୍ତ ସ୍ଥାନରେ ଅସ୍ଥାୟୀ ଭାବେ ସଂଗଠନ ପକ୍ଷରୁ କବର ଦିଆଯାଇଛି । କୁହାଯାଉଛି ଯେ ଲେବାନନ କିମ୍ବା ଇରାକରେ ନସ୍ରଲ୍ଲାଙ୍କୁ କବର ଦିଆଯିବ । କିନ୍ତୁ ଏହାର ସ୍ଥାନ କିମ୍ବା ସମୟ ସମ୍ପର୍କରେ ହେଜବୁଲ୍ଲା ପକ୍ଷରୁ କିଛି ବି କୁହାଯାଇ ନାହିଁ । ଇରାକର ପ୍ରଧାନମନ୍ତ୍ରୀ ମହମ୍ମଦ ଶିଆ ଅଲ ସୁଦାନିଙ୍କ ପରାମର୍ଶଦାତା ଅବଦୁଲ ଆମୀର ଅଲ ତେଇବାନ ଏକ୍ସରେ କହିଛନ୍ତି ଯେ ନସରଲ୍ଲା ଇରାକର କାରବାଲାରେ କବର ନେବେ । ଇମାମ ହୁସେନଙ୍କ କବର ନିକଟରେ ତାଙ୍କୁ ଅନ୍ତିମ ବିଦାୟ ଜଣାଯିବ । ଏହି ସ୍ଥାନଟି ଶିଆ ମୁସଲିମଙ୍କ ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଅନ୍ୟପକ୍ଷରେ ଇରାନର ସୁପ୍ରିମ ଲିଡର ଆୟତୋଲ୍ଲା ଅଲି ଖାମେନେଇଙ୍କ ନେତୃତ୍ୱରେ ଆଜି ତେହରାନରେ ନସରଲ୍ଲାଙ୍କ ପୋଷ୍ଟର ଧରି ଶତାଧିକ ଲୋକ ଏକାଠି ହୋଇଥିଲେ । ସେଠାରେ ପ୍ରତିକାତ୍ମକ ଭାବେ ନସରଲ୍ଲାଙ୍କ ଅନ୍ତିମ ସଂସ୍କାର ହୋଇଛି । ଖାମେନେଇ ମଧ୍ୟ ୫ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଲୋକଙ୍କୁ ଶୁକ୍ରବାର ଧର୍ମସଭାରେ ସମ୍ବୋଧନ କରିଛନ୍ତି । ସେ ନସରଲ୍ଲାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି ।

## ଆପ୍ ଜରିଆରେ ୫୦୦ କୋଟି ଠକେଇ ଭାରତୀ ସିଂହ ଓ ଏଲଭିସ ଯାଦବଙ୍କୁ ସମନ

**ମୁମ୍ବାଇ:** ୟୁଟ୍ୟୁବର ଏଲଭିସ ଯାଦବଙ୍କ ପାଇଁ ପୁଣି ଅଡୁଆ ବଢିଛି । ଏକ ଆପ୍ ଆଧାରିତ ସ୍କାମରେ ୫୦୦ କୋଟି ଟଙ୍କା ଠକେଇ ଅଭିଯୋଗରେ ସମନ ପଠାଇଛି ଦିଲ୍ଲୀ ପୁଲିସ । ଏଲଭିସ ଯାଦବଙ୍କ ସମେତ ହାସ୍ୟ ଅଭିନେତା ଭାରତୀ ସିଂହ ଏବଂ ଅନ୍ୟ ତିନି ଜଣଙ୍କୁ ମଧ୍ୟ ସମନ କରାଯାଇଛି । ଏହି ଆପ୍ ହେଉଛି ହିବକ୍ସଡି ଆପ୍ ୟୁଜରଙ୍କଠାରୁ ଟଙ୍କା ଠକି ନେଇଥିବା ନେଇ ୫୦୦ରୁ ଅଧିକ ଅଭିଯୋଗ ଦାଖଲ କରାଯାଇଛି । ସୋଶାଲ ମିଡିଆ ଇନଫ୍ଲୁଏନ୍ସର ଏବଂ ୟୁଟ୍ୟୁବର୍ସ ସେମାନଙ୍କ ପେଜରେ ଏହି ମୋବାଇଲ ଆପ୍ଲିକେସନକୁ ଡାଉନଲୋଡ କରିବା ସହ ଆପ୍ ମାଧ୍ୟମରେ ନିବେଶ କରିବାକୁ ପ୍ରବର୍ତ୍ତାଉଥିବା ଅଭିଯୋଗ ହୋଇଥିଲା । ଏହାର ଅର୍ଥ ଏମାନେ ଆପ୍ ପାଇଁ ଏକ ପ୍ରକାର ବିଜ୍ଞାପନ କରୁଥିଲେ ।ଏହି ଅଭିଯୋଗ କ୍ରମେ ଦିଲ୍ଲୀ ପୁଲିସ ଏଲଭିସ ଯାଦବ ଏବଂ ଭାରତୀ ସିଂହଙ୍କ ସମେତ ପାଞ୍ଚ ଜଣଙ୍କୁ ସମନ ପଠାଇଛ । ଏହା ଏକ ଗ୍ରୁପ୍ ଚାଟ୍ ଆପ୍ଲିକେସନ । ଚଳିତ ବର୍ଷ ଫେବୃଆରୀରେ ଏହି ଆପ୍ ଲଞ୍ଚ ହୋଇଥିଲା । ଏହି ଆପ୍ ୟୁଜରଙ୍କୁ ନିବେଶ କରିବା ଫଳରେ ଅଧିକ ରିଟର୍ଣ୍ଣ ମିଳିବାର ପ୍ରତିଶୃତି ଦେଇଥିଲା । ନିବେଶକଙ୍କୁ ଦୈନିକ ଏକରୁ ପାଞ୍ଚ ପ୍ରତିଶତ ରିଟର୍ଣ୍ଣ ଅର୍ଥାତ୍ ଗୋଟିଏ ମାସରେ ୩୦ରୁ ୯୦ ପ୍ରତିଶତ ଫେରସ୍ତ ମିଳିବ ବୋଲି ପ୍ରତିଶୃତି ଦେଇଥିଲା । ଫଳରେ ୩୦,୦୦୦ରୁ ଅଧିକ ଲୋକ ଏଥିରେ ଟଙ୍କା ବିନିଯୋଗ କରିଥିଲେ । ଫେବୃଆରୀରୁ ଜୁନ୍ ପର୍ଯ୍ୟନ୍ତ ନିବେଶକମାନେ ଅଧିକ ରିଟର୍ଣ୍ଣ ପାଇଥିଲେ । କିନ୍ତୁ ଜୁଲାଇ ପରେ କୌଣସି ପ୍ରକାର ପେମେଣ୍ଟ ହୋଇନଥିଲା । ତ୍ରୁଟି ଥିବା ଦର୍ଶାଇ ଆପର କାର୍ଯ୍ୟକାରିତା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି । ଲୋକେ ଟଙ୍କା ନିବେଶ କରିବା ପରେ ଆପ୍ ଜାଣିଶୁଣି ବନ୍ଦ ହୋଇଯାଇଥିବା ଅଭିଯୋଗ ହୋଇଛ । ଏହା ମାଧ୍ୟମରେ ୫୦୦ କୋଟିରୁ ଅଧିକ ଟଙ୍କା ନିବେଶ କରାଯାଇଥିବା କୁହାଯାଉଛି । ପୁଲିସ ଏହି ମାମଲାର ମାଷ୍ଟରମାଇଣ୍ଡ ଶିବରାମଙ୍କୁ ଗିରଫ କରିଛି । ତାଙ୍କର ବିଭିନ୍ନ ଆକାଉଣ୍ଟରୁ ୧୮ କୋଟି ଟଙ୍କା ମଧ୍ୟ ଜବତ କରିଛି । ଅଧିକ ତଦନ୍ତ ପାଇଁ ପୁଲିସ ଏଲଭିସ ଯାଦବ, ଭାରତୀ ସିଂହଙ୍କ ସମେତ ଅନ୍ୟ ପାଞ୍ଚ ଜଣଙ୍କୁ ସମନ ପଠାଇଛି । ସେମାନଙ୍କୁ ଖୁବ୍ ଶୀଘ୍ର ଥାନାରେ ହାଜର ହେବାକୁ ପୁଲିସ କହିଛି ।

## ମହାରାଷ୍ଟ୍ରରେ ଅଭିନବ ପ୍ରତିବାଦ

# ସଚିବାଳୟରୁ ତଳକୁ ଡେଇଁଲେ ଉପବାଚସ୍ପତି, ସାଂସଦ ଓ ବିଧାୟକ

**ମୁମ୍ବାଇ:** ମହରାଷ୍ଟ୍ର ସଚିବାଳୟର ତୃତୀୟ ମହଲାରୁ ତଳକୁ ଡେଇଁ ପଡ଼ିଛନ୍ତି ମହାରାଷ୍ଟ୍ର ବିଧାନସଭାର ଉପ ବାଚସ୍ପତି ନରହରି ଜିରୱାଲ । ତାଙ୍କ ସହ ଜଣେ ବିଜେପି ସାଂସଦ ଓ ଆଉ ଦୁଇ ଜଣ ବିଧାୟକ ମଧ୍ୟ ସଚିବାଳୟର ତୃତୀୟ ମହମଲାରୁ ତଳକୁ ଜମ୍ପ କରିଛନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଲୋକଙ୍କୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରିବା ପାଇଁ ଉଦ୍ୟମ ଚାଲିଥିବାରୁ ଏହାର ପ୍ରତିବାଦରେ ସେମାନେ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତ । ଉପ ବାଚସ୍ପତି ଜିରୱାଲ ଓ ୩ ଜନ ପ୍ରତିନିଧି ସଚିବାଳୟର ତୃତୀୟ ମହଲାରୁ ଡେଇଁଥିଲେ ହେଁ ସେମାନଙ୍କର କୌଣସି କ୍ଷୟକ୍ଷତି ହୋଇନାହିଁ । କାରଣ ତଳେ ବନ୍ଧା ଯାଇଥିବା ବିରାଟ ଜାଲରେ ସେମାନେ ପଡ଼ିଛନ୍ତି । ସଚିବାଳୟ ଯାହା ମହାରାଷ୍ଟ୍ରରେ ମନ୍ତ୍ରଣାଳୟ ଭାବେ ଜଣାଶୁଣା ସେଠାରୁ ଡେଇଁ ଯେମିତି କେହି ଆତ୍ମହତ୍ୟା ନ କରନ୍ତି, ସେଥିପାଇଁ ୨୦୧୮ରେ ଏଠାରେ ନେଟ ଲଗା ଯାଇଥିଲା । ଅନୁସୂଚିତ



ଜନଜାତି ବର୍ଗରେ ଧାନଗର ସଂପ୍ରଦାୟର ଲୋକଙ୍କୁ ସାମିଲ କରିବା ପାଇଁ ଦାବି ତୀବ୍ର ହେଉଛି । ସରକାର ମଧ୍ୟ ସେମାନଙ୍କୁ ଏସ୍ଟି ବର୍ଗରେ ସାମିଲ କରିବା ପାଇଁ ବିଚାର କରୁଛନ୍ତି । କିନ୍ତୁ ଏହାକୁ ଖୋଦ ସରକାରୀ ଦଳରେ ଥିବା ଅଜିତ ପାୱାରଙ୍କ ଏନସିପିର ବିଧାୟକ ଜିରୱାଲ ବିରୋଧ କରିଛନ୍ତି । ସେହିପରି ବିଜେପି ଶାସକ ମେଣ୍ଟରେ ଥିଲେ ହେଁ ଦଳର ଜଣେ ସାଂସଦ ମଧ୍ୟ ସରକାରଙ୍କ ଆଭିମୁଖ୍ୟକୁ ବିରୋଧ କରି ସଚିବାଳୟ ଉପରୁ ତଳକୁ ଡେଇଁଛନ୍ତି ।ଲୋକ ପ୍ରତିନିଧିମାନେ ନେଟରେ ପଡ଼ିବା ପରେ ପୁଣି ସଚିବାଳୟ ବିଲଡିଂ ଉପରକୁ ଚଢୁଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ସେମାନଙ୍କୁ ପୁଲିସ୍ ସହାୟତାରେ ସେଠାରୁ ଉଦ୍ଧାର କରାଯାଇଥିଲେ ।ଏହାପୂର୍ବରୁ ମନ୍ତ୍ରଣାଳୟରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକ ବେଳେ କିଛି ଆଦିବାସୀ ବିଧାୟକ ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଧାନଗର ସଂପ୍ରଦାୟର ଲୋକ ଏବେ ଓବିସି ବର୍ଗରେ ରହିଛନ୍ତି । ତେବେ ସେମାନଙ୍କୁ ଏସ୍ଟି ବର୍ଗରେ ସାମିଲ କରିବା ପାଇଁ ଦାବି ତୀବ୍ର ହେବାରେ ଲାଗିଛି ।

## ପାକିସ୍ତାନ ଗସ୍ତରେ ଯିବେ ଜୟଶଙ୍କର

**ନୂଆଦିଲ୍ଲୀ:** ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ପାକିସ୍ତାନ ଯିବେ । ଇସଲାମବାଦରେ ଆୟୋଜିତ ହେବାକୁ ଥିବା ସଙ୍ଘାଇ ସମ୍ମିଳନୀର ବାର୍ଷିକ ବୈଠକରେ ଯୋଗଦେବାକୁ ସେ ପାକିସ୍ତାନ ଗସ୍ତ କରିବେ । ଅଗଷ୍ଟ ୩୦ରେ ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଶ୍ଚିତ କରାଯାଇଥିଲା । ସଙ୍ଘାଇ ସମ୍ମିଳନୀରେ ଯୋଗଦେବା ପାଇଁ ପାକିସ୍ତାନ ନିମନ୍ତ୍ରଣ ପଠାଇଥିବା ନେଇ କେନ୍ଦ୍ର ସରକାର ସୂଚନା ଦେଇଥିଲେ । କିନ୍ତୁ ବୈଦେଶିକ ମନ୍ତ୍ରୀଙ୍କ ଗସ୍ତ ନେଇ ସ୍ପଷ୍ଟ କରାଯାଇନଥିଲା । ସେ ଅକ୍ଟୋବର ୧୫ ଏବଂ ୧୬ରେ ଏହି ବୈଠକରେ ଯୋଗଦେବାକୁ ପାକିସ୍ତାନ ଗସ୍ତ କରିବା ନେଇ ଆଜି ସ୍ପଷ୍ଟ କରାଯାଇଛି । ପ୍ରତିବର୍ଷ ସଙ୍ଘାଇ କର୍ପୋରେସନ ଅର୍ଗାନାଇଜେସନର ବୈଠକ ବସିଥାଏ । ଏହାର ସଦସ୍ୟ ରାଷ୍ଟ୍ରମାନେ ବୈଠକର ଅଧ୍ୟକ୍ଷତା କରନ୍ତି । ଚଳିତ ବର୍ଷ ପାକିସ୍ତାନ ଅଧ୍ୟକ୍ଷତା କରୁଛି । ତେଣୁ ଅକ୍ଟୋବରରେ ଇସଲାମବାଦରେ ଏସସିଓ ପରିଷଦର ସରକାରୀ ବୈଠକ ଆୟୋଜିତ ହେବ । ଏହି ବୈଠକରେ ଏସସିଓ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଅର୍ଥନୈତିକ, ସାମାଜିକ-ସାଂସ୍କୃତିକ ତଥା ମାନବିକ ସହଯୋଗ ଉପରେ ଆଲୋଚନା ହେବ ।୨୦୦୧ରେ ଋଷ, ଚୀନ୍, କିରଗିଜ୍ ରିପବ୍ଲିକ୍, କାଜାଖସ୍ତାନ, ତାଜିକିସ୍ତାନ ଏବଂ ଉଜବେକିସ୍ତାନର ରାଷ୍ଟ୍ରପତିଙ୍କ ଦ୍ୱାରା ସାଂଘାଇରେ ଏକ ଶିଖର ସମ୍ମିଳନୀରେ ଏସସିଓ ପ୍ରତିଷ୍ଠା କରାଯାଇଥିଲା । ୨୦୧୭ରେ ଭାରତ ଏବଂ ପାକିସ୍ତାନ ଏହାର ସ୍ଥାୟୀ ସଦସ୍ୟ ହୋଇଥିଲେ । ଗତ ବର୍ଷ ଜୁଲାଇରେ ଇରାନ ଏହାର ସ୍ଥାୟୀ ସଦସ୍ୟ ହୋଇଛି । ଏହି ସମୟରେ ଭାରତ ଅଧ୍ୟକ୍ଷତା କରିଥିଲା । କିନ୍ତୁ ଏହା ଭର୍ଚୁଆଲ ମୋଡରେ ଆୟୋଜିତ ହୋଇଥିଲା । ଭାରତ ଆୟୋଜିତ କରିଥିବା ବୈଠକରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଭିଡିଓ କନଫରେନ୍ସିଂ ଯୋଗେ ଯୋଗ ଦେଇଥିଲେ ।



# ବୃଦ୍ଧଙ୍କୁ ଯୁବକ କରିଦେବେ କହି ୩୫ କୋଟି ଲୁଟ୍

**କାନପୁର:** ବୟସ ଫେରାଇ ଆଣିବୁ, ଅଳ୍ପ କିଛି ମାସ ମଧ୍ୟରେ ବୁଢା ଲୋକଙ୍କୁ ଟୋକା କରିଦେବୁ କହି ୩୫ କୋଟି ଟଙ୍କା ଠକି ନେଇଛନ୍ତି ଏକ ଦମ୍ପତି । ଉତ୍ତର ପ୍ରଦେଶର ଏକ ଦମ୍ପତି ଇସ୍ରାଏଲ୍ ନିର୍ମିତ ଟାଇମ୍ ମେସିନ୍ ସହାୟତାରେ ବୟସ୍କ ଲୋକଙ୍କୁ ଯୁବକ କରିଦେବେ କହି କୋଟି କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି । ଏହି ଦମ୍ପତି ହେଉଛନ୍ତି ରାଜୀବ କୁମାର ଦୁବେ ଏବଂ ତାଙ୍କ ପତ୍ନୀ ରଶ୍ମୀ ଦୁବେ । ଏମାନେ କାନପୁରରେ ରିଭାଇଭାଲ ୱାର୍ଲ୍ଡ ନାମକ ଏକ ଥେରାପି ସେଣ୍ଟର ଖୋଲିଥିଲେ । ଏହି ଥେରାପି ସେଣ୍ଟରରେ ସେମାନେ ଇସ୍ରାଏଲରୁ ଅଣାଯାଇଥିବା ଏକ ମେସିନ ସହାୟତାରେ ୬୦ ବର୍ଷର ଲୋକଙ୍କୁ ୨୫ ବର୍ଷ ବୟସରେ ପରିଣତ କରିଦେବେ ବୋଲି କହିଥିଲେ । ସେମାନେ ଆହୁରି କହିଥିଲେ, ବର୍ତ୍ତମାନ ବାୟୁ ପ୍ରଦୂଷଣ କାରଣରୁ ଲୋକମାନେ ଶୀଘ୍ର ବୃଦ୍ଧ ହୋଇ ଯାଉଛନ୍ତ । ତେଣୁ ଏଥିପାଇଁ 'ଅକ୍ସିଜେନ ଥେରାପି' ବିକଶିତ କରାଯାଇଛି । ଏହି ଥେରାପି ମାଧ୍ୟମରେ ଅଳ୍ପ କିଛି ମାସ ମଧ୍ୟରେ ଜଣେ ବ୍ୟକ୍ତି ବୁଢାରୁ ଟୋକା ହୋଇଯିବେ ।ବରିଷ୍ଠ ପୁଲିସ ଅଧିକାରୀ ଅଞ୍ଜଳି ବିଶ୍ୱକର୍ମା କହିଛନ୍ତି, ଏହି ଦମ୍ପତି ଲୋକଙ୍କୁ ୧୦ଟି ସେସନରେ ଯୋଗଦେବାକୁ କହିଥିଲେ । ୧୦ଟି ସେସନରେ ଥେରାପି ସରିବା ପରେ ସେମାନେ ଯୁବକ ହୋଇଯିବେ



ବୋଲି କହିଥିଲେ ।ଏଥିପାଇଁ ୬ ହଜାର ଲେଖାଏଁ ତିନି ବର୍ଷ ପାଇଁ ୯୦ ହଜାର ଟଙ୍କା (ଅଫର୍ ସହ) ପଇଠ କରିବାକୁ କହିଥିଲେ । କିଛି ଲୋକ ମଧ୍ୟ ଏହି ସେସନରେ ସାମିଲ ହୋଇଥିଲେ । ଠକାମିର ଶିକାର ହେବା ପରେ ଅଭିଯୋଗ ଆଣିଥିବା ଜଣେ ମହିଳା କହିଛନ୍ତି, ସେ ଏହି ଦମ୍ପତିଙ୍କୁ ୧୦ ଲକ୍ଷ ୭୫ ହଜାର ଟଙ୍କା ଦେଇଛନ୍ତ । କେବଳ ସେ ନୁହଁନ୍ତି, ତାଙ୍କ ପରି ଅନେକ ଲୋକ ଏହି ଥେରାପିରେ ଭ୍ରମିତ ହୋଇ ଲକ୍ଷ ଲକ୍ଷ ଟଙ୍କା ଦେଇଥିବା କହିଛନ୍ତି । ଦୁବେ ଦମ୍ପତି ପ୍ରାୟ ୩୫ କୋଟି ଟଙ୍କା ଠକି ନେଇଥିବା ସେ ଅଭିଯୋଗ କରିଛନ୍ତି ।ସେ ଏନେଇ ପୁଲିସରେ ଅଭିଯୋଗ କରିବା ପରେ ମାମଲା ସାମ୍ନାକୁ ଆସିଛିଛ ପୁଲିସ ଅଭିଯୋଗ କ୍ରମେ ଦମ୍ପତିଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୧୮ (୪) (ଠକେଇ) ଆଧାରରେ ମାମଲା ରୁଜୁ କରି ଖୋଜାଖୋଜି କରୁଛି । ସେମାନେ ବିଦେଶ ଚାଲି ଯାଇଥିବା ପୁଲିସ ସନ୍ଦେହ କରୁଛି ।

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ପ୍ରତିଷ୍ଠା ଦିବସ ଓ ଶାରଦୀୟ ଦୁର୍ଗାପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ନୀଳକଣ୍ଠ ମହାନ୍ତି
ମା ପେଡି ଇଣ୍ଡଷ୍ଟ୍ରି
ଲଇଗାଁ, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ପ୍ରତିଷ୍ଠା ଦିବସ ଓ ଶାରଦୀୟ ଦୁର୍ଗାପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଅଶୋକ କୁମାର ଅଗ୍ରୱାଲା
ରାଣୀସତୀ ପେଡି ପ୍ରୋସେସିଂ ପ୍ରା.ଲି.
ପୁରୁଣାକଟକ, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ପ୍ରତିଷ୍ଠା ଦିବସ ଓ ଶାରଦୀୟ ଦୁର୍ଗାପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ପ୍ରେମାନନ୍ଦ ମିଶ୍ର (କୃଷ୍ଣଭାଇ)
ସାଧାରଣ ସଂପାଦକ
ଜିଲ୍ଲା ବିଜେପି, ବୌଦ୍ଧ

ଶୁଭେଚ୍ଛା ବାର୍ତ୍ତା
'ସମୟ'ର ପ୍ରତିଷ୍ଠା ଦିବସ ଓ ଶାରଦୀୟ ଦୁର୍ଗାପୂଜା ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶିବଶଙ୍କର ମିଶ୍ର
ଭବାନୀ ରାଇସ ମିଲ୍
ବିରାମଚନ୍ଦ୍ରପୁର, ବୌଦ୍ଧ

# ୭ ବର୍ଷ ପରେ ଫେରିଲା ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ,୪।୧୦ (ଏଜେନ୍ସି): ୭ ବର୍ଷ ପରେ ହକି ଇଣ୍ଡିଆ ଲିଗ୍ ଫେରିଛି । ପୁଣିଥରେ ହକିର ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ । ଡିସେମ୍ବର ୨୮ ତାରିଖରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ହକି ଇଣ୍ଡିଆ ଲିଗ୍ ଖେଳାଯିବ । ଏଥିପାଇଁ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଖେଳାଳି ନିଲାମ ହେବ । ଏଥର ଏଚ୍ଆଇଏଲ୍‌ର ପୁରୁଷ ବର୍ଗରେ ୮ଟି ଦଳ ସାମିଲ ହେବେ । ସେହିଭଳି ମହିଳା ୬ଟି ଦଳ ଖେଳିବେ । ଓଡ଼ିଶାର ରାଉରକେଲାରେ ପୁରୁଷ ଓ ଝାଡଖଣ୍ଡର ରାଞ୍ଚିରେ ମହିଳା ଲିଗ୍‌ର ସବୁ ମ୍ୟାଚ ଖେଳାଯିବ । ପୁରୁଷ ବର୍ଗର ୮ଟି ଯାକ ଦଳକୁ ବିଭିନ୍ନ ଫ୍ରାଞ୍ଚାଇଜ୍ କିଣିସାରିଛନ୍ତି । ସେହିଭଳି ମହିଳା ବର୍ଗରେ ୪ଟି ଦଳ ଘୋଷଣା ହୋଇସାରିଛି । ଆଉ ଦୁଇ ଦଳ ଘୋଷଣା କରାଯିବ । ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଦଳ ରହିବ । ଓଡ଼ିଶା ପୁରୁଷ ଦଳକୁ ବେଦାନ୍ତ ଲିମିଟେଡ କିଣିଥିବା ବେଳେ ମହିଳା ଦଳକୁ ନାଭାୟାମ ସ୍ପୋର୍ଟ୍ସ କିଣିଛି । ପୁରୁଷ ବର୍ଗରେ ଓଡ଼ିଶା ବ୍ୟତୀତ ଚେନ୍ନାଇ, ଲକ୍ଷ୍ନୌ, ପଞ୍ଜାବ, ହରିୟାଣା, ପଶ୍ଚିମବଙ୍ଗ, ଦିଲ୍ଲୀ, ହାଇଦ୍ରାବାଦ ଏବଂ ରାଞ୍ଚି ଦଳ ରହିଛି । ସେହିଭଳି ମହିଳା ବର୍ଗରେ ହରିୟାଣା, ପଶ୍ଚିମବଙ୍ଗ, ଦିଲ୍ଲୀ ଓ ଓଡ଼ିଶା ସମେତ ଆଉ ଦୁଇ ଦଳ ରହିବେ । ପ୍ରତି ଦଳରେ ୨୪ ଜଣ ଲେଖାଏଁ ଖେଳାଳି ତଥା ସେମାନଙ୍କ ମଧ୍ୟରେ ୧୬ ଜଣ ଭାରତୀୟ ଏବଂ ୮ ଜଣ ବିଦେଶୀ ଖେଳାଳି ରହିବେ । ଡିସେମ୍ବର ୨୮ ତାରିଖରେ ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ହକି ଇଣ୍ଡିଆ ଲିଗ୍ ଉଦ୍‌ଘାଟନ ସମାରୋହ ହେବ । ଫେବୃଆରୀ ୧ରେ ପୁରୁଷ ବର୍ଗର ଫାଇନାଲ ମ୍ୟାଚ ଖେଳାଯିବ । ମହିଳା ବିଭାଗର ଜାନୁଆରୀ ୨୬ରେ ରାଞ୍ଚିରେ ଖେଳାଯିବ ।

ପ୍ରକାଶଯୋଗ୍ୟ ଯେ, ଏଥର ପ୍ରଥମଥର ପାଇଁ ମହିଳା ହକିଦଳ, ହକି ଇଣ୍ଡିଆ ଲିଗ୍ ରେ ସାମିଲ୍ ହୋଇଥିବାବେଳେ ଓଡିଶାରୁ ମଧ୍ୟ ମହିଳା ହକିଟିମ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ । ଏହା ଓଡ଼ିଶାର ସମସ୍ତ ହକି କ୍ରୀଡାବିତ



ମାନଙ୍କପାଇଁ ଗର୍ବ ଓ ଗୌରବର ବିଷୟଛ୍ଚ ଟୁର୍ଣ୍ଣାମେଣ୍ଟରେ ମହିଳାଦଳ ସାମିଲ୍ ହେବା ଦ୍ୱାରା ମହିଳା କ୍ରୀଡ଼ାବିତମାନେ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ପାଇପାରିବେ ଏବଂ ଏହା ଆଗାମୀ ଭବିଷ୍ୟତର ସମସ୍ତ ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି । ଏଥିସହ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ହକି ଇଣ୍ଡିଆ ଲିଗ୍ (ପୁରୁଷ ବର୍ଗ)ର ମ୍ୟାଚ୍ ଦେଖିବା ପାଇଁ ଦେଶ ବିଦେଶରୁ ଅନେକ ହକି ପ୍ରେମୀ ଏକତ୍ରିତ ହେବାର ଆଶା କରାଯାଉଛି । ଓଡ଼ିଶାରେ ସମସ୍ତ କ୍ରୀଡା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ଏବଂ କ୍ରୀଡ଼ାବିତମାନେଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇଦେବା ପାଇଁ ସମସ୍ତ ପ୍ରୟାସ ଜାରି ରହିଛି ।

## କଳିଙ୍ଗ ଲାନ୍ସର୍ସ ଦଳର ମାଲିକାନା ହାସଲ କଲା ବେଦାନ୍ତ

ଓଡ଼ିଶାରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତ ଲିମିଟେଡ୍ ଦୀର୍ଘଦିନର ପ୍ରତିଶ୍ରୁତିକୁ ଦୃ କରି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରସ୍ଥିତ ଏକ ପ୍ରମୁଖ ହକି ଦଳ କଳିଙ୍ଗ ଲାନ୍ସର୍ସକୁ ଅଧିଗ୍ରହଣ କରିବାକୁ ଘୋଷଣା କରିଛି । ଉଲ୍ଲେଖଯୋଗ୍ୟ, ପୂର୍ବତନ ଏଚ୍ଆଇଏଲ୍ ଚାମ୍ପିୟନ 'କଳିଙ୍ଗ ଲାନ୍ସର୍ସ' ପୂର୍ବରୁ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍କୋ) ଏବଂ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍)ର ସହ-ମାଲିକାନାରେ ଥିବା ବେଳେ ବେଦାନ୍ତ ଆଲୁମିନିୟମ୍ ଏବେ ଦଳର ଉତ୍କର୍ଷତାର ପରମ୍ପରାକୁ ଆହୁରି ସୁଦୃଢ କରିବା ଏବଂ ଭବିଷ୍ୟତରେ ଏଚ୍ଆଇଏଲ୍ ଋତୁରେ ନିଜର ସ୍ଥିତିକୁ ଉନ୍ନତ କରିବା ଲକ୍ଷ୍ୟରେ ପୂର୍ଣ୍ଣ ମାଲିକାନା ଗ୍ରହଣ କରିଛି ।ବେଦାନ୍ତ ଲିମିଟେଡର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ହିନ୍ଦୁସ୍ତାନ ଜିଙ୍କ ଅଧ୍ୟକ୍ଷା ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି ଯେ ବେଦାନ୍ତରେ ଆମେ ଭାରତକୁ ଏକ ବିଶ୍ୱ



କ୍ରୀଡ଼ା ଶକ୍ତିରେ ପରିଣତ କରିବାକୁ ପ୍ରତିଶ୍ରୁତିବଦ୍ଧ । କଳିଙ୍ଗ ଲାନ୍ସର୍ସକୁ ଅଧିଗ୍ରହଣ କରିବା ପରେ ଆମେ କେବଳ ଦଳରେ ନୁହେଁ, ଭାରତୀୟ ହକିର ଭବିଷ୍ୟତରେ ମଧ୍ୟ ନିବେଶ କରୁଛୁ ।

### ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍

## କୋଣାର୍କ ସୂର୍ଯ୍ୟସର ଦ୍ୱିତୀୟ ବିଜୟ




ଜମ୍ମୁ,୪।୧୦ (ସବ୍ୟୁ): ଚଳିତ ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍‌ରେ କୋଣାର୍କ ସୂର୍ଯ୍ୟସ ଦ୍ୱିତୀୟ ବିଜୟ ହାସଲ କରିଛି । ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ସୂର୍ଯ୍ୟସ ୫ ରନ୍ ବ୍ୟବଧାନରେ କ୍ୟାପିଟାଲ୍ସକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ସୂର୍ଯ୍ୟସ ୨୦ ଓଭରରେ ୪ ୱିକେଟ୍ ହରାଇ ୧୨୭ ରନ୍ କରିଥିଲେ । କେଭିନ୍ ଓବ୍ରାଏମ୍ ୪୬ ବଲ୍‌ରୁ ୫୫ ରନ ସଂଗ୍ରହ କରିଥିବା ବେଳେ ଦିଲସାନ ମୁନା ବିରା ୩୩ ଓ ୟୁସୁଫ ପଠାନ ୧୨ ରନ୍ କରିଥିଲେ । ଇଣ୍ଡିଆ କ୍ୟାପିଟାଲ୍ସ ପକ୍ଷରୁ ସବୁଠୁ ସଫଳ ବୋଲର ଭାବରେ ଇକବାଲ ଅବଦୁଲ୍ଲା ୧୬ ରନରେ ୩ ୱିକେଟ୍ ନେଇଥିଲେ । ୧୨୮ ରନ୍‌ର ବିଜୟଲକ୍ଷକୁ ପିଛା କରି ଇଣ୍ଡିଆ କ୍ୟାପିଟାଲ୍ସ ନିର୍ଦ୍ଧାରିତ ଓଭରରେ ୭ ୱିକେଟ୍ ହରାଇ ୧୨୨ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଭାରତ ଜିପଲି ୪୮ ବଲ୍‌ରୁ ୪୧ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ଥିଲେ । ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର କୋଣାର୍କ ସୂର୍ଯ୍ୟସ ବୋଲରଙ୍କ ଉପଯୁକ୍ତ ମୁକାବିଲା କରିପାରିନଥିଲେ । ଇଅନ୍ ବେଲ ୧୦ ରନ୍ ଫଏଜ ଫଜଲ ୯ ରନ୍ ସଂଗ୍ରହ କରିଥିଲେ । ଭାରତ ଓ ବେଲଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ୨ ଅଙ୍କ ଛୁଇଁ ପାରିନଥିଲେ । ଦ୍ୱିବେସ ପଠାଣିଆ, କେଭନ କୁପର, ସାହାବାଜ ନଦିମ, ପ୍ରବୀଣ ତାମ୍ବି, କେପି ଆପ୍ପାନା ଏବଂ ୟୁସୁଫ ପଠାନ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ । କେଭିନ୍ ଲିଜେଣ୍ଡସ୍ ଅଫ୍ ଦ ମ୍ୟାଚ ଘୋଷିତ ହୋଇଥିଲେ । ଏହି ବିଜୟ ସହ ସୂର୍ଯ୍ୟସ ୫ ମ୍ୟାଚରୁ ୬ ପଏଣ୍ଟ ହାସଲ କରି ପୂର୍ବପରି ଦ୍ୱିତୀୟ ସ୍ଥାନରେ ରହିଛି ।




| TEAMS | MP | W | L | NR | NRR | PTS |
|---|---|---|---|---|---|---|
| SOUTHERN SUPERSTARS | 5 | 5 | 0 | 0 | +1.916 | 10 |
| KONARK SURYAS ODISHA | 5 | 2 | 1 | 2 | -0.432 | 6 |
| INDIA CAPITALS | 5 | 1 | 2 | 2 | -0.231 | 4 |
| MANIPAL TIGERS | 5 | 1 | 2 | 2 | -0.800 | 4 |
| GUJARAT GREATS | 4 | 1 | 2 | 1 | -1.190 | 3 |
| TOYAM HYDERABAD | 4 | 0 | 3 | 1 | -0.120 | 1 |

## ସାହାଣୀ କପ୍ ଫୁଟବଲ: ବରଗଡ଼-ମୟୂରଭଞ୍ଜ ଫାଇନାଲ

ଭୁବନେଶ୍ୱର,୪।୧୦(ସବ୍ୟୁ): ୬୩ତମ ସିନିୟର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନ୍‌ସିପ୍ ସାହାଣୀ କପ୍‌ର ଡବଲ ଲେଗ୍ ଫାଇନାଲ ଚୂଡାନ୍ତ ହୋଇଛି । ବାରିପଦା ଜୋନରେ ବରଗଡ଼, ମୟୂରଭଞ୍ଜ ମଧ୍ୟରେ ପ୍ରଥମ ଏବଂ ସୁନ୍ଦରଗଡ଼ ଜୋନରେ ଦ୍ୱିତୀୟ ଫାଇନାଲ ଖେଳାଯିବ । ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବରଗଡ଼ ୪-୦ ଗୋଲ୍‌ରେ ରାଉରକେଲା ଷ୍ଟିଲପ୍ଲାଣ୍ଟକୁ ଏବଂ ଦ୍ୱିତୀୟ ସେମିରେ ମୟୂରଭଞ୍ଜ ୫-୩ ଟାଇବ୍ରେକର ଗୋଲ୍‌ରେ କଟକକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ବରଗଡ଼ ଜୋନ୍‌ରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବରଗଡ଼ ୪-୦ ଗୋଲ୍‌ରେ ରାଉରକେଲା ଷ୍ଟିଲପ୍ଲାଣ୍ଟକୁ ହରାଇଥିଲା । ବିଜୟୀ ବରଗଡ଼ ପକ୍ଷରୁ ଜିତୁ ମୁଦୁଲି ୪୮, ୬୧ ଓ ୭୧ତମ ମିନିଟ୍‌ରେ ହ୍ୟାଟ୍ରିକ୍ ଗୋଲ୍ କରିଥିଲେ । ଚନ୍ଦ୍ର ମୁର୍ମୁ ୮୧ ମିନିଟ୍‌ରେ ଗୋଟିଏ ଗୋଲ୍ ଦେଇଥିଲେ । ସେହିଭଳି ବାରିପଦା ଜୋନ୍‌ରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ମୟୂରଭଞ୍ଜ ୫-୩ ଟାଇବ୍ରେକର ଗୋଲ୍‌ରେ କଟକକୁ ହରାଇଛି ।

## ପାଣ୍ଡ୍ୟାଙ୍କ ବୋଲିଂ ଆକସନରେ ଖୁସି ନାହାନ୍ତି କୋଚ୍

ନୂଆଦିଲ୍ଲୀ,୪।୧୦ (ଏଜେନ୍ସି): ଟିମ୍ ଇଣ୍ଡିଆର ନୂଆ ବୋଲିଂ କୋଚ ମର୍ଣ୍ଣ ମୋର୍କେଲ ବାଂଲାଦେଶ ବିପକ୍ଷ ଟି-୨୦ ଶୃଙ୍ଖଳା ପୂର୍ବରୁ ବୋଲରଙ୍କୁ ଟ୍ରେଣ୍ଡ କରିବାରେ ଲାଗିଛନ୍ତି । ଦଳରେ ଥିବା ଭାରତୀୟ ଖେଳାଳିମାନେ ମଧ୍ୟ ନେଟସ୍‌ରେ ଝାଳ ବୁହାଇଥିଲେ । ଦଳରେ ଥିବା ଷ୍ଟାର ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବାଂଲାଦେଶ ବିପକ୍ଷ ଟି-୨୦ରେ ବୋଲିଂ କରିବାକୁ ବେସ୍ ପରିଶ୍ରମ କରିଛନ୍ତି । କିନ୍ତୁ କୁହାଯାଇଛି ଯେ, ପାଣ୍ଡ୍ୟାଙ୍କ ବୋଲିଂ ଦେଖି ମୋର୍କେଲ ଖୁସି ନାହାନ୍ତି । ସଂଶୋଧନ ପାଇଁ ଉଭୟ ବେଶ କିଛି ସମୟ ନେଟ୍ସରେ ଆଲୋଚନା କରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ଷ୍ଟମ୍ପର ଅତି ନିକଟରୁ ବୋଲିଂ କରିଥିଲେ । ଏହା ମୋର୍କେଲଙ୍କୁ ପସନ୍ଦ ଆସୁନାହିଁ । ଗ୍ୱାଲିୟରରେ ୬ ତାରିଖରେ ପ୍ରଥମ ମ୍ୟାଚ ଖେଳାଯିବ । ସେହିପରି ଭାରତୀୟ ଦଳ ୩ ତାରିଖରୁ ନେଟ୍ସ ଆରମ୍ଭ କରିଛି । ନେଟ୍ସ ସେ ସବୁ ସତ୍ତ୍ୱେ ମୋର୍କେଲ ବେଶ ଧ୍ୟାନର ସହ ପାଣ୍ଡ୍ୟାଙ୍କ ଉପରେ ନଜର ରଖିଥିଲେ ।

### କିସରେ ଐତିହାସିକ ଭଲିବଲ୍ ମହୋତ୍ସବ ଉଦ୍‌ଘାଟିତ

## ଯୋଗଦେଲେ ୫ହଜାର ଖେଳାଳି

ଭୁବନେଶ୍ୱର,୪।୧୦ (ସବ୍ୟୁ): ସର୍ବାଧିକ ୫ହଜାର ଖେଳାଳିଙ୍କୁ ନେଇ ବିଶ୍ୱର ସର୍ବ ବୃହତ ଭଲିବଲ୍ ପ୍ରତିଯୋଗିତା 'କିସ୍ ଭଲିବଲ୍ ମହୋତ୍ସବ' ଶୁକ୍ରବାର କିସରେ ଉଦ୍‌ଘାଟିତ ହୋଇଯାଇଛି । କିଟ୍, କିସ୍ ଓ ଆନ୍ତର୍ଜାତିକ ଭଲିବଲ୍ ସଂଘ ମିଳିତ ଆନୁକୂଲ୍ୟରେ ଏହି ଐତିହାସିକ ଭଲିବଲ୍ ମହୋତ୍ସବ ଆୟୋଜନ କରାଯାଇଛି । ଆନ୍ତର୍ଜାତିକ ଭଲିବଲ୍ ସଂଘ 'ଏଫ୍ଆଇଭିବି'ର ସଭାପତି ଡ. ଆରି ଗ୍ରାସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହାଇଦ୍ରାବାଦସ୍ଥିତ ଆମେରିକା କନ୍ସୁଲ୍ ଜେନେରାଲ୍ ଜେନିଫର ଲାର୍ସନ, ଏଫ୍ଆଇଭିବି ଜେନେରାଲ୍ ଡାଇରେକ୍ଟର ଫାବିଓ ଆଜେଭେଦୋ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍



ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ଓ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଯୋଗଦେଇ ଏଥିରେ ଅଂଶଗ୍ରହଣ କରିଥିବା ଦେଶର ବିଭିନ୍ନ ରାଜ୍ୟର ୫ହଜାରରୁ ଊର୍ଦ୍ଧ୍ୱ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

ଖେଳାଳିଙ୍କୁ ଉଦ୍‌ବୋଧନ ଦେଇ ଡ. ଗ୍ରାସା କହିଲେ, ଭଲିବଲ ଜରିଆରେ ଏଫ୍ଆଇଭିବି ସମାଜର ସେବା କରିବା ପାଇଁ ଲକ୍ଷ୍ୟ ରଖିଛି । କିସ୍ ଭଲିବଲ ମହୋତ୍ସବ ଜରିଆରେ ଏଫ୍ଆଇଭିବିର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । କିସ୍ ପରିଦର୍ଶନ କରି ଏବଂ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଦେଖି ସନ୍ତୋଷ ବ୍ୟକ୍ତ କରିବା ସହ କିସ୍ ଭଳି ଅନୁଷ୍ଠାନ ବିରଳ ବୋଲି ସେ କହିଥିଲେ । ଏହା ସହ ଅହିଂସା ଜରିଆରେ ଭଲିବଲ୍ ହିଁ ବିଶ୍ୱରେ ଶାନ୍ତି ଆଣିପାରିବ ବୋଲି ଡ. ଗ୍ରାସା କହିଥିଲେ ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୂଚନା ଦେଇ କହିଥିଲେ ଏହି ମହୋତ୍ସବରେ ୫ହଜାର ଖେଳାଳି ଯୋଗ ଦେଇଥିବା ବେଳେ ୪୦ହଜାର ଦର୍ଶକ ଏହାକୁ ଉପଭୋଗ କରୁଛନ୍ତି । ଡ. ଗ୍ରାସା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ଶ୍ରୀ ସାମନ୍ତ ତାଙ୍କୁ ଧନ୍ୟବାଦ ଦେବା ସହ ଭାରତକୁ ପ୍ରଥମଥର ପାଇଁ ଆସିଛନ୍ତି କେବଳ କିଟ୍ ଓ କିସ୍ ଭଲିବଲ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାରୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ ନିମନ୍ତେ ସର୍ବାଧିକ ଖେଳାଳିଙ୍କୁ ନେଇ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଏହି ଅବସରରେ ଓଡ଼ିଶା ତଥା ଭାରତରେ ଭଲିବଲର ବିକାଶ ପାଇଁ କିସ୍ ଏଫ୍ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହା ଦ୍ୱାରା କିସରେ ଥିବା ଭଲିବଲ ଭିତ୍ତିଭୂମିକୁ ଉପଯୋଗ କରି ବହୁ ସଂଖ୍ୟକ ଭଲିବଲ୍ ଖେଳାଳି ସୃଷ୍ଟି ହୋଇପାରିବେ । ଏହା ସହିତ ଭଲିବଲ୍ ଖେଳାଳିଙ୍କ ପ୍ରୋତ୍ସାହନ ନିମନ୍ତେ କିଟ୍ ଓ କିସ୍ ପକ୍ଷରୁ 'ସାମନ୍ତ-ଗ୍ରାସା' ମେଧାବୃତ୍ତି ଘୋଷଣା କରାଯାଇଥିଲା । ଏହା ଦ୍ୱାରା ଭଲ ପ୍ରଦର୍ଶନ କରୁଥିବା ବିଶ୍ୱର ୨/୩ଜଣ ଭଲିବଲ୍ ଖେଳାଳିଙ୍କୁ କିଟ୍ ଓ କିସ୍ ପକ୍ଷରୁ ସ୍ନାତକ ବା ସ୍ନାତକୋତ୍ତର ଶିକ୍ଷା ପାଇଁ ପୃଷ୍ଠପୋଷକତା ଯୋଗାଇ ଦିଆଯିବ ବୋଲି ଶ୍ରୀ ସାମନ୍ତ ଘୋଷଣା କରିଥିଲେ ।

### ମହିଳା ଟି-୨୦ ବିଶ୍ୱକପ୍

## ଦ.ଆଫ୍ରିକାର ଏକତରଫା ବିଜୟ

ଶାରଝା,୪।୧୦ (ଏଜେନ୍ସି): ବାଂଲାଦେଶ ପରିବର୍ତ୍ତେ ୟୁଏଇରେ ଚାଲିଥିବା ଟି-୨୦ ମହିଳା ବିଶ୍ୱକପ୍‌ରେ ଦ.ଆଫ୍ରିକା ଏକତରଫା ବିଜୟ ହାସଲ କରିଛି । ଗ୍ରୁପ୍ ବିରେ ଥିବା ଦ.ଆଫ୍ରିକା ତାର ପ୍ରଥମ ମ୍ୟାଚରେ ୱେଷ୍ଟଇଣ୍ଡିଜ୍‌କୁ ୧୦ ୱିକେଟ୍‌ରେ ହରାଇଛି । ଏହି ବିଜୟରୁ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି । ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଦ.ଆଫ୍ରିକା ମାତ୍ର ୧୧୮ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ଅଟକାଇ ଦେଇଥିଲା । ଦଳ ପକ୍ଷରୁ ଏନ୍ ମାମ୍ବା ୨୯ ରନ୍ ଦେଇ ୪ ୱିକେଟ୍ ନେଇଥିଲେ । ଏହି ମ୍ୟାଚ ବିଜୟୀ ଇନିଂସ ପାଇଁ ତାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଏମ୍ ଟେଲର ଅପରାଜିତ ୪୪ ରନ୍ କରିଥିଲେ । କୌଣସି ଖେଳାଳି ଭଲ ପ୍ରଦର୍ଶନ ଦେଖାଇ ପାରିନଥିଲେ । ସମ୍ପୂର୍ଣ୍ଣ ଟିମ୍ ୧୧୮ ରନ୍‌ରେ ଅଟକି ଯାଇଥିଲା । ୧୧୯ ରନ୍‌ର ବିଜୟଲକ୍ଷ୍ୟକୁ ଅଧିନାୟକ ଲୌରା ଓ ଅନ୍ୟତମ ଓପନର ତାଜମିନ ବ୍ରିଡ୍‌ସ ସହଜରେ ହାସଲ କରିନେଇଥିଲେ । ଲୌରା ୫୫ ବଲ୍‌ରେ ୫୯, ତାଜମିନ୍ ୫୨ ବଲ୍‌ରେ ୫୭ ରନର ଇନିଂସ ଖେଳି ମ୍ୟାଚ ଶେଷ କରିଥିଲେ । ବିନା ୱିକେଟ ପତନରେ ଦଳ ୧୩ଟି ବଲ୍‌ରୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ଯାଇଥିଲେ । ଏହି ଯୋଡିକୁ ଭାଙ୍ଗିବା ପାଇଁ ୱେଷ୍ଟଇଣ୍ଡିଜ୍ ଦଳ ଅଧିନାୟକ ହେଲି ମାଥ୍ୟୁସ ବାରମ୍ବାର ପରିବର୍ତ୍ତନ କରିଥିଲେ ହେଁ, କୌଣସି ସୁଫଳ ମିଳିନଥିଲା । ଲୌରା ତାଙ୍କ ୫୯ ରନ୍‌ର ଇନିଂସରେ ୭ଟି, ଚୌକା ଓ ତାଜମିନ୍ ୫୭ ରନ୍‌ର ଇନିଂସରେ ୬ଟି ଚୌକା ଓ ଛକା ମାରିଥିଲେ ।










Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541